ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଆଜି ମହାଷ୍ଟମୀ

ପୃଷ୍ଠା-୮+୮

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୩୦/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Tuesday, September 30/2025 Page 16 ₹ 7.00 | DHENKANAL

୫୧ଶ ଭାଗ ୩୦୬ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 306 ମୂଲ୍ୟ ₹୭/-


# ପ୍ରତି ପଞ୍ଚାୟତରେ ହେବ ଆଦର୍ଶ ବିଦ୍ୟାଳୟ



## ପ୍ରଥମ ପର୍ଯ୍ୟାୟରେ ହେବ ୨୨୦୦ ମଡେଲ ସ୍କୁଲ, ଖର୍ଚ୍ଚ ହେବ ୧୨ ହଜାର କୋଟି

## ୪ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମୋହର

**ପଞ୍ଚାୟତ ସ୍ତରରେ ଗୁଣାତ୍ମକ ଶିକ୍ଷା ଏବଂ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୋମବାର ରାଜ୍ୟ କ୍ୟାବିନେଟ୍ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ପ୍ରତି ପଞ୍ଚାୟତରେ ନିର୍ମାଣ ହେବ ଆଦର୍ଶ ବିଦ୍ୟାଳୟ (ମଡେଲ ସ୍କୁଲ)। ପ୍ରଥମ ପର୍ଯ୍ୟାୟରେ ଏଭଳି ୨୨୦୦ ବିଦ୍ୟାଳୟ ତିଆରି ହେବ, ଯାହା ବାବଦରେ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ସେହିପରି ସମସ୍ତ ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ବାଧ୍ୟତାମୂଳକ, ଘଟଗାଁ ମା'ତାରିଣୀ ମନ୍ଦିର ପାରିପାର୍ଶ୍ୱିକ ବିକାଶ, ଓଭରଟାଇମ୍ କାର୍ଯ୍ୟ ପାଇଁ ମଜୁରି ହାର ଦ୍ୱିଗୁଣିତ ହେବା ନେଇ ନିଷ୍ପତ୍ତି ନିଆଯାଇଛି।**

ଭୁବନେଶ୍ୱର, ୨୯।୯ (ରବିନାରାୟଣ ଜେନା)

ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା, ଶ୍ରମ ଏବଂ ପୂର୍ତ୍ତ ବିଭାଗର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଓ ମୌଳିକ ଶିକ୍ଷା ଯୋଗାଇବା ସରକାରଙ୍କ ଦାୟିତ୍ୱ। ଏହି ଦାୟିତ୍ୱକୁ ଠିକଣା ଢଙ୍ଗରେ ପାଳନ କରିବା ହେଉଛି ଗୋଦାବରୀଶ ଆଦର୍ଶ ☞ ପୃଷ୍ଠା-୪

# ରାତିରେ କାର୍ଯ୍ୟ କରିପାରିବେ ମହିଳା

## ଓଭରଟାଇମ୍ କାର୍ଯ୍ୟ କଲେ ଦ୍ୱି'ଗୁଣରୁ ଅଧିକ ଦରମା ବାଧ୍ୟତାମୂଳକ

ଭୁବନେଶ୍ୱର, ୨୯।୯ (ରବିନାରାୟଣ ଜେନା)

ରାଜ୍ୟରେ ବେସରକାରୀ ପ୍ରତିଷ୍ଠାନ ଓ ବିଭିନ୍ନ ବାଣିଜ୍ୟିକ ଅନୁଷ୍ଠାନରେ ଶ୍ରମିକମାନଙ୍କ ସ୍ୱାର୍ଥକୁ ସୁରକ୍ଷିତ କରିବା ଏବଂ ମହିଳାମାନେ ଯେପରି ରାତିରେ କାର୍ଯ୍ୟ କରିପାରିବେ ସେନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସୋମବାର ଲୋକସେବାଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଦୁଇଟି ଶ୍ରମ ଆଇନର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ଶିଳ୍ପ ଓ ବ୍ୟବସାୟକୁ ସହଜସାଧ୍ୟ କରିବା ଏବଂ ଅଧିକ ଆର୍ଥିକ କାର୍ଯ୍ୟକଳାପ ସୃଷ୍ଟି କରିବା ଲାଗି ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ-୧୯୫୬ ଓ କାରଖାନା ଆଇନ-୧୯୪୮ରେ କେତେକ ସଂଶୋଧନ କରିଛନ୍ତି। ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ-୧୯୫୬ର ସଂଶୋଧନ ଅନୁଯାୟୀ, ଏଣିକି ରାତିରେ ମହିଳା କର୍ମଚାରୀମାନେ କାର୍ଯ୍ୟ ☞ ପୃଷ୍ଠା-୪

## ଶାରଦୀୟ ଅଭିନନ୍ଦନ

**ଆଜି ମହାଷ୍ଟମୀ:** ଏହି ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଏବଂ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

# ଶିରୀଶ ଚନ୍ଦ୍ର ମୁର୍ମୁ ଆର୍‌ବିଆଇ ନୂଆ ଡେପୁଟି ଗଭର୍ନର



ନୂଆଦିଲ୍ଲୀ, ୨୯।୯ (ପି.ଟି.)

କେନ୍ଦ୍ର ସରକାର ଓଡ଼ିଶାର ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଡେପୁଟି ଗଭର୍ନର ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ବର୍ତ୍ତମାନର ଡେପୁଟି ଗଭର୍ନର ଏମ୍. ରାଜେଶ୍ୱର ରାଓଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଅକ୍ଟୋବର ୮ରେ ଶେଷ ହେଉଥିବାବେଳେ ତାଙ୍କ ସ୍ଥାନରେ ମୁର୍ମୁ ଅକ୍ଟୋବର ୯ରୁ କାର୍ଯ୍ୟଭାର ଗ୍ରହଣ କରିବେ। ୩ ବର୍ଷ ପାଇଁ ମୁର୍ମୁଙ୍କ ନିଯୁକ୍ତିକୁ କ୍ୟାବିନେଟର ନିଯୁକ୍ତି କମିଟି ମଞ୍ଜୁରୀ ପ୍ରଦାନ କରିଛି। ☞ ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ତମାଖୁ ଯନ୍ତ୍ରା










## ମ୍ୟାନ୍‌ମାର ଅପରାଧ ଗ୍ୟାଙ୍ଗ୍‌ର ୧୧ ସଦସ୍ୟଙ୍କୁ ଚାଇନାରେ ମୃତ୍ୟୁ ଦଣ୍ଡାଦେଶ

ବେଜିଂ,୨୯।୯

ମ୍ୟାନ୍‌ମାରର ଏକ ପରିବାର ଦ୍ୱାରା ପରିଚାଳିତ ଅପରାଧ ଗ୍ୟାଙ୍ଗ୍‌ର ୩୯ ସଦସ୍ୟଙ୍କୁ ଚାଇନାର ଏକ ଅଦାଲତ ସୋମବାର ଦୋଷୀସାବ୍ୟସ୍ତ କରିବା ସହ ୧୧ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ଗ୍ୟାଙ୍ଗ୍ ଚାଇନାର ୪ ନାଗରିକଙ୍କୁ ହତ୍ୟା କରିବା ସହ ଅନ୍ୟ ୬ ଜଣଙ୍କୁ ଆହତ କରିଥିବା ଅଭିଯୋଗ ହୋଇଥିଲା। ଝେଜିଆଙ୍ଗ୍ ପ୍ରଦେଶର ୱେନ୍‌ଝୋଉ ଇଣ୍ଟରମିଡିଏଟ୍ ପିପୁଲ୍ସ କୋର୍ଟ ଜାଲିଆତି, ଉଦ୍ଦେଶ୍ୟମୂଳକ ହତ୍ୟାକାଣ୍ଡ ଓ ଆହତ କରିବା ଭଳି ୧୪ଟି ଅପରାଧରେ ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରିଛି। ଗ୍ୟାଙ୍ଗ୍‌ର ୨ ରିଙ୍ଗ୍‌ଲିଡରଙ୍କ ସମେତ ୧୧ ଜଣଙ୍କୁ ମୃତ୍ୟୁଦଣ୍ଡ ମିଳିଥିବାବେଳେ ଅନ୍ୟ ୫ ଜଣଙ୍କୁ ୨ ବର୍ଷର ଆଶ୍ୱସ୍ତି ସହ ମୃତ୍ୟୁଦଣ୍ଡ ଏବଂ ୧୧ ଜଣଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ମିଳିଛି। ଏହା ବ୍ୟତୀତ ଅନ୍ୟମାନଙ୍କୁ ୫ରୁ ୨୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି।

## ୨୧ ମହଲାରୁ ଡେଇଁ ଟ୍ରେନି ଡାକ୍ତରଙ୍କ ଆତ୍ମହତ୍ୟା


ଶିବା

ନଏଡା, ୨୯।୯

ଉତ୍ତରପ୍ରଦେଶ ଗ୍ରେଟର ନଏଡାର ଗୌର ସିଟି ୨ସ୍ଥିତ ଏକ ବହୁତଳ କୋଠାର ୨୧ତମ ମହଲାରୁ ଡେଇଁ ଟ୍ରେନିଂ ଡାକ୍ତର ଶିବା (୨୯) ସୋମବାର ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଆତ୍ମହତ୍ୟାର କାରଣ ଖୋଜୁଛି। ଶିବା ନିଜ ଘର ବାଲ୍‌କୋନିରୁ ଡେଇଁବା ବେଳେ ତାଙ୍କ ମାଆବାପା ଅନ୍ୟ ରୁମ୍‌ରେ ଥିଲେ। ଦିଲ୍ଲୀର ଏକ ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ୍ କରିଥିବା ଶିବା ୨୦୨୦ରେ ମାନସିକ ରୋଗାକ୍ରାନ୍ତ ହେବାରୁ ଟ୍ରେନିଂକୁ ଅଧାରୁ ଛାଡ଼ିବାକୁ ପଡ଼ିଥିଲା। ତେଣୁ ସେ ଅବସାଦ ମଧ୍ୟରେ ରହୁଥିଲେ ବୋଲି ପରିବାର ଲୋକେ କହିଛନ୍ତି।

### ଦିଲ୍ଲୀରେ ଆଜି


ଦିଲ୍ଲୀର ରାଜୌରୀ ଗାର୍ଡେନ ଅଞ୍ଚଳରେ ସୋମବାର ଜଣେ କାରିଗର ଦଶହରା ପାଇଁ ରାବଣ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ – ଚମନ ଗୌତମ)

# ପାକ୍ ସରକାର ବିରୋଧରେ ବିକ୍ଷୋଭ

### ସେନା ଗୁଳିରେ ୨ ମୃତ, ୨୨ ଆହତ



ମୁଜାଫରାବାଦ,୨୯।୯

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ର ମୁଜାଫରାବାଦରେ ପାକିସ୍ତାନ ସରକାରଙ୍କ ବିରୋଧରେ ସୋମବାର ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟି ୨ ଜଣଙ୍କ ମୃତ୍ୟୁ ହେବା ସହ ୨୨ ଜଣ ଆହତ ହୋଇଛନ୍ତି। ମୌଳିକ ଅଧିକାର ପାଇଁ ଦାବି କରୁଥିବା ନାଗରିକମାନଙ୍କୁ ଉପରେ ପାକ୍ ସେନା ଏବଂ ଆଇଏସ୍‌ଆଇ ସମର୍ଥିତ ମୁସ୍‌ଲିମ୍ କନ୍‌ଫରେନ୍ସ ପକ୍ଷରୁ ଗୁଳିଚାଳନା କରାଯାଇଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ମୁଜାଫରାବାଦର ରାସ୍ତାରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଦେଖାଯାଇଥିବାବେଳେ ହିଂସାକାଣ୍ଡର ଭିଡିଓ ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ଅନ୍‌ଲାଇନରେ ଶେୟାର କରିଛନ୍ତି। ଗୋଟିଏ ଭିଡିଓରେ ଜଣେ ବ୍ୟକ୍ତି ଫାଙ୍କା ଗୁଳିଚାଳନା କରୁଥିବାବେଳେ ଅନ୍ୟମାନେ ଏକ କାର୍ ଉପରେ ଚଢ଼ିଥିବା ଓ ଅନ୍ୟ ବିକ୍ଷୋଭକାରୀମାନେ ଏହାକୁ ଘେରିଯାଇ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ପିଓକେ ଜନସାଧାରଣ ମୌଳିକ ଅଧିକାରରୁ ବଞ୍ଚିତ ହୋଇଥିବାରୁ ଏହାର ପ୍ରତିବାଦରେ ଆୱାମୀ ଆକ୍ସନ କମିଟି (ଏଏସି) ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭବେଳେ ଦୋକାନ ବଜାର ଏବଂ ପରିବହନ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପିଓକେ ବିଧାନସଭାରେ ପାକିସ୍ତାନରେ ରହୁଥିବା କଶ୍ମୀରୀ ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ ଥିବା ୧୨ ଆସନ ଉଚ୍ଛେଦ ସମେତ ବିକ୍ଷୋଭକାରୀ ମୋଟ ୩୮ଟି ଦାବି କରିଛନ୍ତି। ସବ୍‌ସିଡିରେ ଅଟା ଏବଂ ଶସ୍ତା ବିଜୁଳି ଯୋଗାଣ ସହ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଆମ ଲୋକମାନଙ୍କୁ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଛି। ଅଧିକାର ପ୍ରଦାନ ନ କଲେ ସରକାର ଲୋକଙ୍କ ଆକ୍ରୋଶର ଶିକାର ହେବେ ବୋଲି ଏଏସି ନେତା ଶୌକତ ନୱାଜ ମୀର୍ କହିଛନ୍ତି। ସେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନ ସେମାନଙ୍କର ପ୍ଲାନ୍–ଏ, ଯାହା ଲୋକଙ୍କ ଧୈର୍ଯ୍ୟଚ୍ୟୁତି ହୋଇଥିବାର ବାର୍ତ୍ତା ଦେଉଛି। ଏହା ପରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସେ କହିଛନ୍ତି।

ଆନ୍ଦୋଳନକୁ ଦମନ କରିବା ପାଇଁ ପାକ୍ ସେନା ଏବଂ ଆଇଏସ୍‌ଆଇ ସମର୍ଥିତ ମୁସଲିମ୍ କନ୍‌ଫରେନ୍ସର ଗୁଣ୍ଡାମାନେ ଏଏସିର ନିରୀହ ଲୋକଙ୍କ ଉପରେ ଗୁଳି ଚଳାଇଥିଲେ। ସଶସ୍ତ୍ର ବଳ ପକ୍ଷରୁ ପିଓକେ ସହରଗୁଡ଼ିକରେ ଫ୍ଲାଗ୍‌ମାର୍ଚ୍ଚ କରାଯିବା ସହ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ପଞ୍ଜାବ ପ୍ରଦେଶରୁ ଅନେକ ହଜାର ସୈନ୍ୟଙ୍କୁ ପିଓକେ ପଠାଯାଇଛି। ଏଥିସହିତ ରାଜଧାନୀ ଇସ୍‌ଲାମାବାଦରୁ ଅତିରିକ୍ତ ୧,୦୦୦ ସୈନ୍ୟ ଆସିଛନ୍ତି। ପାକ୍ ସରକାର ଉକ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଛନ୍ତି।

## ୟୁପିରେ ଅନରକିଲିଂ: ଝିଅକୁ ହତ୍ୟାକଲେ ବାପା

ମୁଜାଫରନଗର, ୨୯।୯ (ପି.ଟି.)

ଉତ୍ତରପ୍ରଦେଶର ଶାମ୍‌ଲି ଜିଲାର କାନ୍ଧଲା ଥାନା ଆମ୍ବେହତା ଗ୍ରାମରେ ସୋମବାର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ବାପା ଗୁଳିକରି ହତ୍ୟା କରିଛନ୍ତି। ଏନେଇ ଶାମ୍‌ଲି ଏସ୍‌ପି ଏନ୍.ପି. ସିଂ ସୂଚନା ଦେଇଛନ୍ତି। ମୃତ ନାବାଳିକା ଜଣକ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ମୁସ୍କାନ ବୋଲି ଜଣାପଡ଼ିଛି। ରବିବାର ସନ୍ଧ୍ୟାରେ ମୁସ୍କାନ ନିଜ ପ୍ରେମିକଙ୍କ ସହ ଫୋନ୍‌ରେ ଚାଟିଂ କରୁଥିବା ବେଳେ ଏହାକୁ ତାଙ୍କ ବାପା ଜୁଲ୍‌ଫାମ ଦେଖି ଉତ୍ତେଜିତ ହୋଇଯାଇଥିଲେ। ପରେ ସେ ନିଜ ୧୫ ବର୍ଷୀୟ ପୁଅର ସହଯୋଗରେ ମୁସ୍କାନଙ୍କୁ ଜବରଦସ୍ତ ଘରର ଉପର ମହଲାକୁ ନେଇ ସେଠାରେ ଗୁଳି କରିଥିଲେ। ଘଟଣାକୁ ନେଇ ମାମଲା ରୁଜୁ କରାଯିବା ସହ ମୁସ୍କାନଙ୍କ ବାପା ଓ ଭାଇଙ୍କୁ ଗିରଫ କରାଯାଇଥିବା ଶାମ୍‌ଲି ଏସ୍‌ପି କହିଛନ୍ତି। ପଡ଼ୋଶୀଙ୍କ ସୂଚନା ମୁତାବକ, ମୁସ୍କାନ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହ ରିଲେଶନ୍‌ଶିପରେ ଥିଲେ, ଯାହାକୁ ତାଙ୍କ ପରିବାର ଲୋକେ ବିରୋଧ କରୁଥିଲେ। ପରିବାରର ନାମ ଖରାପ କରିଥିବାରୁ ସେ ଝିଅକୁ ହତ୍ୟା କରିଥିବା ନେଇ ଜୁଲ୍‌ଫାମ ପୋଲିସ ସମ୍ମୁଖରେ କହିଛନ୍ତି।

## ସମ୍ରାଟ ଚୌଧୁରୀଙ୍କ ଗିରଫଦାରୀ ଦାବିକଲେ ପ୍ରଶାନ୍ତ କିଶୋର

ପାଟନା, ୨୯।୯

ଖୁବ୍‌ଶୀଘ୍ର ବିହାର ବିଧାନସଭା ନିର୍ବାଚନ ଘୋଷଣା ହେବାକୁ ଥିବାବେଳେ ସୋମବାର ଜନସୂରାଜ ପାର୍ଟିର ମୁଖ୍ୟ ପ୍ରଶାନ୍ତ କିଶୋର ରାଜ୍ୟର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ୧୯୯୫ରେ ୬ ଜଣଙ୍କ ହତ୍ୟା ହୋଇଥିବା ତାରାପୁର ହତ୍ୟାକାଣ୍ଡ ମାମଲାରେ ସମ୍ରାଟ ଅଭିଯୁକ୍ତ ଥିବା ପ୍ରଶାନ୍ତ କହିଛନ୍ତି। ତେଣୁ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ତୁରନ୍ତ ବରଖାସ୍ତ କରିବା ସହ ତାଙ୍କର ଗିରଫଦାରୀ ହେଉ ଅନ୍ୟଥା ସେ ରାଜ୍ୟପାଳଙ୍କୁ ଭେଟି ଏହି ପ୍ରସଙ୍ଗ ଉଠାଇବେ ବୋଲି ପ୍ରଶାନ୍ତ କହିଛନ୍ତି। ସମ୍ରାଟଙ୍କ ମ୍ୟାଟ୍ରିକ ପରୀକ୍ଷାର ଆଡମିଟ୍ କାର୍ଡ ଅନୁଯାୟୀ ସେ ୧୯୮୧ ମେ' ୧ରେ ଜନ୍ମ ହୋଇଛନ୍ତି। ତାରାପୁର ହତ୍ୟାକାଣ୍ଡର ତଦନ୍ତ ବେଳେ ଏହାକୁ ପ୍ରମାଣ ସ୍ୱରୂପ ଦେଖାଇ ସମ୍ରାଟ ନିଜକୁ ନାବାଳକ ଦର୍ଶାଇଥିଲେ, ଯାହାଫଳରେ ତାଙ୍କୁ ଜେଲରୁ ମୁକ୍ତ କରାଯାଇଥିଲା। ତେବେ ସମ୍ରାଟ ୨୦୨୦ରେ ଇସିଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ନିଜର ବୟସ ୫୧ ଦର୍ଶାଇଛନ୍ତି। ସମ୍ରାଟ ଚଞ୍ଚକତା କରି ମ୍ୟାଟ୍ରିକ ପରୀକ୍ଷାର ଆଡମିଟ୍ କାର୍ଡରେ ନିଜର ଜନ୍ମ ତାରିଖ ବଦଳାଇଥିବା ପ୍ରଶାନ୍ତ ଅଭିଯୋଗ କରିଛନ୍ତି।

## ବିକ୍ଷୋଭ ବେଳେ ସଂଘର୍ଷରେ ୩ ମୃତ

### ବାଂଲାଦେଶରେ ଆଦିବାସୀ ଛାତ୍ରୀଙ୍କୁ ଗଣବଳାତ୍କାରର ପ୍ରତିବାଦ

ଢାକା,୨୯।୯

ବାଂଲାଦେଶରେ ଜଣେ ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର ପ୍ରତିବାଦରେ ବିକ୍ଷୋଭ ବେଳେ ୨ ଗୋଷ୍ଠୀ ମଧ୍ୟର ହିଂସାକାଣ୍ଡ ଘଟିଛି। ଆଦିବାସୀ ଜନଜାତି ଏବଂ ସେଠାକୁ ଯାଇ ବସତି ସ୍ଥାପନ କରିଥିବା ବଙ୍ଗାଳି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। ରାଜଧାନୀ ଢାକାଠାରୁ ଉତ୍ତରପୂର୍ବରେ ୨୭୦ କିଲୋମିଟର ଦୂରରେ ଅବସ୍ଥିତ ଖଗ୍ରାଛାରି ପାର୍ବତ୍ୟାଞ୍ଚଳ ଜିଲାରେ ରବିବାର ଏହି ହିଂସାକାଣ୍ଡ ଘଟିଛି। ବିକ୍ଷୋଭକାରୀମାନେ ଉଭୟ ପକ୍ଷର ଘର ଓ ବ୍ୟବସାୟ ପ୍ରତିଷ୍ଠାନକୁ ଜାଳିଦେଇଛନ୍ତି। ଗତ ମଙ୍ଗଳବାର ଖଗ୍ରାଛାରି ଜିଲାର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହାର ପ୍ରତିବାଦରେ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟିଛି। ଏଥିରେ ସେନାର ୧୩ ଯବାନ ଓ ୩ ଜଣ ପୋଲିସ ଆହତ ହୋଇଛନ୍ତି। ଆଦିବାସୀ ଛାତ୍ରୀ ଜଣକ ଟିଉଶନ ଯାଉଥିବାବେଳେ ବାଟରେ ଗଣବଳାତ୍କାରର ଶିକାର ହୋଇଥିଲେ। ସହରର ଏକ ନିଛାଟିଆ ସ୍ଥାନରୁ ରାତିଅଧରେ ତାଙ୍କୁ ପରିବାର ଲୋକେ ଅଚେତ ଅବସ୍ଥାରେ ପାଇଥିଲେ। ସ୍ଥାନୀୟ ହସ୍ପିଟାଲରେ ଛାତ୍ରୀ ଜଣଙ୍କୁ ଚିକିତ୍ସା କରାଯାଉଥିବାବେଳେ ଜଣେ ବଙ୍ଗାଳି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ଭିଏଟ୍‌ନାମ ବାତ୍ୟାରେ ୧୩ ମୃତ



ହାନୋଇ,୨୯।୯

ବାତ୍ୟା ବୁଆଲୋଇ ଭିଏଟ୍‌ନାମରେ ଧ୍ୱଂସର ତାଣ୍ଡବ ରଚିଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୪୬ ଜଣ ଆହତ ହୋଇଥିବାବେଳେ ୧୭ ଜଣ ନିଖୋଜ ଥିବା ସେଠାର ପାଣିପାଗ ସଂସ୍ଥା ପକ୍ଷରୁ କୁହାଯାଇଛି। ସୋମବାର ଭୋର ସମୟରେ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଦେଶର ଉତ୍ତର କେନ୍ଦ୍ରୀୟ ଉପକୂଳ ଦେଇ ଗତି କରିଥିଲା। ଏହାର ପ୍ରଭାବରେ ସମୁଦ୍ରରେ ୯ ମିଟର ଉଚ୍ଚର ଜୁଆର ଉଠିଥିଲା। କୁଆଙ୍ଗ ଟ୍ରି ପ୍ରଦେଶରେ ଉଚ୍ଚ ଜୁଆର ମାଡ଼ରେ ୨ଟି ମାଛଧରା ବୋଟ୍ କ୍ଷତିଗ୍ରସ୍ତ ହେବା ସହ ୧୭ ମତ୍ସ୍ୟଜୀବୀ ନିଖୋଜ ଅଛନ୍ତି। ବାତ୍ୟାରେ ଅନ୍ୟ ଏକ ବୋଟ୍ ନିୟନ୍ତ୍ରଣ ହରାଇଥିଲା। ସରକାର ୨୮ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରିଥିବାବେଳେ କେନ୍ଦ୍ରୀୟ ପ୍ରଦେଶର ୪ ବିମାନ ବନ୍ଦରରୁ ଶତାଧିକ ବିମାନ ଉଡ଼ାଣକୁ ବାତିଲ କିମ୍ବା ବିଳମ୍ବିତ କରାଯାଇଛି। ବାତ୍ୟା ଦୁର୍ବଳ ହୋଇ ଲାଓସ୍ ଆଡ଼େ ଅଗ୍ରସର ହେବା ପୂର୍ବରୁ ଭିଏଟ୍‌ନାମ ଉପକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଛି। ବର୍ଷା ପବନରେ ବହୁ ଘର ଭାଙ୍ଗିବା ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ରାସ୍ତାଘାଟ ଜଳାର୍ଣ୍ଣବ ହୋଇଯାଇଛି।

## ମେଲୋନିଙ୍କ ଆତ୍ମଜୀବନୀ ତାଙ୍କ 'ମନ୍ କୀ ବାତ୍': ମୋଦି

ନୂଆଦିଲ୍ଲୀ,୨୯।୯

ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କ ଆତ୍ମଜୀବନୀ ପୁସ୍ତକର ଭାରତୀୟ ସଂସ୍କରଣ ପ୍ରସ୍ତାବନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲେଖିଛନ୍ତି, ଏହି ପୁସ୍ତକ ପାଠକମାନଙ୍କୁ ମେଲୋନିଙ୍କ ହୃଦୟ ଓ ମନର ଏକ ସ୍ୱଚ୍ଛ ଝଲକ ପ୍ରଦାନ କରିବ। ଏହା ଇଟାଲୀ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ବୋଲି ମୋଦି ଲେଖିଛନ୍ତି। ଆତ୍ମଜୀବନୀର ନାଁ ରହିଛି 'ଆଇ ଆମ୍ ଜିଓର୍ଜିଆ: ମାଇଁ ରୁଟ୍ସ, ମାଇଁ ପ୍ରିନ୍ସିପୁଲ୍ସ'। ଭାରତରେ ରୁପା ପବ୍ଲିକେଶନ ଦ୍ୱାରା ଏହି ପୁସ୍ତକ ଉନ୍ମୋଚିତ ହେବାକୁ ଯାଉଛି। ଏହାର ପ୍ରସ୍ତାବନାରେ ପ୍ରଧାନମନ୍ତ୍ରୀ ଆହୁରି ଲେଖିଛନ୍ତି, ମେଲୋନିଙ୍କ ଜୀବନ ଆଦୌ ରାଜନୀତି କିମ୍ବା କ୍ଷମତା ସମ୍ପର୍କରେ ନୁହେଁ। ଏହା ତାଙ୍କର ଜନସେବା ଏବଂ ଇଟାଲୀର ଜନସାଧାରଣଙ୍କ ପାଇଁ ସାହସ, ଦୃଢ଼ ବିଶ୍ୱାସ ଏବଂ ପ୍ରତିଶ୍ରୁତିବଦ୍ଧତା। ତାଙ୍କ ଯାତ୍ରା ପ୍ରେରଣାଦାୟୀ ଏବଂ ଐତିହାସିକ।

## ୟୁପି ପରେ ମହାରାଷ୍ଟ୍ରକୁ ବ୍ୟାପିଲା 'ଆଇ ଲଭ୍ ମହମ୍ମଦ' ବିବାଦ

### ରଙ୍ଗୋଲିକୁ ନେଇ ଉତ୍ତେଜନା: ୩୦ ଅଟକ


ଅହିଲ୍ୟା ନଗରଠାରେ ପୋଲିସ ବିକ୍ଷୋଭକାରୀଙ୍କ ଉପରେ ଲାଠିଚାର୍ଜ କରୁଛି।

ଅହିଲ୍ୟାନଗର, ୨୯।୯

ମହାରାଷ୍ଟ୍ରର ଅହିଲ୍ୟାନଗର ଜିଲା ମିଲିୱାଡ଼ା ଅଞ୍ଚଳରେ 'ଆଇ ଲଭ୍ ମହମ୍ମଦ' ଲେଖାଥିବା ଏକ ରଙ୍ଗୋଲିକୁ ନେଇ ଉତ୍ତେଜନା ଦେଖାଦେଇଛି। ରବିବାର ରାତିରେ କେତେଜଣ ଅଚିହ୍ନା ବ୍ୟକ୍ତି ଏକ ରଙ୍ଗୋଲି ପ୍ରସ୍ତୁତ କରି ସେଥିରେ ଆଇ ଲଭ୍ ମହମ୍ମଦ ଲେଖିଥିଲେ। ସୋମବାର ସକାଳେ ସୋସିଆଲ ମିଡିଆରେ ରଙ୍ଗୋଲିର ଫଟୋ ଭାଇରାଲ ହୋଇଥିଲା। ଫଳରେ ମୁସଲମାନ ସମ୍ପ୍ରଦାୟର ଯୁବକ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିକ୍ଷୋଭ ହିଂସାତ୍ମକ ରୂପ ନେବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ପୋଲିସ ସୂଚନା ମୁତାବକ, ସୋମବାର ସକାଳେ ଆଇ ଲଭ୍ ମହମ୍ମଦ ଲେଖାଥିବା ରଙ୍ଗୋଲିକୁ ଦେଖି ମୁସଲମାନ ସମ୍ପ୍ରଦାୟର ଲୋକେ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏଥିରେ ସନ୍ତୁଷ୍ଟ ନ ହୋଇ ମୁସଲମାନ ଯୁବକ କୋଟଲା ଅଞ୍ଚଳରେ ବିକ୍ଷୋଭ କରିଥିଲେ। ପୋଲିସ ବିକ୍ଷୋଭକାରୀଙ୍କୁ ବୁଝାଇବା ପାଇଁ ପ୍ରୟାସ କରୁଥିବା ବେଳେ ପ୍ରଦର୍ଶନକାରୀ ପୋଲିସ ଉପରକୁ ଟେକା ମାଡ଼ କରିଥିଲେ। ଫଳରେ ପୋଲିସ ଲାଠିଚାର୍ଜ କରିଥିଲା। ସୋମବାର ସନ୍ଧ୍ୟା ସୁଦ୍ଧା ଘଟଣାକୁ ନେଇ ପୋଲିସ ୩୦ ଜଣଙ୍କୁ ଅଟକ ରଖିଛି। ପରିସ୍ଥିତି ନିୟନ୍ତ୍ରଣରେ ଥିବା ପୋଲିସ କହିଛି।

### ଫୁର୍‌ସତ୍

# ପ୍ଲାଷ୍ଟିକ ଆବର୍ଜନା ଦିଅ, ଜଳଖିଆ ଖାଅ

### ଆରମ୍ଭ ହେଲା ଦେଶର ପ୍ରଥମ ଗ୍ରାମୀଣ ଗାର୍ବେଜ୍ କାଫେ



ରାୟପୁର

ଛତିଶଗଡ଼ର ସର୍‌ଗୁଜାରେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ଦେଶର ପ୍ରଥମ ଗ୍ରାମୀଣ ଗାର୍ବେଜ୍ କାଫେ ସେବା ଆରମ୍ଭ ହୋଇଛି। ସହରାଞ୍ଚଳ ପରେ ପ୍ରଥମ ଥର ପାଇଁ ଦେଶର କୌଣସି ଗ୍ରାମାଞ୍ଚଳରେ ଗାର୍ବେଜ୍ କାଫେ ସେବାକୁ ଆରମ୍ଭ କରାଯାଇଛି। ସର୍‌ଗୁଜା ଜିଲାର ପର୍ଯ୍ୟଟନ ସ୍ଥଳ ମୈନପାଟରେ ଗତ ଶନିବାର ଏହି ଗାର୍ବେଜ୍ କାଫେ ସେବାର ଉଦ୍‌ଘାଟନ କରାଯାଇଥିଲା। ଏହି କାଫେରେ ଜଳଖିଆ କିମ୍ବା ମଧ୍ୟାହ୍ନଭୋଜନ କରିବା ପାଇଁ ଲୋକଙ୍କୁ ଦେୟ ଦେବାକୁ ପଡ଼ି ନ ଥାଏ। କେବଳ କିଛି ପ୍ଲାଷ୍ଟିକ୍ ଅବର୍ଜନା ଦେଇ ଲୋକେ ଏଠାରେ ଜଳଖିଆ କିମ୍ବା ମଧ୍ୟାହ୍ନଭୋଜନ ଖାଇପାରୁଛନ୍ତି। ଏହି କାଫେ କେବଳ ମୈନପାଟ ପର୍ଯ୍ୟଟନ ସ୍ଥଳକୁ ସଫା ରଖିବ ନାହିଁ ବରଂ ଏହା ମହିଳାମାନଙ୍କୁ ନିଯୁକ୍ତି ସୁଯୋଗ ମଧ୍ୟ ପ୍ରଦାନ କରିବ ବୋଲି ସ୍ଥାନୀୟ ଅଧିକାରୀ କହିଛନ୍ତି।

ଏହି ଗାର୍ବେଜ୍ କାଫେରେ ୧ କେ.ଜି. ପ୍ଲାଷ୍ଟିକ୍ ଅଳିଆ ଆଣି ଦେଲେ ଜଣେ ବ୍ୟକ୍ତିଙ୍କୁ ଜଳଖିଆ ଖାଇବାକୁ ମିଳିଥାଏ। ସେହିପରି ୨ କେ.ଜି. ପ୍ଲାଷ୍ଟିକ୍ ଅଳିଆ ଆଣି ଦେଲେ ଜଣେ ବ୍ୟକ୍ତି ପେଟପୂରା ମଧ୍ୟାହ୍ନଭୋଜନ ଖାଇ ପାରିବେ। ପୂର୍ବରୁ ଛତିଶଗଡ଼ର ଅମ୍ବିକାପୁରରେ ଦେଶର ପ୍ରଥମ ସହରାଞ୍ଚଳ ଗାର୍ବେଜ୍ କାଫେ ସେବା ଆରମ୍ଭ ହୋଇଥିଲା। ଉକ୍ତ କାଫେରେ ଅଧ କେ.ଜି. ପ୍ଲାଷ୍ଟିକ୍ ଦେଲେ ଲୋକଙ୍କୁ ଜଳଖିଆ ଏବଂ ୧ କେ.ଜି. ପ୍ଲାଷ୍ଟିକ୍ ଦେଲେ ଲୋକଙ୍କୁ ମଧ୍ୟାହ୍ନଭୋଜନ ଖାଇବା ପାଇଁ ମିଳୁଥିଲା।

ମୈନପାଟସ୍ଥିତ ଗ୍ରାମୀଣ ଗାର୍ବେଜ୍ କାଫେର ନିର୍ଦ୍ଦେଶକ ଆକାଶ ପ୍ରଜାପତି କହିଛନ୍ତି, ଉକ୍ତ ପଦକ୍ଷେପ ମୈନପାଟକୁ ସ୍ୱଚ୍ଛ ଏବଂ ଆକର୍ଷଣୀୟ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଏହି କାଫେ ଯୋଗୁ ଆଗାମୀ ଦିନରେ ମୈନପାଟ ଅଞ୍ଚଳରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ସହ ନିଯୁକ୍ତି ସୃଷ୍ଟି ହେବ ବୋଲି ସେ କହିଛନ୍ତି। କାଫେରେ ସଂଗୃହୀତ ପ୍ଲାଷ୍ଟିକ୍ ଆବର୍ଜନାକୁ ଜିଲାସ୍ତରୀୟ ପ୍ରକ୍ରିୟାକରଣ ୟୁନିଟ୍‌ରେ ନଷ୍ଟ କରାଯିବ ବୋଲି ସର୍‌ଗୁଜା ଜିଲା ପଞ୍ଚାୟତ ସିଇଓ ବିନୟ ଅଗ୍ରୱାଲ କହିଛନ୍ତି। ଏହାଛଡ଼ା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସେଥିରୁ ଦଉଡ଼ି, ଚେୟାର ଭଳି ବିଭିନ୍ନ ଉପଯୋଗୀ ଉତ୍ପାଦ ତିଆରି କରି ଭଲ ରୋଜଗାର କରି ପାରିବେ। ତେଣୁ ଏହି ପଦକ୍ଷେପ କେବଳ ଅପଚୟ ପରିଚାଳନା କରିବ ନାହିଁ ବରଂ ମହିଳାମାନଙ୍କ ଜୀବିକାକୁ ମଧ୍ୟ ସୁଦୃଢ଼ କରିବ ବୋଲି ସେ କହିଛନ୍ତି।

## ଦିଲ୍ଲୀ ରାମଲୀଳା: ରାବଣ ଦହନ କରିବେ ବବି ଦେଓଲ



**ନୂଆଦିଲ୍ଲୀ:** ଚଳିତ ଦଶହରା ଅବସରରେ ଦିଲ୍ଲୀର ପ୍ରସିଦ୍ଧ ଲବକୁଶ ରାମଲୀଳା ସମ୍ପ୍ରତି ଲାଲକିଲ୍ଲା ମଇଦାନରେ ଜାରି ରହିଛି। ଆସନ୍ତା ଅକ୍ଟୋବର ୨ରେ ଲବକୁଶ ରାମଲୀଳା କମିଟି ପକ୍ଷରୁ ରାବଣ ଦହନ ଉତ୍ସବର ଆୟୋଜନ କରାଯାଇଛି। ଚଳିତ ଥର ବଲିଉଡ୍ ଅଭିନେତା ବବି ଦେଓଲ ଏହି ଉତ୍ସବର ମୁଖ୍ୟ ଅତିଥି ହେବା ସହ ରାବଣ ଦହନ କରିବେ। ଲବକୁଶ ରାମଲୀଳା କମିଟିର ଆୟୋଜକଙ୍କ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ବବି ମଧ୍ୟ ସୋସିଆଲ ମିଡିଆରେ ଏନେଇ ଏକ ଭିଡିଓ ଶେୟାର କରି ସୂଚନା ଦେଇଛନ୍ତି। ଭିଡିଓରେ ସେ କହିଛନ୍ତି, ଦିଲ୍ଲୀର ପ୍ରସିଦ୍ଧ ଲବକୁଶ ରାମଲୀଳାର ଅଂଶ ହେବାକୁ ଯାଉଛି। ଏଥିପାଇଁ ଉତ୍ସାହିତ ରହିଛି। ରାବଣ ଦହନର ସୁଯୋଗ ପ୍ରଦାନ କରିଥିବାରୁ ଆୟୋଜକଙ୍କ ନିକଟରେ କୃତଜ୍ଞ ରହିବେ ବୋଲି ବବି କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ଦଶହରା ଅବସରରେ ହୋଇଥିବା ଲବକୁଶ ରାମଲୀଳା କମିଟିର ରାବଣ ଦହନ ଉତ୍ସବରେ 'ସିଙ୍ଘମ ଏଗେନ୍' ଫିଲ୍ମର ନିର୍ଦ୍ଦେଶକ ରୋହିତ ଶେଟ୍ଟୀ, ଅଭିନେତା ଅଜୟ ଦେବଗନ ଓ ଫିଲ୍ମର ପୂରା ଷ୍ଟାର୍‌କାଷ୍ଟ ଯୋଗଦେଇଥିଲେ।




# ପୂଜା ପାଇଲେ ୬୨ ଫୁଟ୍ ଉଚ୍ଚର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି

**ଭୁବନେଶ୍ୱର, ୨୯।୯ (ସୌମ୍ୟରଞ୍ଜନ ରାଉତ)**

ରାଜଧାନୀ ଉପକଣ୍ଠ ତଥା ଭୁବନେଶ୍ୱର ବ୍ଲକ୍ ବରିମୁଣ୍ଡ ପଞ୍ଚାୟତ ଟାଙ୍ଗୀବନ୍ତ ଦୁର୍ଗାପୂଜା କମିଟିର ଦୁର୍ଗାପୂଜା ଚଳିତବର୍ଷ ୭ ବର୍ଷରେ ପହଞ୍ଚିଛି। ସୋମବାର ମହାସପ୍ତମୀରେ ୧୦୮ କଳସ ଯାତ୍ରା ପରେ ମା'ଙ୍କ ପ୍ରାଣପ୍ରତିଷ୍ଠା ଓ ଚକ୍ଷୁଦାନ ପରେ ବିଧିମୁତାବକ ଅନ୍ୟାନ୍ୟ ପୂଜାନୀତି ଆରମ୍ଭ କରାଯାଇଛି। ତେବେ ୭୫ଫୁଟ ଉଚ୍ଚର କୋଲ୍‌କାତା ଦୁର୍ଗାପୁର ଗେଟ୍‌ର ତୋରଣ ମଧ୍ୟରେ ମଣ୍ଡପରେ ବିରାଜମାନ ୬୨ଫୁଟ ଉଚ୍ଚର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ମୁଖ୍ୟ ଆକର୍ଷଣ ସାଜିଛି। ସେହିପରି ମା'ଙ୍କ ଉଚ୍ଚତା ଅନୁସାରେ ବିଶାଳକାୟ ମହିଷାସୁର ଏବଂ ୧୦ ଫୁଟ୍ ଉଚ୍ଚର ୪ ବଡ଼ବଡ଼ ସିଂହ ଅନ୍ୟତମ ଆକର୍ଷଣ ପାଲଟିଛି। ସେଠାରେ ମା'ଙ୍କର ଆଉଏକ ୧୨ ଫୁଟ୍‌ର ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି, ଯାହାକୁ ଭସାଣି ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯିବ।



ଟାଙ୍ଗୀବନ୍ତ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତବର୍ଷ ଦୁର୍ଗାପୂଜାରେ ୬୨ଫୁଟ ଉଚ୍ଚର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। (ଫଟୋ: ବିକାଶ ନାୟକ)

# ଆଜି ପ୍ରକାଶ ପାଇବ ବିହାରର ଚୂଡ଼ାନ୍ତ ଭୋଟର ତାଲିକା

**ନୂଆଦିଲ୍ଲୀ, ୨୯।୯ (ପି.ଟି.)**

ବିହାରର ଚୂଡ଼ାନ୍ତ ଭୋଟର ତାଲିକା ମଙ୍ଗଳବାର ପ୍ରକାଶ ପାଇବାକୁ ଯାଉଛି। ବିହାର ବିଧାନସଭା ନିର୍ବାଚନ ପାଇଁ ଆସନ୍ତା ସପ୍ତାହରେ ନିର୍ବାଚନ କମିଶନ ତାରିଖ ଘୋଷଣା କରିପାରନ୍ତି। ନିର୍ବାଚନ କର୍ତ୍ତୃପକ୍ଷ ଅକ୍ଟୋବର ୪ ଓ ୫ରେ ପାଟନା ଗସ୍ତ କରି ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବେ। ଅକ୍ଟୋବର ଶେଷ ଭାଗରେ ଛଟ୍ ଉତ୍ସବ ଥିବାରୁ ଏହା ପରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହୋଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ବିହାର ନିର୍ବାଚନ ସମେତ ୮ଟି ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନ ପାଇଁ ୪୭୦ ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଶେଷ ହୋଇଥିବାରୁ ମଙ୍ଗଳବାର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବା ପରେ ସେପ୍ଟେମ୍ବର ୧ ସୁଦ୍ଧା ଜନସାଧାରଣ ଏବଂ ରାଜନୈତିକ ଦଳଗୁଡ଼ିକ ଆପତ୍ତି ଅଭିଯୋଗ ଦାଖଲ କରିବାକୁ ସୁଯୋଗ ଦିଆଯାଇଥିଲା। ଚିଠା ଭୋଟର ତାଲିକାରେ ୭.୨୪ କୋଟି ଭୋଟର ରହିଥିଲେ।

# ବିକଶିତ ହେବ ଘଟଗାଁ ତାରିଣୀ ପୀଠ

## ୧୪୬କୋଟିର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

**ଭୁବନେଶ୍ୱର, ୨୯।୯ (ରବିନାରାୟଣ ଜେନା)**

କେନ୍ଦୁଝରସ୍ଥିତ ମା' ଘଟଗାଁ ତାରିଣୀ ପୀଠ ଓ ଏହାର ପାରିପାର୍ଶ୍ୱିକ ବିକାଶ ଲାଗି ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି।

ଲୋକସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ମା' ତାରିଣୀ ପୀଠର ବିକାଶ ଲାଗି ୨୨୬କୋଟି ଟଙ୍କାର ପ୍ରସ୍ତାବ ମଧ୍ୟରୁ ୧୪୬କୋଟି ଟଙ୍କାର ଟେଣ୍ଡରକୁ ଅନୁମୋଦନ ଦିଆଯାଇଛି। ବୈଠକ ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ, ମା' ତାରିଣୀ ମନ୍ଦିର ପରିସରର ପାରିପାର୍ଶ୍ୱିକ ବିକାଶ ଦ୍ୱାରା ଭକ୍ତମାନଙ୍କ ଦୀର୍ଘଦିନର ଦାବି ପୂରଣ ହେବ। ଏହି ବିକାଶ ଯୋଗୁ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ଓ ଅର୍ଥନୈତିକ ବିକାଶ ହୋଇପାରିବ। ରାଜ୍ୟ କ୍ୟାବିନେଟ୍ ଏଥିପାଇଁ ୧୪୬ କୋଟି ଟଙ୍କାର ସର୍ବନିମ୍ନ ଟେଣ୍ଡର (ଜିଏସ୍‌ଟିକୁ ବାଦ୍ ଦେଇ) ମେସର୍ସ ଦିଲ୍ଲୀପ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍ ସପକ୍ଷରେ ଅନୁମୋଦନ କରିଛନ୍ତି। ୫୯.୨୦୬ ଏକର ପରିମିତ ଅଞ୍ଚଳରେ ଏହି ବିକାଶ କାର୍ଯ୍ୟ ୨୪ ମାସ ଭିତରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ମା'ଙ୍କ ପୀଠର ବିକାଶ କାର୍ଯ୍ୟ ପାଇଁ ସମୁଦାୟ ୨୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଭକ୍ତଙ୍କ ସୁବିଧା ପାଇଁ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରାଯିବ। ଏହାସହିତ ବ୍ୟାଖ୍ୟାନ କେନ୍ଦ୍ର, ଫୁଡ୍ ପ୍ଲାଜା, ୱାଚ୍ ଟାୱାର, ମାର୍କେଟ କମ୍ପ୍ଲେକ୍ସ, ନଡ଼ିଆ ଭଣ୍ଡାର ଓ ପ୍ରସାଦ ସେବନ ପ୍ରକୋଷ୍ଠ (୫୦୦ ଜଣ ବସିଲା ଭଳି) ଏବଂ ଜିନିଷ ରଖିବା ଘର ଆଦି ନିର୍ମାଣ କରାଯିବ। ଏହି ସମସ୍ତ କାର୍ଯ୍ୟ ସମାପ୍ତ ହେଲା ପରେ ଘଟଗାଁ ସ୍ଥିତ ମା'ଙ୍କ ପୀଠ ଭାରତର ପ୍ରମୁଖ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ର ଭାବରେ ପରିଗଣିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# କେନ୍ଦ୍ରୀୟ ଡେପୁଟେଶନରେ ଯିବେ ସମର୍ଥ, ସ୍ୱାଧାଦେବ ସିଂ

**ଭୁବନେଶ୍ୱର, ୨୯।୯ (ସୁନିତ୍ ମିଶ୍ର)**



ସମର୍ଥ ବର୍ମା



ସ୍ୱାଧାଦେବ ସିଂ

ରାଜ୍ୟରୁ ଓଡ଼ିଶା କ୍ୟାଡରର ଆଉ ଦୁଇ ଜଣ ଆଇଏଏସ୍ ଅଫିସର୍ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ସମର୍ଥ ବର୍ମା ଏବଂ ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ସ୍ୱାଧାଦେବ ସିଂ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ସ୍ୱାଧା ହେଉଛନ୍ତି ସମର୍ଥଙ୍କ ସ୍ତ୍ରୀ। ଉଭୟଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଥିବା ବେଳେ ସେମାନଙ୍କୁ ୩ ସପ୍ତାହ ଭିତରେ ରିଲିଭ କରିବା ଲାଗି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଚିଠି ଲେଖିଛି। ସମର୍ଥ ଏବଂ ସ୍ୱାଧାଙ୍କୁ ୩ ଦିନ ବ୍ୟବଧାନରେ କେନ୍ଦ୍ରରେ ନିଯୁକ୍ତି ମିଳିଛି। ସମର୍ଥ ବର୍ମା ଏବେ ରାଜ୍ୟ ସରକାରରେ ମାଇନର ମିନେରାଲ୍ସ ନିର୍ଦ୍ଦେଶକ ଓ ଅତିରିକ୍ତ ଭାବେ ଓଡ଼ିଶା ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି। ସମର୍ଥ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟରେ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି। ସେ ଦାୟିତ୍ୱ ନେବା ଦିନଠାରୁ ୫ ବର୍ଷ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ଦିଆ ନ ଯିବା ଯାଏ ପାଇଥିବା ଦାୟିତ୍ୱ ତୁଲାଇବେ। ସେହିପରି ସ୍ୱାଧାଦେବ ସିଂ ଏବେ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଓ ରାଜ୍ୟ ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ଗତ ୨୬ ତାରିଖରେ ନୂଆଦିଲ୍ଲୀ ସ୍ଥିତ ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟରେ ଜନଗଣନା ନିର୍ଦ୍ଦେଶକ/ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ସେ ଏହି ପଦରେ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ଏହାପରେ କେନ୍ଦ୍ରୀୟ ଷ୍ଟାଫିଂ ସ୍କିମ୍ ଅଧୀନରେ ଅନୁମୋଦିତ ତାଙ୍କର କାର୍ଯ୍ୟକାଳକୁ ବୃଦ୍ଧି କରାଯାଇପାରିବ ବୋଲି ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ରାଜ୍ୟରୁ କିଛିମାସ ମଧ୍ୟରେ କେତେଜଣ ଆଇଏଏସ୍ ଏବଂ ଆଇପିଏସ୍ ଅଫିସର୍ କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି। କିଛିଦିନ ତଳେ ରାଜ୍ୟ ସରକାରଙ୍କ ବରିଷ୍ଠ ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତ କେନ୍ଦ୍ରୀୟ ଡେପୁଟେଶନରେ ଯିବା ନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ସରକାରଙ୍କ ନିଷ୍ପତ୍ତି ଯୋଗୁ ମହିଳା ଶ୍ରମିକଙ୍କୁ ଶୋଷଣ କରିବାର ବାଟ ଖୋଲିଲା: ବିଜେଡି

**ଭୁବନେଶ୍ୱର, ୨୯।୯ (ସୁନିତ୍ ମିଶ୍ର)**

ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଓଡ଼ିଶା ଶପ୍ ଆଣ୍ଡ୍ କମର୍ସିଆଲ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟ ୧୯୫୬ରେ ସୋମବାର ଅନୁମୋଦିତ ହୋଇଥିବା ୨ଟି ସଂଶୋଧନ ଉପରେ ବିଜେଡି ପ୍ରତିକ୍ରିୟା ଦେଇ ଏହା ରାଜ୍ୟର ଶ୍ରମିକ ଓ ମହିଳା ଶ୍ରମିକଙ୍କୁ ଅଧିକ ଶୋଷଣ କରିବାର ବାଟ ଖୋଲିଲା ବୋଲି କହିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ମେୟର ସୁବାସ ସିଂ କହିଛନ୍ତି, ରାଜ୍ୟ ସରକାର ଏହି ନିଷ୍ପତ୍ତି ରାଜ୍ୟର ଶ୍ରମିକମାନଙ୍କ ଅଧିକାର ଉପରେ କୁଠାରାଘାତ ସଦୃଶ୍ୟ। ୧୯୫୬ ମେ' ଡେ'ରେ ଶ୍ରମିକମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ପାଇଁ ତିଆରି ହୋଇଥିବା ଆଇନ ସେମାନଙ୍କ ପାଇଁ ଗୋଟିଏ ଦିନରେ ଆଠଘଣ୍ଟା କାର୍ଯ୍ୟ ସମୟ ନିର୍ଦ୍ଧିଷ୍ଟ ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହି ନିଷ୍ପତ୍ତି ବଳରେ ଶ୍ରମିକମାନେ ସେମାନଙ୍କ ସ୍ୱୀକୃତି ଅନୁଯାୟୀ ଆଠ ଘଣ୍ଟାରୁ ଅଧିକ କାର୍ଯ୍ୟ କରିବେ। ସେଥିପାଇଁ ସେମାନେ ଓଭର ଟାଇମ୍ ନିୟମ ଅନୁସାରେ ଅଧିକ ପାରିଶ୍ରମିକ ପାଇବେ। ସେହିପରି ପୂର୍ବରୁ ସନ୍ଧ୍ୟା ୬ ଘଟିକା ପରେ ମହିଳା ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ନିୟମ ନ ଥିଲା। କିନ୍ତୁ ବର୍ତ୍ତମାନର ନିଷ୍ପତ୍ତି ଅନୁଯାୟୀ ମହିଳାମାନଙ୍କୁ ମଧ୍ୟ ସନ୍ଧ୍ୟା ପରେ ସେମାନଙ୍କ ସ୍ୱୀକୃତି ନେଇ କାମରେ ଲଗାଯାଇପାରିବ। ପୂର୍ବରୁ ଓଭରଟାଇମ୍ ନିୟମ ଥିଲେ ମଧ୍ୟ ଅଧିକାଂଶ ଜାଗାରେ ଅଧିକା ସମୟ କାମ କରାଯାଉଛି। କିନ୍ତୁ ଓଭର ଟାଇମ୍ ପାଇଁ ଅର୍ଥ ଦିଆଯାଉ ନାହିଁ। ସେହିପରି ଇପିଏଫ୍, ଇଏସ୍‌ଆଇ ନିୟମ ରହିଥିଲେ ମଧ୍ୟ ଅଧିକାଂଶ ମାଲିକ ଏହାକୁ ପାଳନ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟ ସମୟ ବୃଦ୍ଧି ହୋଇପାରିବ ବୋଲି ସରକାର ନିଷ୍ପତ୍ତି ନେବାଦ୍ୱାରା ଶ୍ରମିକମାନେ ଅଧିକ କାର୍ଯ୍ୟ କରିବେ। କିନ୍ତୁ ଏଥିପାଇଁ ପାରିଶ୍ରମିକ ପାଇବେ ନାହିଁ। ତେଣୁ ସରକାରଙ୍କ ଏହି ନିଷ୍ପତ୍ତି ଲାଗି ଶ୍ରମିକମାନଙ୍କୁ ମାଲିକମାନେ ଅଧିକ ଶୋଷଣ କରିବେ। ସେହିପରି ସନ୍ଧ୍ୟା ପରେ ମହିଳାମାନେ କାର୍ଯ୍ୟରେ ନିୟୋଜିତ ନିଷ୍ପତ୍ତି ମଧ୍ୟ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି।

# ପ୍ରଫୁଲ୍ଲ କୁଜୁର ନୂଆପଡ଼ା ଏଡିଏମ୍ ନିଯୁକ୍ତ

**ଭୁବନେଶ୍ୱର, ୨୯।୯ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆପଡ଼ା ଉପନିର୍ବାଚନକୁ ଦୃଷ୍ଟିରେ ରଖି ନୂତନ ଅତିରିକ୍ତ ଜିଲାପାଳ(ଏଡିଏମ୍) ନିଯୁକ୍ତ କରାଯାଇଛି। ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ସ୍ୱତନ୍ତ୍ର ରିଲିଫ କମିଶନର କାର୍ଯ୍ୟାଳୟର ଯୁଗ୍ମଏସ୍‌ଆର୍‌ସି ପ୍ରଫୁଲ୍ଲ କୁଜୁରଙ୍କୁ ନୂଆପଡ଼ା ଏଡିଏମ୍ ଭାବେ ନିଯୁକ୍ତ କରାଯାଇଛି।

# ବେଆଇନ ଆତସବାଜି, ବିସ୍ଫୋରକ ବ୍ୟବସାୟରେ ରୋକ୍

## ୧୮୪ ମାମଲା, ୧୩୩ ଗିରଫ, ୪୫ ନୋଟିସ ଜାରି

## ଓଡ଼ିଶା ପୋଲିସର ଅଗ୍ନି ଅଭିଯାନ

**କଟକ, ୨୯।୯ (କାର୍ତ୍ତିକ ସାହୁ)**

ଆସନ୍ତା ପର୍ବପର୍ବାଣିକୁ ଦୃଷ୍ଟିରେ ରଖି ବେଆଇନ ବିସ୍ଫୋରକ ଭଣ୍ଡାର, ବିନା ଅନୁମତିରେ ପରିବହନ ଓ ବେଆଇନ ଆତସବାଜି ବିକ୍ରୟକୁ ରୋକିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସର ଅଗ୍ନି ଅଭିଯାନ ଆରମ୍ଭ କରାଯାଇଛି। ସମଗ୍ର ରାଜ୍ୟରେ ସର୍ବମୋଟ ୧୮୪ଟି ମାମଲା ରୁଜୁ ହୋଇଥିବା ବେଳେ ୧୩୩ ଜଣଙ୍କୁ ଗିରଫ ଏବଂ ୪୫ ନୋଟିସ ଜାରି କରାଯାଇଛି। ମୋଟ ଆନୁମାନିକ ୮,୨୪,୬୦,୭୦୦ ଟଙ୍କା ମୂଲ୍ୟର ସାମଗ୍ରୀ ଜବତ କରାଯାଇଛି। ଅଗ୍ନି ଅଭିଯାନ ଫଳରେ ରାଜ୍ୟରେ ବେଆଇନ ଆତସବାଜି ଓ ବିସ୍ଫୋରକ ବ୍ୟବସାୟରେ ରୋକ ଲାଗିପାରିଥିବା ଓଡ଼ିଶା ପୋଲିସ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୋମବାର ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଅଗ୍ନି ଅଭିଯାନରେ ସମଗ୍ର ରାଜ୍ୟରେ ଅନୁଗୋଳ, କେନ୍ଦୁଝର, ଗଞ୍ଜାମ, ବୌଦ୍ଧ ଜିଲାରେ ସର୍ବାଧିକ ପରିମାଣର ବେଆଇନ ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ବୌଦ୍ଧ ଜିଲାରେ ସର୍ବାଧିକ ୫ କୋଟି ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ୧୦ଟି ମାମଲା ରୁଜୁ ହୋଇଥିଲା ବେଳେ ୫ଜଣଙ୍କୁ ଗିରଫ ଏବଂ ୫ଜଣଙ୍କୁ ନୋଟିସ ଜାରି କରାଯାଇଛି। ସେହିପରି ଗଞ୍ଜାମ ଜିଲାରେ ୨୧,୦୫,୦୦୦ ଟଙ୍କା ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇ ୧୪ଟି ମାମଲା ରୁଜୁ ସହ ୪ଜଣଙ୍କୁ ଗିରଫ ଏବଂ ୧୦ ଜଣଙ୍କୁ ନୋଟିସ ଜାରି କରାଯାଇଛି। କେନ୍ଦୁଝର ଜିଲାରେ ୧୫,୧୬,୦୦୦ ଟଙ୍କା ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇ ୨୧ଟି ମାମଲା ରୁଜୁ ଏବଂ ୨୧ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଅନୁଗୋଳ ଜିଲାରେ ୧.୫ କୋଟି ଟଙ୍କା ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇ ୧୭ଟି ମାମଲା ରୁଜୁ ସହ ୧୩ ଜଣଙ୍କୁ ଗିରଫ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ପକ୍ଷରୁ ସମଗ୍ର ଓଡ଼ିଶାରେ ଅଗ୍ନି ଅଭିଯାନ ଆରମ୍ଭ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେଶନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଡେଲିଭରି ବୟ ମୃତ, ୨ ଗୁରୁତର

## କ୍ଷତିପୂରଣ ଦାବିରେ ଥାନାରେ ଧାରଣା

**ଆନନ୍ଦପୁର, ୨୯।୯ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଘସିପୁରା ଥାନା ଜାତୀୟ ରାଜପଥ ୨୦ ନିକଟରେ ଥିବା ଏକ କୋରିଅର କମ୍ପାନୀ ଗୋଦାମରେ ଅଭାବନୀୟ ଘଟଣା ଘଟିଛି। ଜଣେ ଡେଲିଭରି ବୟ ଅନ୍‌ଲାଇନ ଅର୍ଡର ସାମଗ୍ରୀ ଗାଡ଼ିରୁ ଗୋଦାମ ଘରକୁ ନେବା ସମୟରେ ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଛି। ଘଟଣାରେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଘସିପୁରା ଥାନା ମଙ୍ଗଳପୁର ଗାଁର ସୁଶାନ୍ତ ଦାସ। ଗୁରୁତର ଦ୍ୱୟ ପଦ୍ମପୁର ଗ୍ରାମର କବିନ୍ଦ୍ର ଦାସ, ଫକୀରପୁରର ରଞ୍ଜନ କୁମାର। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଉକ୍ତ କୋରିଅର କମ୍ପାନୀ ଗୋଦାମରେ ସୁଶାନ୍ତ ଏବଂ ଅନ୍ୟ ୨ ସହକର୍ମୀ କବିନ୍ଦ୍ର ଓ ରଞ୍ଜନ ସୋମବାର ଗାଡ଼ିରୁ ପାର୍ସଲ ସାମଗ୍ରୀ ଅନ୍‌ଲୋଡ଼ କରୁଥିଲେ। କିନ୍ତୁ ଏହି ସମୟରେ ଗାଡ଼ିରେ ଲାଗିଥିବା ରଶି ନିକଟରେ ଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। କବିନ୍ଦ୍ର ଓ ରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଘଟଣାକୁ ନେଇ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଗୁରୁତରଙ୍କ ଚିକିତ୍ସା ଖର୍ଚ୍ଚ କମ୍ପାନୀ ପକ୍ଷରୁ ବହନ କରିବାକୁ ଲୋକେ ଦାବି କରିଛନ୍ତି। ଏ ନେଇ ପରିବାର ଲୋକେ ଥାନା ସମ୍ମୁଖରେ ଧାରଣରେ ବସିଥିଲେ। କମ୍ପାନୀ କ୍ଷତିପୂରଣ ପ୍ରଦାନ ସହ ବୀମା ଟଙ୍କା ମିଳିବ ବୋଲି ପୋଲିସ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଥିସହ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଏକ ମାମଲା(ନଂ.୫୩/୨୫) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମହାଷ୍ଟମୀ ପୂଜା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୮ଟା।
- ରେସିଡେଣ୍ଟସ୍ ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ମହାଷ୍ଟମୀ ପୂଜା, ସ୍ଥାନ: ଶୈଳଶ୍ରୀ ବିହାର, ଫେଜ୍ ୭, ସମୟ: ସକାଳ ୮ଟା।
- ୭୦ତମ ଦୁର୍ଗାପୂଜା ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଷ୍ଟେଶନ୍ ବଜାର ପୂଜା ମଣ୍ଡପ, ସମୟ: ସକାଳ ୮ଟା।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମହାଷ୍ଟମୀ ପୂଜା, ସ୍ଥାନ: ଝାରପଡ଼ା ମେଲଣ ପଡ଼ିଆ, ସମୟ: ସକାଳ ୯ଟା ୩୭।
- ନୃତ୍ୟ ନୈବେଦ୍ୟ ଓଡ଼ିଶୀ ଉତ୍ସବ ୨୦୨୫, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ଅପରାହ୍ନ ୪ଟା।
- ବମିଖାଲ ଦୁର୍ଗାପୂଜା ସମିତି ପକ୍ଷରୁ ମହାଷ୍ଟମୀ ପୂଜା, ସ୍ଥାନ: ବମିଖାଲ ଦୁର୍ଗାପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା।
- ଗଡ ନହରକଣ୍ଟା ଦୁର୍ଗାପୂଜା ସମିତି ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗଡ ନହରକଣ୍ଟା ଦୁର୍ଗା ପୂଜା ମଣ୍ଡପ ସମ୍ମୁଖ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ବଜାର ଛକ, ସମୟ: ସନ୍ଧ୍ୟା ୭ଟା।
- ମା' ଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: ଥାନାହାଟ ପୂଜା ମଣ୍ଡପ, ବାସୁଦେବପୁର, ସମୟ: ସକାଳ ୮ଟା।
- ଦୁର୍ଗାଷ୍ଟମୀ ପୂଜା, ସ୍ଥାନ: ତୃପ୍ତି ମହିଳା ମହାବିଦ୍ୟାଳୟ ସାମ୍ନା ବିଦ୍ୟୁତ୍ ମାର୍ଗ ପୂଜା ମଣ୍ଡପ, ବାସୁଦେବପୁର, ସମୟ: ସକାଳ ୮ଟା।
- ମା' ଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ, ବାଲିନଗର ଛକ, ବାସୁଦେବପୁର, ସମୟ: ସକାଳ ୮ଟା।
- ସାର୍ବଜନୀନ ଅଷ୍ଟମୀ ପୂଜା, ସ୍ଥାନ: ସାବରଙ୍ଗ, ପାଟଣା ମିଶ୍ରପୁର, ଗୋବିନ୍ଦପୁର, ବିଦେଇପୁର, ପଦ୍ମପୁର, ଏଡ଼ତାଳ, କରଞ୍ଜଆଡ଼ିଆ, ନାୟକାଣିଡିହୀ, ବେତଡ଼ା, ବ୍ରାହ୍ମଣଗାଁ, ଲକ୍ଷ୍ମୀଦାସପୁର, ବାସୁଦେବପୁର, ସମୟ: ସକାଳ ୮ଟା।

## ଖୋର୍ଦ୍ଧା

- ସଙ୍ଗଠିତ ହିନ୍ଦୁ ପରିବାର ପକ୍ଷରୁ ପିପୁଲ ଫର ସୋସାଇଟି ସହଯୋଗରେ ସନାତନୀ ହିନ୍ଦୁ ଏକତା ଯାତ୍ରା ଏବଂ ବୀର ପାଇକ ଶୋଭାଯାତ୍ରା, ସ୍ଥାନ: ମା'ଡାମଣେଇ ମନ୍ଦିର, ଜଟଣୀ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ମହାଷ୍ଟମୀ ପୂଜା,ସ୍ଥାନ:ଫିରିଙ୍ଗିପାଟଣା ପୂଜା ମଣ୍ଡପ, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ:ସକାଳ ୮ଟା।
- ଶସ୍ତ୍ର ପୂଜନ ଉତ୍ସବ, ସ୍ଥାନ:ମହାବୀର ମନ୍ଦିର ସମ୍ମୁଖ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ:ସକାଳ ୯ଟା ୩୦।
- ଆରଏସ୍‌ଏସ୍‌ର ଶତାବ୍ଦୀ ଉଦ୍‌ଘାଟନ ଉତ୍ସବ,ସ୍ଥାନ: ମାର୍କୋଣା ସରସ୍ୱତୀ ଶିଶୁ ମନ୍ଦିର ପରିସର, ସିମୁଳିଆ,ସମୟ: ଅପରାହ୍ନ ୩ଟା।
- ନୃତ୍ୟ ପ୍ରତିଯୋଗିତା,ସ୍ଥାନ: ପାଟପୁର ଦୁର୍ଗାମଣ୍ଡପ, ରୂପସା, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ

- ସାର୍ବଜନୀନ ମା' ଦୁର୍ଗା ପୂଜା ମଣ୍ଡପରେ ଅଷ୍ଟମୀ ପୂଜା, ସ୍ଥାନ: ବନ୍ତ, ସମୟ: ସକାଳ ୮ଟା।
- ମହାଷ୍ଟମୀ ପୂଜା, ସ୍ଥାନ: ଗାନ୍ଧୀପଡ଼ିଆ ପୂଜା ମଣ୍ଡପ, ଭଦ୍ରକ, ସମୟ: ପ୍ରାତଃ ୫ଟା ୩୯।
- ମହାଷ୍ଟମୀ ପୂଜା, ସ୍ଥାନ: ପ୍ରାଚୀନଗର, ବଙ୍କବାସୁଳୀ ମନ୍ଦିର, ରାଜଘାଟ, ମାଧବନଗର, ବିଶାଣିଖିରିଦା, ଭଦ୍ରକ, ସମୟ: ସକାଳ ୮ଟା।

## କେନ୍ଦୁଝର

- ମହାମାୟା ଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: ପାଟଣା ଦୁର୍ଗା ମଣ୍ଡପ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ

- ଦେବୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଉଦଳା ହାଇସ୍କୁଲ ଛକ, ସମୟ: ସକାଳ ୭ଟା ୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାରେଗାମାପା ଲାଇଭ୍ ବ୍ୟାଣ୍ଡ,ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।
- ଛଉ ନୃତ୍ୟ,ସ୍ଥାନ: ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ମହାଷ୍ଟମୀର ପୂଜା, ସ୍ଥାନ: ବୁଗୁଡ଼ା ବସଷ୍ଟାଣ୍ଡ ଓ ମଦନମୋହନ ଛକ, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଉଦ୍‌ଘାଟନୀ ଓ ବିଜୟା ଦଶମୀ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିଅମ, ବାଲିଗୁଡ଼ା, ସମୟ: ଅପରାହ୍ନ ୩ ଟା।
- ଦୁର୍ଗାପୂଜା ଅଷ୍ଟମ ଦିନରେ ସନ୍ଧି ପୂଜା ଓ ପ୍ରସାଦ ସେବନ, ସ୍ଥାନ: ମା'ପାଟଖଣ୍ଡା ମନ୍ଦିର ପରିସର, ବାଲିଗୁଡ଼ା, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତରାଣ୍ଡୋ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।
- ମହାଷ୍ଟମୀ ଅବସରରେ ମା' ଦୁର୍ଗାଙ୍କ ମହାକାଳୀ ବେଶ, ସ୍ଥାନ:ଦୁର୍ଗା ମନ୍ଦିର, ଇଚ୍ଛାପୁର, ସମୟ:ପ୍ରାତଃ ୫ଟା।

## ଯାଜପୁର

- ଧର୍ମଶାଳା ପୂଜା ମହୋତ୍ସବ କମିଟି ପକ୍ଷରୁ ଅନନ୍ୟା ମେଲୋଡି ଓ ଡାଣ୍ଡିଆ ନୃତ୍ୟ, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଧର୍ମଶାଳା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୁର୍ଗା ପୂଜା ଉପଲକ୍ଷେ ସଙ୍କୀର୍ତ୍ତନ ପରିବେଷଣ, ସ୍ଥାନ : ଧର୍ମଶାଳା ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମା' ବିରଜାଙ୍କ ରଥାବତରଣ ପୂଜା ଓ ଲାଖବିନ୍ଧା ପ୍ରାନ୍ତରକୁ ଗମନ, ସ୍ଥାନ : ମନ୍ଦିର ପରିସର, ସମୟ : ରାତି ୧୦ ଟା ୪୫।

## ନୟାଗଡ଼

- ମା' ଭାନୁମତୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ଘଣ୍ଟାଶାଳିଆ ନିକଟସ୍ଥ ହରିଆପଲ୍ଲୀ, ସମୟ: ସକାଳ ୭ଟା।
- ତ୍ରିଦିନାତ୍ମକ ପାର୍ବଣ ତୃତୀୟ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ତ୍ରିଦିନାତ୍ମକ ପାର୍ବଣ ଉତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ କାଳିକାପ୍ରସାଦ, ବେଗୁନିଆପାଟଣା, ଖୁଣ୍ଟୁବନ୍ଧ, ହିଞ୍ଜିଳିଗାଡିଆ, ଅଶ୍ୱସ୍ତପଡା ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟା ରୁ ରାତି ୯.୩୦।
- ବିଶ୍ୱଶାନ୍ତି ମହଯଜ୍ଞର ୩ୟ ଦିବସ, ସ୍ଥାନ: କଣ୍ଟିଲୋ ପାଣୁସାହୁ ପାଟଣା, ସମୟ: ସକାଳ ୮ଟା।
- ତ୍ରିଦିନାତ୍ମକ ପାର୍ବଣ ଉତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ପଞ୍ଚାୟତ ବାହାଡାଗୁଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିଦିନାତ୍ମକ ପାର୍ବଣ ଉତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦର ମହିଷାଖୁଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିଦିନାତ୍ମକ ପାର୍ବଣ ଉତ୍ସବ ତୃତୀୟ ଦିବସ, ସ୍ଥାନ: କଣ୍ଟିଲୋ ଶ୍ମଶାନ ଚଣ୍ଡୀ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିଦିନାତ୍ମକ ପାର୍ବଣ ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ:ଖଣ୍ଡପଡାର ଉମାଦେବୀ ଓ ପାଟଚଣ୍ଡୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ୧୮ତମ ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ସେବାକେନ୍ଦ୍ର ପରିସର, ସମୟ:ପୂର୍ବାହ୍ନ ସାଢ଼େ ୧୦ଟା।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ନୟାଗଡ ବନାମ ତମାଣ୍ଡୋ, ସ୍ଥାନ:ଖଣ୍ଡପଡା ବ୍ଲକର ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ଦକ୍ଷିଣଚଣ୍ଡୀଙ୍କ ବାର୍ଷିକ ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା, ସମୟ: ଅପରାହ୍ନ ୨ଟା।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ମହାଷ୍ଟମୀରେ ରଣପୁର ବାଉଁଶଗଡର ନାଟକ ତଥାପି ସେ ପତିବ୍ରତା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ୍ ପରିସର ଦୁର୍ଗା ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୨ଟାରୁ ରାତ୍ର ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ପଦ ସଞ୍ଚଳନ, ସ୍ଥାନ: ନୟାଗଡ ସହର ଖଣ୍ଡପଡା ରୋଡର ହନୁମାନ ମନ୍ଦିରଠାରୁ ୫ମ ଲେନ୍ ଦେବୋତ୍ତର କଲୋନୀ ନବୀନ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୩ଟାରୁ ୫ଟା।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ମହାଷ୍ଟମୀ ସନ୍ଧିପୂଜା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ୍ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୪୨।
- ତ୍ରିଦିନାତ୍ମକ ପାର୍ବଣ ଉତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ତ୍ରିଦିନାତ୍ମକ ପାର୍ବଣ ଉତ୍ସବର ୩ୟ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ମାଁ ଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: ଡାବୁଗାଁ ବ୍ଲକ ସଦରମହକୁମା ପୂଜା ମଣ୍ଡପ, ସମୟ: ସକାଳ ୮ ଟା।

## କୋରାପୁଟ

- ମହାଅଷ୍ଟମୀ ବିଧି ଓ ସନ୍ଧିପୂଜା, ସ୍ଥାନ: ନନ୍ଦପୁର ବତ୍ରିସ ସିଂହାସନ ଓ ଭୈରବ ପୀଠ, ସମୟ: ସକାଳ ୯ଟା ଓ ଅପରାହ୍ନ ୫ଟା ୪୦।

## ସମ୍ବଲପୁର

- କାମାକ୍ଷା ମନ୍ଦିରରେ ଚଣ୍ଡୀପାଠ, ସ୍ଥାନ: ଭାଲୁପାଲି ସ୍ଥିତ କାମାକ୍ଷା ମନ୍ଦିର, ସମୟ: ସକାଳ ୮ଟା।
- ମା' ବାଟମଙ୍ଗଳା ମନ୍ଦିରରେ ଚଣ୍ଡୀପାଠ, ସ୍ଥାନ: ଅଇଁଠାପାଲି ସ୍ଥିତ ବାଟମଙ୍ଗଳା ମନ୍ଦିର, ସମୟ: ସକାଳ ୮ଟା।
- ମା' ସମଲେଇଙ୍କ ଆଖଡା ଶୋଭାଯାତ୍ରା, ସ୍ଥାନ: ସମଲେଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା
- ଶ୍ରୀରାମ ବିଜୟା ନବମୀ ମହୋତ୍ସବ, ସ୍ଥାନ: ଅଇଁଠାପାଲି ବୀର୍ସାମୁଣ୍ଡା ମଇଦାନ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଦୁର୍ଗା ମଣ୍ଡପରେ ମହାଗୌରୀ ପୂଜା, ସ୍ଥାନ: ରୁଗୁଡିପଡ଼ା, ପିପି ଏକାଡେମୀ, ଟିକ୍ରାପଡ଼ା, ଠିକାଦାରପଡ଼ା, ଗାନ୍ଧୀନଗର ପଡ଼ା, ଶାନ୍ତିପଡ଼ା, ରାଜେନ୍ଦ୍ରପଡା, ତୁଳସୀନଗର, ତାଳପାଲିପଡ଼ା, ରାଧାରାଣୀପଡା, ଜଗନ୍ନାଥପଡ଼ା, କଲେଜଛକ, ପୁରୁଣା ରାଜବାଟି, କ୍ଲବପଡା, ମଙ୍ଗଳା ମନ୍ଦିର, ବଲାଙ୍ଗୀର , ସମୟ: ସକାଳ ୭ଟା।

## ରାଉରକେଲା

- ବିଭିନ୍ନ ମଣ୍ଡପରେ ମା' ଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: ବାସନ୍ତୀ, ଉଦିତନଗର, ସମୟ: ସକାଳ ୮ଟା ୩୦।

## ବରଗଡ଼

- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ଅପରାହ୍ନ ୨ଟା।
- ତିହାର୍ ଲୋକ ମହୋତ୍ସବ,ସ୍ଥାନ: ତିହାର ମଣ୍ଡପ, ଅତାବିରା, ସମୟ:ରାତି ୮ଟା।

## କଳାହାଣ୍ଡି

- ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା, ସ୍ଥାନ: ଭବାନୀପାଟଣା, ଜେନାଖାଲ, ସମୟ: ଭୋର ୪ଟା।
- ମା' ଦୁର୍ଗାଙ୍କ ସିଦ୍ଧିଦାତ୍ରୀ ପୂଜା, ସ୍ଥାନ: ଭବାନୀପାଟଣା, ନକଟିଗୁଡା, ସମୟ: ସକାଳ ୮ଟା।

## ଦେବଗଡ଼

- ନବରାତ୍ର ପୂଜାର ନବମ ଦିବସ ପୂଜା, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳି ମନ୍ଦିର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ସିଦ୍ଧିଦାତ୍ରୀ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।
- ମହାଷ୍ଟମୀ ପୂଜା, ସ୍ଥାନ: ଅମରପାଲି ଦୁର୍ଗା ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ,ସ୍ଥାନ: ଲୁତୁରପଙ୍କ ହାଇସ୍କୁଲ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ମାହେଶ୍ୱରୀଙ୍କ ଗମ୍ଭୀରା ବିଜେ, ସ୍ଥାନ: ମାହେଶରୀ ମନ୍ଦିର, ଗୌଡଗାଡ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସନ୍ଧ୍ୟା ଆଳତି, ସ୍ଥାନ: ଲୁତୁରପଙ୍କ ଦୁର୍ଗା ମେଢ଼, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଚତୁର୍ଦ୍ଦଶ ଦିବସ, ସ୍ଥାନ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜାରେ ମାତା ମହାଗୌରୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସପ୍ତାହିକ ବଜାର ପଡିଆ, ସମୟ: ସନ୍ଧ୍ୟା ୬ଟା ୩୧।
- ଜୟହିନ୍ଦ ଯୁବକ ସଂଘ ନବଦୁର୍ଗା କମିଟି ବିରେଶକେଲା ପକ୍ଷରୁ କାଳ୍ପନିକ ନାଟକ ପରିବେଷଣ, ସ୍ଥାନ: ବୋଡେନ ବ୍ଲକ ବିରେଶକେଲା ଗାଁ, ସମୟ: ରାତ୍ର ୯ଟା।
- ନବରାତ୍ର ଦୁର୍ଗାପୂଜାରେ ପ୍ରାତଃ ଓ ସନ୍ଧ୍ୟା ଆଳତି, ସ୍ଥାନ: ତେଲିପଡା ଛକ ନୂଆପଡା, ସମୟ: ପ୍ରାତଃ ୬ଟା ଓ ସନ୍ଧ୍ୟା ୭ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହାଣ୍ଡି ଭାଙ୍ଗିଲେ ଖପରା**
**ମନ ଭାଙ୍ଗିଲେ ଛୋପରା।**

ହାଣ୍ଡି ଭାଙ୍ଗିଗଲେ ପୁନଶ୍ଚ ଯୋଡ଼ିହୋଇ ପାରୁ ନ ଥିବା ସ୍ଥଳେ କେବଳ ଖପରା ହେବା ହିଁ ସାର ହୋଇଥାଏ। ସେହିପରି ମନ ବା ହୃଦୟ ଭାଙ୍ଗିଗଲେ ମଣିଷ ନିଜକୁ ନିଃସଙ୍ଗବୋଧ କରିଥାଏ। ଅସହାୟ ମଣିବା ସହ ମୁହଁରେ ବିଷର୍ଣ୍ଣତା ଭାବ ପ୍ରକାଶ ପାଇଥାଏ। ପରିସ୍ଥିତିରେ ଉନ୍ନତି ଆସିଲେ ବି ମଣିଷ ସେଥିରେ ଖୁସି ଅନୁଭବ କରିପାରି ନ ଥାଏ। ମନକୁ ମାରି ଚୁପ ହୋଇ ବସି ରହିଥାଏ। ଅବସ୍ଥା ଚକ୍ରରେ ଉଭୟ ହାଣ୍ଡି ଓ ମନ ନିରର୍ଥକ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କ୍ଷୀରରେ ଧୋଇଲେ ଖଣ୍ଡରେ ମୋହିଲେ**
**ନିମ୍ବ କି ମଧୁର ହୋଇବ**
**ଯେତେ ପରକାରେ ବୁଝାଇ କହିଲେ**
**ପର କି ଆପଣା ହୋଇବ ?**

ନିମକାଠି ପାଟିକୁ ପିତା ଲାଗିଥାଏ। ଏହାକୁ ଯେତେ କ୍ଷୀରରେ ଧୋଇଲେ କିମ୍ବା କନ୍ଦ ବା ଗୁଡ଼ରେ ଘଷିଲେ ଏହାର ପିତା ଅଂଶ କଟିପାରି ନ ଥାଏ। ସେହିପରି ପର ବ୍ୟକ୍ତିଙ୍କୁ ଯେତେ ପ୍ରକାରର ଆଦର ଅଭ୍ୟର୍ଥନା ଦେଖାଇବା ସହ ମୁଣ୍ଡରେ ବସାଇଲେ ମଧ୍ୟ ସେ କେବେ ଆପଣାର ହୋଇପାରି ନ ଥାନ୍ତି। ପର ବା ଅଜଣା ବ୍ୟକ୍ତି କେବେ ବି ଭରସାଯୋଗ୍ୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶାନ୍ତି ଓ ବିଶ୍ୱାସକୁ ଗୁରୁତ୍ୱ

**ଆଜି ଅନ୍ତର୍ଜାତୀୟ ଅନୁବାଦ ଦିବସ**

ପ୍ରତିବର୍ଷ ସେପ୍ଟେମ୍ବର ୩୦ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ଅନୁବାଦ ଦିବସ। ଦେଶଗୁଡ଼ିକୁ ସଂଯୋଗ କରିବା, ଶାନ୍ତି ଓ ବିକାଶକୁ ପ୍ରୋତ୍ସାହନ ଦେବାରେ ଅନୁବାଦକମାନଙ୍କର ଅବଦାନକୁ ସ୍ୱୀକୃତି ଦେବାଲାଗି ୨୦୧୭ ମସିହାରେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ଏହିଦିବସ ଅନୁବାଦକଙ୍କ ପାଇଁ ପ୍ରେରଣାର ଉତ୍ସ ଭାବେ ବିଦିତ ସେଣ୍ଟ ଜେରୋମଙ୍କ ପର୍ବ ଦିବସରେ ମଧ୍ୟ ପାଳନ କରାଯାଏ। ଚଳିତ ବର୍ଷ ଏହି ଦିବସ ଲାଗି 'ଶାନ୍ତି ଓ ବିଶ୍ୱାସ' ଥିମ୍‌କୁ ଆଧାର କରି ପାଳନ କରାଯିବ। ଏହି ଥିମ୍ ବିଶ୍ୱବ୍ୟାପୀ ଯୋଗାଯୋଗରେ ବିଶ୍ୱାସ ସ୍ଥାପନ ଏବଂ ସଂଳାପ ମାଧ୍ୟମରେ ଶାନ୍ତି ପ୍ରତିଷ୍ଠାରେ ଅନୁବାଦକ, ଦ୍ୱିଭାଷୀ ଓ ପାରିଭାଷିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଲୋକପାତ କରୁଛି। ଜାତିସଂଘ ସାଧାରଣ ପରିଷଦ ଚଳିତବର୍ଷକୁ 'ଶାନ୍ତି ଓ ବିଶ୍ୱାସର ବର୍ଷ' ଭାବେ ଘୋଷଣା କରିଛି, ଯେଉଁଠାରେ ସଂଘର୍ଷ ନିରାକରଣ, ଶାନ୍ତି ପାଇଁ କୂଟନୀତି ଓ ସଂଳାପର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ଅନୁବାଦକ ଓ ଦ୍ୱିଭାଷୀମାନେ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅପରିହାର୍ଯ୍ୟ ଭୂମିକା ନିର୍ବାହ କରନ୍ତି, ଯାହା ଯାନ୍ତ୍ରିକ ଅନୁବାଦ କିମ୍ବା କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସମ୍ଭବ ନୁହେଁ।




**ପ୍ରଥମ ପୃଷ୍ଠାରୁ...**

## ପ୍ରତି ପଞ୍ଚାୟତରେ...

ବିଦ୍ୟାଳୟ ଯୋଜନାର ଲକ୍ଷ୍ୟ। ତଦନୁଯାୟୀ ପ୍ରତି ପଞ୍ଚାୟତସ୍ତରରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଶିକ୍ଷା କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ହେବାଦ୍ୱାରା ଅଭିନବ ଶିକ୍ଷାଗତ ଅଭ୍ୟାସ ଏବଂ ଗୋଷ୍ଠୀ ସମୁଦାୟର ସକ୍ରିୟ ସମ୍ପୃକ୍ତି ମାଧ୍ୟମରେ ଛାତ୍ର ସମୁଦାୟର ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରାଯାଇ ପାରିବ। ଏହି ପଦକ୍ଷେପ ଜାତୀୟ ଶିକ୍ଷା ନୀତି-୨୦୨୦ ଏବଂ 'ନିପୁଣ' ଓଡ଼ିଶାର ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରି ସାମାଜିକ ଏବଂ ଶିକ୍ଷାଗତ ଭାବେ ପିଲାମାନଙ୍କୁ ସଶକ୍ତ କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୫-୨୬ରୁ ୨୦୨୭-୨୮ ଅର୍ଥାତ୍ ତିନିବର୍ଷରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯିବ। ପ୍ରତ୍ୟେକ ବିଦ୍ୟାଳୟ ପାଇଁ ଆନୁମାନିକ ୫ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରତ୍ୟେକ ସ୍କୁଲ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଆଧାରରେ ପ୍ରକୃତ ଖର୍ଚ୍ଚ ନିର୍ଣ୍ଣୟ କରାଯିବ।

## ରାତିରେ କାର୍ଯ୍ୟ...

କରିପାରିବେ। ପୂର୍ବରୁ ସେମାନଙ୍କ ଉପରେ ଏନେଇ ଥିବା ପ୍ରତିବନ୍ଧକ ହଟିବ। ମହିଳା କର୍ମଚାରୀମାନଙ୍କୁ ସେମାନଙ୍କ ଲିଖିତ ସମ୍ମତିରେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ସର୍ତ୍ତାବଳୀ ଅନୁଯାୟୀ ରାତ୍ରିରେ ବେସରକାରୀ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ୨୦ କିମ୍ବା ତଦୂର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟୋଜିତ କରିଥିବେ ସେମାନେ କର୍ମଚାରୀଙ୍କ ସଂଖ୍ୟା ଓଡ଼ିଆ ସାଇନ ବୋର୍ଡରେ ପ୍ରଦର୍ଶନ କରିବାକୁ ବାଧ୍ୟ। ସେହିପରି ସେମାନଙ୍କ ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୯ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରିବା ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ମାରିଛି। ସେହିପରି ଗୋଟିଏ ପ୍ରତିଷ୍ଠାନରେ କର୍ମଚାରୀଙ୍କ କାର୍ଯ୍ୟ ପାଳିରେ ଏକାଥରକେ ୬ଘଣ୍ଟାରୁ ଅଧିକ ହୋଇପାରିବ ନାହିଁ। ଏହି ସମୟରେ କର୍ମଚାରୀଙ୍କ ପାଇଁ ଅତି କମ୍‌ରେ ଅଧଘଣ୍ଟାର ବ୍ୟବଧାନ ରହିବ। ତ୍ରୈମାସିକ ଓଭର ଟାଇମ୍ କାର୍ଯ୍ୟସୀମା ୫୦ଘଣ୍ଟାରୁ ୧୪୪ ଘଣ୍ଟାକୁ ବୃଦ୍ଧି ହୋଇପାରିବ। କୌଣସି ପ୍ରତିଷ୍ଠାନରେ ଜଣେ କର୍ମଚାରୀ କୌଣସି ଦିନରେ ୧୦ ଘଣ୍ଟାରୁ ଅଧିକ କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କରିଲେ, ଓଭରଟାଇମ କାର୍ଯ୍ୟ ବାବଦକୁ ସାଧାରଣ ମଜୁରି ହାରର ଦ୍ୱିଗୁଣ ପାଇବାକୁ ହକ୍‌ଦାର ହେବେ। ପ୍ରତିଷ୍ଠାନଗୁଡ଼ିକ ଦିନରାତି ୨୪ ଘଣ୍ଟା ଏବଂ ବର୍ଷକୁ ୩୬୫ ଦିନ ଖୋଲା ରହିପାରିବ। ସେହିପରି ଫ୍ୟାକ୍ଟ୍ରି ଆଇନର ସଂଶୋଧନ ଅନୁଯାୟୀ, କାର୍ଯ୍ୟରତ ଶ୍ରମିକମାନେ ସପ୍ତାହକରେ ଅତି ବେଶିରେ ୪୮ଘଣ୍ଟା କାର୍ଯ୍ୟ କରିପାରିବେ। ତିନିମାସରେ ୧୧୫ରୁ ୧୪୪ଘଣ୍ଟା କାର୍ଯ୍ୟ କରିପାରିବା ଭଳି ସଂସ୍କାର ଅଣାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ସଂସ୍କାରଗୁଡ଼ିକ ରାଜ୍ୟରେ ନୂତନ ଶିଳ୍ପ ଏବଂ ନିବେଶକୁ ଆକର୍ଷିତ କରିବ, କାରଖାନାଗୁଡ଼ିକୁ ସର୍ବୋଚ୍ଚ ଚାହିଦା ପୂରଣ କରିବାରେ ସକ୍ଷମ କରିବ ଏବଂ ଉତ୍ପାଦକତା ବୃଦ୍ଧି କରିବ। ଏହା ଅଧିକ ଓଭର ଟାଇମ୍ କାମ କରିବାକୁ ଅନୁମତି ଦେଇ ଶ୍ରମିକଙ୍କ ରୋଜଗାର ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ।

## ଶିରୀଶ ଚନ୍ଦ୍ର ମୁର୍ମୁ...

ମୁର୍ମୁ ଏବେ ଆର୍‌ବିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁର୍ମୁଙ୍କୁ ତାଙ୍କ ପଦୋନ୍ନତି ପାଇଁ ଅଭିନନ୍ଦନ ଜଣାଇବା ସହ ଏହା ରାଜ୍ୟ ତଥା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଆର୍‌ବିଆଇର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭାବେମ ତାଙ୍କ ଅଭିଜ୍ଞତା ଓ ପ୍ରଦର୍ଶନ ଆର୍ଥିକ ବ୍ୟବସ୍ଥା ଏବଂ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଆର୍‌ବିଆଇ ଆଇନ, ୧୯୩୪ ଅନୁଯାୟୀ କେନ୍ଦ୍ରୀୟ ବ୍ୟାଙ୍କରେ ୪ ଜଣ ଡେପୁଟି ଗଭର୍ନର ରହିବା ବ୍ୟବସ୍ଥା ଅଛି। ସେମାନଙ୍କ ମଧ୍ୟରୁ ୨ ଜଣ ର୍‍ୟାଙ୍କ୍ ମଧ୍ୟରେ ହୋଇଥିବାବେଳେ ଜଣେ ବ୍ୟବସାୟିକ ବ୍ୟାଙ୍କିଙ୍ଗ୍ ସେକ୍ଟରର ଏବଂ ଅନ୍ୟ ଜଣେ ମୁଦ୍ରାନୀତି ବିଭାଗର ମୁଖ୍ୟ ଅର୍ଥନୀତିଜ୍ଞ ହୋଇଥାନ୍ତି। ବର୍ତ୍ତମାନ ଥିବା ଅନ୍ୟ ୩ ଡେପୁଟି ଗଭର୍ନର ହେଲେ ଟି. ରବିଶଙ୍କର, ସ୍ୱାମୀନାଥନ ଜେ ଏବଂ ପୁନମ୍ ଗୁପ୍ତା। ଅକ୍ଟୋବର ୮ରେ ଅବସର ନେବାକୁ ଥିବା ରାଓ ୨୦୨୦ ସେପ୍ଟେମ୍ବରରେ ଡେପୁଟି ଗଭର୍ନର ଭାବେ ୩ ବର୍ଷ ପାଇଁ ନିଯୁକ୍ତ ହୋଇଥିବାବେଳେ ପରେ ତାଙ୍କ କାର୍ଯ୍ୟକାଳ ୨ ଥରରେ ୨ ବର୍ଷ ବୃଦ୍ଧି କରାଯାଇଥିଲା।

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଡେପୁଟି ଗଭର୍ନର ଭାବେ ନିଯୁକ୍ତି ପାଇଥିବାରୁ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଜଣେ ସୁଯୋଗ୍ୟ ଓଡ଼ିଆ ଦେଶର ସର୍ବୋଚ୍ଚ ବ୍ୟାଙ୍କରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଆର୍‌ବିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ଦେଶର ଆର୍ଥିକ ବ୍ୟବସ୍ଥା ଓ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ। ଆଗାମୀ କାର୍ଯ୍ୟକାଳ ଓ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଉଛି ଏବଂ ସଫଳତା କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଗତକାଲିର ସ୍ଥିତି ବହୁଳାଂଶରେ ବଦଳିଯାଇଥିବାରୁ ଆଜି ମାନସିକ ସୁସ୍ଥତା ଫେରିପାଇବେ। ନୂତନ ଯୋଜନା, ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା ଓ କ୍ରୀଡ଼ା ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ। ସମ୍ପର୍କୀୟଙ୍କ ଅଭିଯୋଗ ସକାଶେ ନିଜ ଲୋକଙ୍କୁ ଦାୟୀ କରିବେ। ଦ୍ୱିଜା ନକ୍ଷତ୍ର ଫେରନ୍ତା ବାଟରେ ମୂଲ୍ୟବାନ୍ ଜିନିଷ କିଣିପାରନ୍ତି।

**ବୃଷ** — ମୃଗଶିରା ନକ୍ଷତ୍ର ଆତ୍ମୀୟଙ୍କ ସାହାଯ୍ୟ ଲାଭକରି କାମ ହାସଲକରିବେ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତି ବିରୁଦ୍ଧାଚରଣ କଲେ ମଧ୍ୟ ଶେଷରେ ଆପଣଙ୍କ ପ୍ରତି ନରମ ମନୋଭାବ ପୋଷଣ କରିପାରନ୍ତି। ସରକାରୀ ଅନୁଦାନ ପାଇବା ସମ୍ଭାବନା ରହିଛି। ଆପଣଙ୍କ ନିଃସ୍ୱାର୍ଥପର ସେବା ମନୋଭାବରୁ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧିପାଇବ।

**ମିଥୁନ** — ଆଜି ପୁନର୍ବସୁ ନକ୍ଷତ୍ର ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି, ବନ୍ଧୁମିଳନଜନିତ ମନ ଖୁସି ରହିବ। ମଙ୍ଗଳଙ୍କ ଅବସ୍ଥିତିରୁ ଜମିଜମା ବିବାଦର ସମାଧାନ, ବାଣିଜ୍ୟ ସମସ୍ୟା ଦେଖାଦେବ। ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**କର୍କଟ** — ଉନ୍ନତ ଚିନ୍ତା ଓ ଶୁଦ୍ଧଭାବନା ପାରିବାରିକ, ସାମାଜିକ ଓ କର୍ମକ୍ଷେତ୍ରକୁ ସରଳୀକୃତ କରିବ। ଆନୁଷ୍ଠାନିକ କାମରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଭ୍ରମଣ ସୁଯୋଗ, ସତ୍‌ସଙ୍ଗରୁ ଖୁସି ହୋଇପାରନ୍ତି। ଅଶ୍ଳେଷା ନକ୍ଷତ୍ର ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାର ସୌଭାଗ୍ୟପ୍ରାପ୍ତ ହେବ। ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବରୁ ଚିନ୍ତିତ ରହିବେ।

**ସିଂହ** — ଅସୁସ୍ଥତାଜନିତ କେତେକ କାମ ଅଟକି ରହିଯାଇପାରେ। ପୂର୍ବାପେକ୍ଷା ପରିସ୍ଥିତି ଭଲ ହେଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ସଦାବେଳେ ହାତଖାଲି ରହିବାରୁ ମନରେ ସରସତା ରହିବ ନାହିଁ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି।

**କନ୍ୟା** — ବନ୍ଧୁଙ୍କ ଜରିଆରେ ସମସ୍ୟା ସମାଧାନର ପନ୍ଥା ଖୋଜିବାରେ ସଫଳ ହେବେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ହସ୍ତା ନକ୍ଷତ୍ର ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ଦ୍ୱାରା କୌଣସି ଖବର ପାଇଁ ଚିନ୍ତିତ ରହିପାରନ୍ତି।

**ତୁଳା** — ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଦୀର୍ଘଦିନ ହେଲା ବନ୍ଧୁଙ୍କ ପାଖରେ ରହିଥିବା ବକେୟା ଟଙ୍କା ପାଇଁ ସମସ୍ୟା ଉପୁଜିବ। ସ୍ୱାତୀ ନକ୍ଷତ୍ର ବନ୍ଧୁଙ୍କ ନିକଟରୁ କୌଣସି ଶୁଭଖବର ପାଇ ଖୁସି ହୋଇପାରନ୍ତି।

**ବିଛା** — ବିଶେଷ ଅସୁବିଧା ନ ହେଲେ ମଧ୍ୟ ଶାରୀରିକ ଦୁର୍ବଳତା ହେତୁ କୌଣସି କାମ ସକାଶେ ମନ ଲାଗି ନ ପାରେ। ନିଜର ପ୍ରାଧାନ୍ୟ ରକ୍ଷା କରିବାକୁ ଯାଇ ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ। ଜ୍ୟେଷ୍ଠା ନକ୍ଷତ୍ର ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପ୍ରିୟଜନଙ୍କ ସାହାଯ୍ୟରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି।

**ଧନୁ** — ଉତ୍ତରାଷାଢ଼ା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମାଧାନରେ ସାହାଯ୍ୟ କରିବ। ଆଜି ଅର୍ଥଲାଭ, ସମ୍ମାନ ପ୍ରାପ୍ତି , କାର୍ଯ୍ୟସିଦ୍ଧି ହେତୁ ମନ ମଧ୍ୟ ପ୍ରଫୁଲ୍ଲ ରହିବ। ଯେକୌଣସି କାମ ଆରମ୍ଭ ପୂର୍ବରୁ ସରଳ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ, କିନ୍ତୁ ବହୁ ହଇରାଣ ହେବାକୁ ପଡ଼ିପାରେ।

**ମକର** — ଶ୍ରବଣା ନକ୍ଷତ୍ର ବିବାଦୀୟ ଘଟଣା ନିର୍ମାଣ ଓ ପରିବହନ କ୍ଷେତ୍ରରୁ ସନ୍ତୋଷ ଲାଭ କରିବେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଭୁଲ୍ ବୁଝାମଣାରୁ ଦାମ୍ପତ୍ୟ ଜୀବନରେ ମନାନ୍ତର ସୂଚନା ରହିଛି। ପରିବାରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇପାରନ୍ତି।

**କୁମ୍ଭ** — ଶତଭିଷା ନକ୍ଷତ୍ର ବିଭିନ୍ନ ସୁଖ ସମ୍ଭୋଗ ଓ ବିଳାସବ୍ୟସନ ଦିଗକୁ ମୁହାଁଫେରାଇପାରନ୍ତି। ଗୃହ, ଯାନ, ଯାନ୍ତ୍ରିକ ଜିନିଷ, ଅଳଙ୍କାର ପ୍ରଭୃତି ମୂଲ୍ୟବାନ୍ ଜିନିଷ ପାଇଁ ମନ ବଳାଇବେ। ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଆର୍ଥିକ ସମସ୍ୟା, ଜମିଜମା, ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ** — ଦୂରଦର୍ଶିତା ଓ ବାସ୍ତବବାଦୀ ଚିନ୍ତାଧାରା ପ୍ରତ୍ୟେକ କାମରେ ସହାୟକ ହେବ। ଆଜି ଯେଉଁ କାମରେ ହାତଦେବେ ନିଶ୍ଚିତ ସଫଳତା ହାସଲ କରିବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ କଥା କଟାକଟି ,ଅଶାନ୍ତି ପରିସ୍ଥିତି ଉପୁଜିପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ସେପ୍ଟେମ୍ବର ୩୦ ତାରିଖ, ଆଶ୍ୱିନ ଶୁକ୍ଳ ଅଷ୍ଟମୀ ମଙ୍ଗଳବାର, ମୃଣ୍ମୟୀଦେବୀଙ୍କ ମହାଷ୍ଟମୀ ପୂଜା, ପୀଠେ ମହାନବମୀ, ଶ୍ରୀମନ୍ଦିରରେ ମହାନବମୀ ପୂଜା, ବିମଳାଦେବୀଙ୍କର ଶାନ୍ତିପୂଜା। ରାଶିନକ୍ଷତ୍ର- ପୂର୍ବାଷାଢ଼ା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୦ ଗତେ, ଘ. ୦୬।୨୮ ମଧ୍ୟେ, ୦୮।୩୮ ଗତେ, ଘ.୧୧।୧୨ ମଧ୍ୟେ, ଶୁଭ ଶୁଭବେଳା। ଅପରାହ୍ନ ଘ. ୦୨।୩୪ ଗତେ, ଘ.୦୪।୦୩ ମଧ୍ୟେ ରାହୁକାଳ।




## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

ପାଟଣା,୨୯।୯(ବର୍‌କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟରୁ ମାଟିଆ ଗୁନିକୁ ସଂଲଗ୍ନ ସାହାରପଡ଼ା କଲେଜ ସମ୍ମୁଖ ରାସ୍ତାକଡ଼ ବିଲରୁ ଜଣେ ଯୁବକଙ୍କୁ ମୃତଦେହ ଜବତ ହୋଇଛି। ମୃତକ ଠାକୁରମୁଣ୍ଡା ଥାନା ଜଡ଼ିବିଲର ଜଗନ୍ନାଥ ମହାନ୍ତଙ୍କ ପୁଅ ବିରଞ୍ଚି ନାରାୟଣ ମହାନ୍ତ(୪୦)। ସୂଚନା ଅନୁଯାୟୀ, ବରଞ୍ଚି ଓ ତାଙ୍କ ସ୍ତ୍ରୀ ବର୍ଷାରାଣୀ ଭୁବନେଶ୍ୱରର ଏକ ଫାର୍ମରେ ରହୁଥିଲେ। ବର୍ଷାରାଣୀ ଦଶହରା ପାଇଁ ଆଗୁଆ ଘରକୁ ଚାଲି ଆସିଥିଲେ। ବିରଞ୍ଚି ରବିବାର ବସ ଯୋଗେ ଫେରୁଥିଲେ। ମୃତଦେହ କିଭଳି ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟରୁ ୨ କି.ମି. ଦୂରକୁ ଆସିଲା ବୋଲି ବର୍ଷାରାଣୀ ପ୍ରଶ୍ନ କରିଛନ୍ତି।

# ୨ ଭାଇ ମୃତ, ସ୍ତ୍ରୀ, ସ୍ୱାମୀ ଗୁରୁତର

### କାର-ବାଇକ୍ ମୁହାଁମୁହିଁ ଧକ୍କା

ଆଳି,୨୯।୯(ବନମାଳୀ ସେନାପତି)

ବାପାଙ୍କ ମୃତ୍ୟୁର ୧୪ ଦିନରେ ପୁଅ ଓ ଭଣଜାଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟଣା ଆଳି-ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଏଭଳି ଘଟଣା ସୋମବାର କଟକ-ଚାନ୍ଦବାଲି ରାସ୍ତା ଗୋପୀନାଥପୁର ଶାସନ ଛକରେ ଘଟିଛି। କାର୍-ବାଇକ୍ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବା ଯୋଗୁ ୨ ଭାଇଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ନରେନ୍ଦ୍ର କୁମାର ଦାସ ଓ ଅଜିତ ନାୟକ।

ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅରଡ଼ପଲି ଗ୍ରାମର ପ୍ରବୀର ଦାସଙ୍କ ମୃତ୍ୟୁର ୧୪ ଦିନରେ ସୋମବାର ଅପରାହ୍ନରେ ତାଙ୍କର ପୁଅ ନରେନ୍ଦ୍ର କୁମାର ଦାସ ଓ ଭଣଜା ଅଜିତ ନାୟକ ଆଳି ଥାନା ଅନ୍ତର୍ଗତ କଳସପୁର ଗ୍ରାମରେ ଥିବା ଭଉଣୀ ଘରକୁ




ଦୁର୍ଘଟଣାରେ ୨ ଆହତଙ୍କ ଚିକିତ୍ସା କରାଯାଉଛି।

ଆସି ଫେରୁଥିବା ବେଳେ କଟକ-ଚାନ୍ଦବାଲି ରାସ୍ତା ଗୋପୀନାଥପୁର ଶାସନ ଛକରେ ପଟ୍ଟାମୁଣ୍ଡାଇ ଆଡୁ ଆସୁଥିବା ଏକ କାର ସହ ବାଇକ୍‌ର ମୁହାଁ ମୁହିଁ ଧକ୍କା ହୋଇଥିଲା। କାର୍‌ରେ ଥିବା ରାଜକନିକା ଥାନା ଅନ୍ତର୍ଗତ ସିକୁଡି ଗ୍ରାମର ହରିଶ୍ଚନ୍ଦ୍ର ରାଉତ ଓ ତାଙ୍କ ସ୍ତ୍ରୀ ଶାନ୍ତିଲତା ରାଉତ ଗୁରୁତର ହୋଇଥିବା ବେଳେ ବାଇକ୍ ଆରୋହୀ ନରେନ୍ଦ୍ର ଓ ଅଜିତ୍ ରାସ୍ତାରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଆଳି ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାରକରି ଆଳି ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ନରେନ୍ଦ୍ର ଓ ଅଜିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସିକୁଡି ଗ୍ରାମର ହରିଶ୍ଚନ୍ଦ୍ର ଓ ଶାନ୍ତିଲତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଢେପାଗୁଡ଼ା ଘାଟିରେ ଓଲଟିଲା ଟ୍ରାକ୍ଟର, ୪ ଗୁରୁତର

### ରାଶନ ଚାଉଳ ଧରି ୩୫ ଜଣ ଫେରୁଥିଲେ ଗାଁକୁ

ମୋହନା,୨୯।୯(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ ଢେପାଗୁଡ଼ା ଘାଟିରେ ସୋମବାର ଏକ ଟ୍ରାକ୍ଟର ଓଲଟି ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୁଶୀଳା ବେହେରଦଳାଇ (୫୮), ଅଲେଖ ବେହେରଦଳାଇ (୨୩), ସୁକେଶି ବେହେରଦଳାଇ (୪୦) ଓ ଭଗବାନ ବେହେରଦଳାଇ (୩୦)। ଟ୍ରାକ୍ଟରରେ ଥିବା ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି।

ଖବରରୁ ଜଣାପଡିଛି, ଗମ୍ଭାରୀ ଗାଁର ୩୫ ଜଣ ମହିଳା ପୁରୁଷ ରାଶନ ଚାଉଳ ଆଣିବାକୁ ଗରଡ଼ମା ପଞ୍ଚାୟତକୁ ଯାଇଥିଲେ। ସେଠାରୁ ଚାଉଳ ଧରି ସେମାନେ ଏକ ଟ୍ରାକ୍ଟରରେ ଗାଁକୁ ଫେରୁଥିଲେ। ଟ୍ରାକ୍ଟରଟି ଢେପାଗୁଡ଼ା ଘାଟି ଦେଇ ଆସୁଥିବା ବେଳେ ଭାରସାମ୍ୟ



ହରାଇ ଓଲଟି ପଡିଥିଲା। ଫଳରେ ଉପରୋକ୍ତ ୪ ଜଣ ମହିଳାପୁରୁଷ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେପହଞ୍ଚି ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ନେଇ ପ୍ରଥମେ ବ୍ରାହ୍ମଣୀ ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସମ୍ପୃକ୍ତ ୪ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ଅମୃତରାଜ ଜେନା ସୂଚନା ଦେଇଛନ୍ତି। ଖବର ପାଇ ଅଡବା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ରାତ୍ର ଜଗୁଆଳଙ୍କୁ ବାନ୍ଧି ସ୍କୁଲରୁ ଚୋରି ଉଦ୍ୟମ

ଯୋଡ଼ା,୨୯।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ କିଡ୍‌ଜି ସ୍କୁଲରେ ରବିବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଛି। ୬ ଦୁର୍ବୃତ୍ତ ରାତ୍ର ଜଗୁଆଳଙ୍କ ହାତ ଓ ମୁହଁ ବାନ୍ଧି ଚୋରି ଉଦ୍ୟମ କରିଥିବା ସ୍କୁଲ କର୍ତ୍ତୃପକ୍ଷଙ୍କ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସହର ଭିତରେ ପଶି ଦୁର୍ବୃତ୍ତ ଏପରି କାଣ୍ଡ ଘଟାଇବାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତି ପ୍ରାୟ ୧ଟା ୩୦ ସମୟରେ ୬ ଜଣ ଦୁର୍ବୃତ୍ତ ଏକ ସ୍କର୍ପିଓରେ ଆସି ସ୍କୁଲ ଭିତରକୁ ପଶିଥିଲେ। ଦୁର୍ବୃତ୍ତମାନେ ମୁହଁରେ ରୁମାଲ ବାନ୍ଧି ଥିବା ବେଳେ ହାତରେ ପିସ୍ତଲ ଧରିଥିଲେ। ସ୍କୁଲ ଭିତରକୁ ପଶି ରାତ୍ର ଜଗୁଆଳ ମନୋଜ ପାତ୍ର ଓ ନିର୍ମଳ ବେହେରାଙ୍କୁ କାବୁ କରି ସେମାନଙ୍କ ହାତ ବାନ୍ଧିବା ସହିତ ମୁହଁରେ ସେଲୋ ଟେପ୍ ଲଗାଇ ମୁହଁ ବନ୍ଦ କରି ଦେଇଥିଲେ। ପରେ ସ୍କୁଲ ଘରର ତାଲା ଭାଙ୍ଗିଥିଲେ। ସେହି ସମୟରେ କୌଶଳକ୍ରମେ ମନୋଜ ପଛପଟ ଗେଟ୍ ଦେଇ ଦୌଡ଼ି ପଳାଇବା ସହିତ ଚିତ୍କାର କରିଥିଲେ। ପାଟିଶୁଣି ଦୁର୍ବୃତ୍ତମାନେ ସେଠାରୁ ପଳାଇଥିଲେ। ଫେରାର ସମୟରେ ଦୁର୍ବୃତ୍ତ ସାଙ୍ଗରେ ଆଣିଥିବା ଶାବଳ, ଲୁହାରଡ଼, କଟର ମେଶିନ, ବ୍ୟାଗ ପ୍ରଭୃତିକୁ ଛାଡ଼ି ଚାଲି ଯାଇଥିଲେ। ଏ ନେଇ ସ୍କୁଲ କର୍ତ୍ତୃପକ୍ଷ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋମବାର ଯୋଡ଼ା ଆଇଆଇସି ପ୍ରଶାନ୍ତ କୁମାର ସାମଲ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପାର୍ବଣ ଋତୁ ଆରମ୍ଭରୁ ଯୋଡ଼ା ସହରରେ ଦୁର୍ବୃତ୍ତଙ୍କ ଏପରି କାର୍ଯ୍ୟକଳାପ ଯୋଗୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।




# ବିଧାନସଭା ସଚିବଙ୍କୁ ଲୋକ ସଭାର ପ୍ରଶଂସାପତ୍ର

ଭୁବନେଶ୍ୱର,୨୯।୯
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ଜାତୀୟ ଅନୁସୂଚିତ ଜାତି ଓ ଜନଜାତି ସମ୍ମିଳନୀକୁ ନେଇ ଲୋକ ସଭାର ସେକ୍ରେଟାରୀ ଜେନେରାଲ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ତାଙ୍କର ଟିମ୍‌କୁ ପ୍ରଶଂସା କରିଛନ୍ତି। ଏନେଇ ଲୋକ ସଭା ସେକ୍ରେଟାରୀ ଜେନେରାଲ ଉତ୍ପଳ କୁମାର ସିଂ ଚଳିତମାସ ୨୨ରେ ପତ୍ର ଲେଖି ଦର୍ଶାଇଛନ୍ତି, ଭୁବନେଶ୍ୱରଠାରେ ଅଗଷ୍ଟ ୨୯ ଓ ୩୦ ତାରିଖ ଦୁଇଦିନ ଧରି ସଂସଦ ଓ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ଦୁଇଦିନିଆ ଜାତୀୟ ସମ୍ମିଳନୀ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ସମ୍ମିଳନୀରେ ହୋଇଥିବା ଆଲୋଚନା ନିଶ୍ଚିତ ଭାବେ



ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରୁଥିବା ଫାଇଲ୍ ଫଟୋ।

ଆଦିବାସୀଙ୍କ ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇପାରିବ। ସମ୍ମିଳନୀ ଆୟୋଜନର ସୁବ୍ୟବସ୍ଥା, ଆତିଥେୟତାଠାରୁ ଆରମ୍ଭ କରି ସମ୍ମିଳନୀ ପରେ ପୁରୀ ଓ କୋଣାର୍କ ଗସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ ହୋଇପାରିଛି। ଏଥିପାଇଁ ସଚିବ ସତ୍ୟବ୍ରତ ଓ ତାଙ୍କର ସହଯୋଗୀ ଧନ୍ୟବାଦର ପାତ୍ର ବୋଲି ଉତ୍ପଳ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ଜାତୀୟ ଆଦିବାସୀ ସମ୍ମିଳନୀକୁ ଲୋକ ସଭାର ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିଥିବାବେଳେ ରାଜ୍ୟ ସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

# ମୋଦିଙ୍କୁ କଂଗ୍ରେସର ଟାର୍ଗେଟ

ଭୁବନେଶ୍ୱର,୨୯।୯
(ରବିନାରାୟଣ ଜେନା)

ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ 'ଭୋଟ ଚୋର, ଗାଦି ଛାଡ଼' ଜନାଦ୍ଦୃତ ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସହିଷ୍ଣୁ ହୋଇପଡ଼ିଛନ୍ତି ବୋଲି ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ପ୍ରକାଶ ଜେନା କହିଛନ୍ତି।

ସୋମବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କହିଛନ୍ତି, ଭୋଟ ଚୋରି କରି ଭାଜପା କିଭଳି କ୍ଷମତାସୀନ ହୋଇଛି, ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଲୋକଙ୍କ ପାଖକୁ ଯିବ। ଏହାକୁ ଏକ ବିରାଟ ଜନ ଆନ୍ଦୋଳନରେ ପରିଣତ କରାଯିବ।

ସେ କହିଥିଲେ, ପୂର୍ବର ବିଜେଡି ସରକାର ଗତ ୨୫ ବର୍ଷ ହେବ କେବଳ ରଙ୍ଗ ବଦଳା କାମ କରୁଥିବାବେଳେ ଭାଜପା ସରକାର ମଧ୍ୟ ସମାନ କାର୍ଯ୍ୟ କରୁଛି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ବେକାରି ସମସ୍ୟା ଏତେ ବୃଦ୍ଧି ପାଇଛି ଯେ, ଶିକ୍ଷିତ ଯୁବତୀ ଯୁବକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଆଗାମୀ ମହାନଗର ନିଗମ ନିର୍ବାଚନରେ କଂଗ୍ରେସ ଜୟଯୁକ୍ତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।




# ନଦୀରୁ ମିଳିଲା ନିଖୋଜ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତଦେହ

ଗୋପବନ୍ଧୁ ନଗର,୨୯।୯
(ଶାନ୍ତନୁ କୁମାର ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ କରକଟିଆ ଗ୍ରାମର ନିଖୋଜ ଥିବା ଅବସରପ୍ରାପ୍ତ ଶିକ୍ଷକ ସନ୍ୟାସୀ ରାଉତ(୭୦)ଙ୍କ ମୃତଦେହ ସୋମବାର ସ୍ଥାନୀୟ ନାଲୁହା ନଦୀରୁ ମିଳିଛି। ସୂଚନା ଅନୁଯାୟୀ, ସନ୍ୟାସୀ ଗତ ଶୁକ୍ରବାର ଅପରାହ୍ନରେ ଗଡ଼ିଗାଁ ସାପ୍ତାହିକ ହାଟକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ସୋମବାର ସକାଳେ ଘର ନିକଟରୁ ପ୍ରାୟ ୧ କିଲୋମିଟର ଦୂର ନାଲୁହା ନଦୀର ମାଠିଆଭଙ୍ଗାଠାରେ ଏକ ଗଛ କୋରଡ଼ରେ ଲାଗି ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖୁଣ୍ଟା ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପୋଲିସ ନଦୀରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନାକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୮/୨୫) ରୁଜୁ ହୋଇଛି। ସନ୍ୟାସୀ ଶୌଚ ହେବାକୁ ଯାଇଥିବା ବେଳେ ନଦୀର ଗଭୀର ଜଳ ମଧ୍ୟକୁ ଗୋଡ଼ ଖସିଯାଇ ଆଉ ବାହାରିପାରି ନ ଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରୁଛି।

# କରୁର୍ ଦଳାଚକଟା ଘଟଣାର ତଦନ୍ତ ଲାଗି ଏନ୍‌ଡିଏ ଟିମ୍ ଗଢ଼ିଲା: ଭାଜପା

### ଏମ୍‌ପି ଅପରାଜିତା ଟିମ୍‌ର ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)

ତାମିଲନାଡୁର କରୁର୍‌ଠାରେ ଟିଭିକେ ଦଳର ରାଲି ସମୟରେ ହୋଇଥିବା ଦଳାଚକଟାରେ ଅନେକ ପ୍ରାଣ ହରାଇଛନ୍ତି। ଏଥିପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦୁଃଖ ପ୍ରକାଶ କରିବା ସହିତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଘଟଣାର ତଦନ୍ତ କରିବା ଏବଂ ଆହତଙ୍କ ପରିବାରବର୍ଗଙ୍କୁ ଭେଟିବା ପାଇଁ ଏକ ଏନ୍‌ଡିଏ ଟିମ୍ ଗଠନ କରିଛନ୍ତି। ଏହି ୮ ଜଣିଆ ଟିମ୍‌ରେ ଏମ୍‌ପି ହେମା ମାଳିନୀ ଆବାହକ ଥିବାବେଳେ ଓଡ଼ିଶାରୁ ଅପରାଜିତା ସଦସ୍ୟ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅନୁରାଗ ଠାକୁର, ତେଜସ୍ୱୀ ସୂର୍ଯ୍ୟ, ବ୍ରଜ ଲାଲ, ଶ୍ରୀକାନ୍ତ ସିନ୍ଧେ, ରେଖା ଶର୍ମା ଏବଂ ପୁତ୍ତ ମହେଶ କୁମାରକ ରହିଛନ୍ତି। ଏ ନେଇ ଭାଜପା ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂ ଚିଠି ଜାରି କରିଛନ୍ତି।

# ଘରେ ଶୋଇଥିବା ବେଳେ ସାପ କାମୁଡ଼ାରେ ମୃତ୍ୟୁ

ଧାମନଗର,୨୯।୯
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଏନ୍‌ଏସି ୧ ନଂ. ୱାର୍ଡ ଭଣ୍ଡାରୀପଦି ଗ୍ରାମର ବାବୁଲା ଦାସ (୫୫)ଙ୍କର ରବିବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ରାତିରେ ଘରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୫) ରୁଜୁ ହୋଇଛି।

# ତାମିଲନାଡୁ ନିର୍ବାଚନ ନେଇ ବୈଜୟନ୍ତଙ୍କ ବୈଠକ

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)

ଭାଜପା ଏମ୍‌ପି ବୈଜୟନ୍ତ ପଣ୍ଡା ତଥା ବର୍ତ୍ତମାନ ଦଳ ପକ୍ଷରୁ ତାମିଲନାଡୁର ବିଧାନସଭା ନିର୍ବାଚନ ପ୍ରଭାରୀ ଭାବେ ନିଯୁକ୍ତି ପାଇବା ପରେ ସୋମବାର ସେ ପ୍ରଥମ ବୈଠକ କରିଛନ୍ତି। ତାମିଲନାଡୁ ବିଧାନସଭା ନିର୍ବାଚନ ସହପ୍ରଭାରୀ ଭାବେ ଭାଜପା ପକ୍ଷରୁ ନିଯୁକ୍ତି ପାଇଥିବା ରାଷ୍ଟ୍ରମନ୍ତ୍ରୀ ଏମ୍. ମୁରଲୀଧର ଏବଂ ଭାଜପା ଜାତୀୟ ସମ୍ପାଦକ ତଥା ସଙ୍ଗଠନ ପ୍ରଭାରୀ ଅରବିନ୍ଦ ମେନନଙ୍କ ସହ ବୈଜୟନ୍ତ ଏହି ବୈଠକ କରିଛନ୍ତି। ଏଥିରେ ମୁଖ୍ୟତଃ ତାମିଲନାଡୁରେ ଦଳର ସଙ୍ଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ଦଳର ନିର୍ବାଚନ ରଣନୀତି ଏବଂ ସାଙ୍ଗଠନିକ ନିର୍ବାଚନ ଆଗରୁ କିପରି ହେବ ତାହା ଉପରେ ମଧ୍ୟ ଚର୍ଚ୍ଚା ହୋଇଥିବା ଜଣାପଡ଼ିଛି। ବୈଠକରେ ମୁଖ୍ୟତଃ ବୈଜୟନ୍ତ, ସେଠାକାର ଲୋକଙ୍କ ସହ କିପରି ଯୋଡ଼ି ହୋଇପାରିବେ, ତୃଣମୂଳସ୍ତରରେ କାର୍ଯ୍ୟକ୍ରମ କିପରି ବ୍ୟବସ୍ଥିତ ଢଙ୍ଗରେ କରିହେବ ତା'ଉପରେ ବିଚାରବିମର୍ଶ କରିଥିବା ବେଳେ ରାଜ୍ୟର ବିକାଶ ଏବଂ ଉନ୍ନୟନମୂଳକ ପ୍ରତିଶ୍ରୁତି ଭାଜପା ପକ୍ଷରୁ ଯାହା ଦିଆଯାଇଛି ତାହା କିପରି ଲାଗୁ ହେବ ସେନେଇ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି।

"ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବସ୍ତୁର ଆନନ୍ଦ। ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। -ଶ୍ରୀଅରବିନ୍ଦ

-ପାଠେ ମହାନବମୀ, ଶ୍ରୀମୁଣ୍ଡଧ୍ୟୀ ଦେବୀଙ୍କ ମହାଷ୍ଟମୀ ପୂଜା, ସନ୍ଧି ପୂଜା



# ତମାଖୁ ଯନ୍ତା

ଆନ୍ତର୍ଜାତୀୟ ଡାକ୍ତରୀ ପତ୍ରିକା 'ଦ ଲାନ୍‌ସେଟ୍'ରେ ସଦ୍ୟ ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟରୁ ଜଣାପଡ଼ିଛି ଯେ, ଭାରତରେ ୧୯୯୦ରୁ ୨୦୨୩ ମଧ୍ୟରେ କ୍ୟାନସର ବା କର୍କଟ ରୋଗୀଙ୍କ ସଂଖ୍ୟା ୨୬ ପ୍ରତିଶତ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ କ୍ୟାନସରଜନିତ ମୃତ୍ୟୁହାର ୨୧ ପ୍ରତିଶତ ବଢ଼ିଛି। ତୁଳନାତ୍ମକ ଭାବେ ଦେଖିଲେ କର୍କଟ ରୋଗୀ ଓ ତଜ୍ଜନିତ ମୃତ୍ୟୁ ଆମେରିକା ଓ ଚାଇନାରେ ଗତ ୩୩ ବର୍ଷ ମଧ୍ୟରେ ଯଥେଷ୍ଟ କମିଛି। ଲାନ୍‌ସେଟ୍ ଦର୍ଶାଇଛି ଯେ, ଚାଇନାରେ କର୍କଟ ରୋଗୀଙ୍କ ସଂଖ୍ୟା ଏହି ଅବଧି ମଧ୍ୟରେ ୧୯ ପ୍ରତିଶତ କମ୍ ହୋଇଥିବା ବେଳେ ଆମେରିକାରେ ୨୦ ପ୍ରତିଶତ ହ୍ରାସ ଘଟିଛି। ଏହାସହ ଚାଇନାରେ କ୍ୟାନ୍‌ସରଜନିତ ମୃତ୍ୟୁ ୪୩ ପ୍ରତିଶତ ଓ ଆମେରିକାରେ ଏହା ୩୩ ପ୍ରତିଶତ ହ୍ରାସ ପାଇଛି। ଲାନ୍‌ସେଟ୍‌ର ଭାରତ ସମ୍ବନ୍ଧୀୟ ଉପରୋଲ୍ଲିଖିତ ତଥ୍ୟ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି, ଚାଇନା ଓ ଆମେରିକାରେ କ୍ୟାନସର ରୋଗୀଙ୍କ ସଂଖ୍ୟା କମିବା ପଛରେ ରହିଛି ଦୃଢ଼ ତମାଖୁ ନିୟନ୍ତ୍ରଣ ବ୍ୟବସ୍ଥା। ହେଲେ ଭାରତରେ ବ୍ୟାପକ ତମାଖୁ ବ୍ୟବହାର, ମୋଟାପଣ ଏବଂ ପ୍ରାରମ୍ଭିକ ରୋଗ ଚିହ୍ନଟରେ ବିଳମ୍ବ ଯୋଗୁ କର୍କଟ ରୋଗୀ ଓ ସେହି ସମ୍ବନ୍ଧୀୟ ମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି।

ତମାଖୁ ବୋଇଲେ ଧୂଆଁପତ୍ର, ବିଡ଼ି, ସିଗାରେଟ୍, ଗୁଣ୍ଡାଖୁ ଓ ଏବେ ବିଭିନ୍ନ ପ୍ୟାକେଟରେ ମିଳୁଥିବା ନିଶାଦ୍ରବ୍ୟକୁ ବୁଝାଇଥାଏ। ସେବନ କରୁଥିବା ବ୍ୟକ୍ତି ମନକୁ ଫୁର୍ତ୍ତି ରଖିବା ପାଇଁ ଏସବୁ ବ୍ୟବହାର କରୁଥିବା କହିଥାଆନ୍ତି। ତମାଖୁ ଅଭ୍ୟାସରେ ପଡ଼ିଯାଇଥିବା ଲୋକ ନିଜର, ପରିବାର ଓ ଆଖପାଖର କ୍ଷତି ଘଟାଇଥାଆନ୍ତି। ତମାଖୁ ସେବନକାରୀ ଓ ଏହାକୁ ଚାଷ ବା ପ୍ରସ୍ତୁତ କରୁଥିବା ଲୋକ ଅଧିକ ମାତ୍ରାରେ ପ୍ରଭାବିତ ହୋଇଥାଆନ୍ତି। ଚାଇନା ପରେ ଭାରତ ତମାଖୁ ବ୍ୟବହାର କରିବାରେ ଦ୍ୱିତୀୟ ବୃହତ୍ ଦେଶ। ୨୦୧୬-୧୭ ତଥ୍ୟ ଅନୁଯାୟୀ ଭାରତରେ ପାଖାପାଖି ୨୭ କୋଟି ଲୋକ ତମାଖୁ ସେବନ କରୁଛନ୍ତି। ସମ୍ଭବତଃ ଦୀର୍ଘ ବର୍ଷ ଧରି ଭାରତରେ ଏ ସଂକ୍ରାନ୍ତରେ ବିଧିବଦ୍ଧ ଭାବେ ତଥ୍ୟ ସମ୍ବଳିତ ରିପୋର୍ଟ ପ୍ରକାଶ ପାଇ ନ ଥିବାରୁ ଏହି ସଂଖ୍ୟା ନିଶ୍ଚିତ ବୃଦ୍ଧି ପାଇଥିବ ବୋଲି କୁହାଯାଇପାରେ; ଯାହା ଲାନ୍‌ସେଟ୍ ତଥ୍ୟ ନିଶ୍ଚିତ କରୁଛି। ଏହାସହ ତମାଖୁ ଶିଳ୍ପରେ ଜଡ଼ିତ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟଗତ ବିପଦର ସମ୍ମୁଖୀନ ହେଉଛନ୍ତି। କେବଳ ମଣିଷର ସ୍ୱାସ୍ଥ୍ୟ ନୁହେଁ, ବରଂ ପରିବେଶ ଉପରେ ଏହାର ଗଭୀର ପ୍ରଭାବ ପଡୁଛି। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ତମାଖୁ ଚାଷ ମାଟିର ଉପଯୋଗୀ ତତ୍ତ୍ୱକୁ ନଷ୍ଟ କରିବାରେ ଲାଗିଛି। କାରଣ ଏହି ଚାଷ ପାଇଁ ପ୍ରଚୁର ରାସାୟନିକ ସାରର ଆବଶ୍ୟକତା ରହିଛି। ଏଥିସହିତ ଏକ କେଜି ତମାଖୁ ପ୍ରସ୍ତୁତି ସକାଶେ ୫.୪ କେଜି ଜାଳେଣି କାଠ ଆବଶ୍ୟକତା ପଡୁଥିବାରୁ ଏହା ଜଙ୍ଗଲ କ୍ଷୟର ଅନ୍ୟତମ କାରଣ ବୋଲି କୁହାଯାଉଛି। କେବଳ ଏତିକି ନୁହେଁ, ତମାଖୁ ଉତ୍ପାଦନ ଓ ଏହାର ବ୍ୟବହାର ଭାରତରେ ପ୍ରତିବର୍ଷ ପାଖାପାଖି ୧ ଲକ୍ଷ ୭୦ ହଜାର ଟନ୍ ବର୍ଜ୍ୟ ସୃଷ୍ଟି କରୁଛି। ତେଣୁ ରୋଗ ହେଉ ବା ବର୍ଜ୍ୟ ପରିଚାଳନାଜନିତ ଖର୍ଚ୍ଚ ଅର୍ଥନୀତି ଉପରେ ବଡ଼ ବୋଝ ପାଲଟୁଛି।

ତମାଖୁ ନିୟନ୍ତ୍ରଣ ଦିଗରେ ଆମେରିକା ଓ ଚାଇନା ଆଗରେ ଅଛନ୍ତି। ଏଠାରେ ବିଶେଷକରି ଚାଇନାକୁ ଦେଖିଲେ ସେଠାକାର କଠୋର କଟକଣା ତମାଖୁ ସେବନକୁ ନିୟନ୍ତ୍ରଣ କରିବାରେ ବହୁଳାଂଶରେ ସହାୟକ ହୋଇଛି। ତମାଖୁ ସାମଗ୍ରୀ ଉପରେ ଅତ୍ୟଧିକ ଟିକସ ଲଗାଯିବା ସହ ସର୍ବସାଧାରଣ ସ୍ଥାନ, ସାଧାରଣ ପରିବହନରେ ଏହାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ନିର୍ଦ୍ଦିଷ୍ଟ ବୟସ ବର୍ଗ ଏହାକୁ ସେବନ କଲେ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। 'ସୁସ୍ଥ ଚାଇନା ୨୦୩୦' ଅଭିଯାନରେ ତମାଖୁ ନିୟନ୍ତ୍ରଣ ଏକ ଅଂଶବିଶେଷ ପାଲଟିଛି ଏବଂ ଏଥିରେ ଶତ ପ୍ରତିଶତ ଧୂମପାନ ମୁକ୍ତ ପରିବେଶ ଗଢ଼ିବାକୁ ଚାଇନା ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ଭାରତରେ ଏ ଦିଗରେ କଡ଼ା ନିୟମ ଥିଲେ ମଧ୍ୟ ବ୍ୟବହାରକାରୀ ଓ ଆଇନ ଅନୁପାଳନକାରୀ ଉଭୟେ ଜିଦ୍ ମାରୁଛନ୍ତି। ସ୍କୁଲ ଓ କଲେଜ ପରିସରର ୧୦୦ ଗଜ ପରିଧି ଭିତରେ ଧୂମପାନ ବିକ୍ରି ନିଷେଧ ଥିଲେ ମଧ୍ୟ କେହି ମାନୁନାହାନ୍ତି। ଫଳରେ ସ୍କୁଲ ପିଲା ଓ ଯୁବବର୍ଗ ନିଶା ଯନ୍ତାରେ ପଡ଼ିଯାଉଛନ୍ତି। ନିକଟରେ କେନ୍ଦ୍ର ସରକାର ନିଶା ଓ ମାଦକଦ୍ରବ୍ୟ ଉପରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ହାରକୁ ବଢ଼ାଇଛନ୍ତି। ଅନେକାଂଶରେ ଏହା ବ୍ୟବହାରକାରୀଙ୍କୁ ନିରୁତ୍ସାହିତ କରିବ ବୋଲି ଆଶା ରହୁଛି। କିନ୍ତୁ ଏହା ନିର୍ଭର କରେ ନାଗରିକ ବା ଉପଭୋକ୍ତାମାନେ କେତେ ସଚେତନ ହେଉଛନ୍ତି। ଲାନ୍‌ସେଟ ତଥ୍ୟକୁ ତର୍ଜମା କଲେ ଭାରତରେ ଆଉ ଯେଉଁ ଦିଗଟି ଅଣଦେଖା ହୋଇ ରହିଯାଉଛି ତାହା ହେଲା କର୍କଟ ରୋଗର ପ୍ରାଥମିକ ନିରୂପଣରେ ବିଳମ୍ବ ଘଟିବା। ଏଥିପାଇଁ ଏଠାରେ ଏ ସମ୍ବନ୍ଧରେ ଗବେଷଣା ଓ ବିକାଶ (ଆର୍‌ଆଣ୍ଡଡି)କୁ ବିଶେଷ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ବିଶାଳ ଜନସଂଖ୍ୟାବିଶିଷ୍ଟ ଭାରତରେ ତମାଖୁ ଯନ୍ତାରୁ ମୁକୁଳିବା ପାଇଁ ସବୁ ସ୍ତରରେ ଏକ ସମ୍ମିଳିତ ଉଦ୍ୟମ ହେବା ଦରକାର।

ଲାନ୍‌ସେଟ ତଥ୍ୟକୁ ତର୍ଜମା କଲେ ଭାରତରେ ଆଉ ଯେଉଁ ଦିଗଟି ଅଣଦେଖା ହୋଇ ରହିଯାଉଛି ତାହା ହେଲା କର୍କଟ ରୋଗର ପ୍ରାଥମିକ ନିରୂପଣରେ ବିଳମ୍ବ ଘଟିବା। ଏଥିପାଇଁ ଏଠାରେ ଏ ସମ୍ବନ୍ଧରେ ଗବେଷଣା ଓ ବିକାଶ (ଆର୍‌ଆଣ୍ଡଡି)କୁ ବିଶେଷ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ବିଶାଳ ଜନସଂଖ୍ୟାବିଶିଷ୍ଟ ଭାରତରେ ତମାଖୁ ଯନ୍ତାରୁ ମୁକୁଳିବା ପାଇଁ ସବୁ ସ୍ତରରେ ଏକ ସମ୍ମିଳିତ ଉଦ୍ୟମ ହେବା ଦରକାର।

# ଏମିତି ନ ହେଉ



ଅକ୍ଷୟ କୁମାର ମିଶ୍ର

ସେଦିନ ଥିଲା ସ୍ୱାଧୀନତା ଦିବସ। ସବୁଠି ଉତ୍ସାହ ଉଦ୍ଦୀପନାର ମାହୋଲ। ସ୍ଥାନେ ସ୍ଥାନେ ବାଣ ଫୁଟିବା ଆରମ୍ଭ ହୋଇଗଲା। ପରେଡ଼ ଜରିଆରେ ଅତିଥି ମହୋଦୟଙ୍କୁ ପାଛୋଟି ନିଆଗଲା ପତାକା ସ୍ତମ୍ଭ ନିକଟକୁ। ଅତିଥି ମହାଶୟଙ୍କ କରକମଳରେ ପତାକା ଉତ୍ତୋଳନ ହେଲା। ସ୍ୱାଧୀନତା ସଂଗ୍ରାମୀର ଇତିହାସ, ସ୍ୱାଧୀନତା ସଂଗ୍ରାମୀଙ୍କ ଉତ୍ସର୍ଗୀକୃତ କାହାଣୀ ତଥା ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଦୀକ୍ଷାନ୍ତ ଭାଷଣ ଦେଲେ ନିମନ୍ତ୍ରିତ ଅତିଥି ମହୋଦୟ। କରତାଳିରେ ଫାଟିପଡ଼ିଲା ସଭାସ୍ଥଳ। ତା'ପରେ ଯିଏ ଯାହା ବାଟରେ ଗଲେ।

ଏହାପରେ ଯେଉଁ ଦୃଶ୍ୟ ଦେଖାଗଲା ତାହା ଥିଲା ଅଭାବନୀୟ ଓ ଅବର୍ଣ୍ଣନୀୟ। ପ୍ରାୟ ଆଠ/ଦଶ ବର୍ଷର ଝିଅଟିଏ। କ୍ଷୀଣ ଶରୀର। ପିନ୍ଧିଥିଲା ଗୋଟିଏ ଚିରା ଫ୍ରକ୍। ନୁଖୁରା ଓ ଅସଜଡ଼ା କେଶ। କାନ୍ଧରେ ଥିଲା ଗୋଟିଏ ପେପର ବସ୍ତା। ପାଣି ପିଇ ସାରିବା ପରେ ତ୍ରିରଙ୍ଗା ତଳେ ଏଣେତେଣେ ପଡ଼ିଥିବା ପ୍ଲାଷ୍ଟିକ୍ ବୋତଲଗୁଡ଼ିକୁ ସେ ଗୋଟାଇ ନେଇ କାନ୍ଧରେ ଧରିଥିବା ବୁରାରେ ଭର୍ତ୍ତି କରୁଥିଲା। ଗୋଟିଏ ସ୍ଥାନରେ ଦୁଇଟି ଦୃଶ୍ୟ। ପତାକା ଉତ୍ତୋଳନରେ ଅଂଶଗ୍ରହଣ କରି ମହାନନ୍ଦରେ ଜାତୀୟ ସଂଗୀତ ଗାନ କଲେ ଓ ସ୍ୱାଧୀନ ଭାରତର ଜୟଧ୍ୱନି ଦେଲେ କିଛି ପିଲା। ଦାମୀ ଟିଫିନ୍ ପ୍ୟାକେଟ୍ ସହିତ ପିଇବା ପାଣି ବୋତଲ ସେମାନଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା। ମିଷ୍ଟାନ୍ନ ଖାଇ, ବିଶୁଦ୍ଧ ପାଣି ପିଇ ସେମାନେ ଘରକୁ ଫେରିଲେ। ସେମାନେ ଗଲା ପରେ ଭୋକିଲା ପେଟରେ ଖାଦ୍ୟ ପାଇଁ ନିତି ସଂଘର୍ଷ କରୁଥିବା ଝିଅଟିର ଆବିର୍ଭାବ ଘଟୁଛି ସେହି ସ୍ଥାନରେ। ଗଢ଼ିବା ଓ ଆଗକୁ ବଢ଼ିବା ଲକ୍ଷ୍ୟ ନେଇ ଆସିଥିବା ପିଲାମାନଙ୍କ ଦେହରେ ଦାମୀ ପୋଷାକ, ପାଦରେ ବୁଟ୍। ଅନ୍ୟପଟେ ବୋତଲ ଗୋଟାଇ ନେଇ ତାକୁ ବିକ୍ରି କରି କିଛି ପଇସା ପାଇବ ଓ ସେଇଥିରେ ଗୋଟିଏ ଦୁଇଟି ବରା କିଣି ଖାଇଦେଇ ରାସ୍ତାକଡ଼ରେ ଥିବା ପାଣି ଟ୍ୟାପ୍‌ରୁ ପେଟେ ପାଣି ପିଇ କ୍ଷୁଧା ସମ୍ବରଣ କରିବା ଲକ୍ଷ୍ୟରେ ଖାଲି ପାଦରେ ପ୍ରତିଦିନ ମାଇଲ ମାଇଲ ଚାଲୁଛି ଝିଅଟି। ତାହାରି ବୟସର ପିଲାମାନେ ଜାଣିବେ ଓ ଜଗତ ଜିଣିବେ। ପାଠ ପଢ଼ି ଶିକ୍ଷିତ ହେବେ। ନିଜ ଭବିଷ୍ୟତ ଗଢ଼ିବେ। ସେମାନଙ୍କ ଭିତରୁ କିଏ ଅଫିସର ହେବ ତ ପୁଣି କିଏ ଦେଶକୁ ଶାସନ କରିବ। କିନ୍ତୁ ଝିଅଟି ପରାଜୟର ଗ୍ଲାନି ମୁଣ୍ଡେଇ ନେଇ ବଞ୍ଚୁଛି। ଜଗତ କହିଲେ ତା' ପାଇଁ କେଉଁ ଏକ ବସ୍‌ଷ୍ଟାଣ୍ଡ ବା ରେଳଷ୍ଟେଶନ୍। ସ୍କୁଲହତା ଚାରିପଟେ ବୁଲିବୁଲି ପରିତ୍ୟକ୍ତ ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରିବା ତା' ପାଇଁ ଶିକ୍ଷାଦୀକ୍ଷା ସବୁକିଛି। ଭବିଷ୍ୟତ କଥା ଭାବି ତା' ପାଇଁ ଲାଭ କ'ଣ? ଯେଉଁଦିନ ଅଧିକ ବୋତଲ ସଂଗ୍ରହ କରିପାରିଲା, ସେଦିନ ହୁଏତ ଗଣ୍ଡାଏ ଭାତ ପେଟକୁ ଗଲା, ନହେଲେ ଉପାସ ରହିବା ସାର। ସ୍ୱାଧୀନତାର



ଅର୍ଥ କ'ଣ ସେ ବୁଝେନା। ତ୍ରିରଙ୍ଗା ପତାକାଟିଏ ପାଇଗଲେ ସେ ହୁଏତ ଆନନ୍ଦରେ ନିଜ ଦେହରେ ଘୋଡ଼ାଇ ଦେଇ ଚିରା ଫ୍ରକ୍‌ଟିକୁ ଲୁଚାଇ ପକାନ୍ତା।

ଏମିତି ଲକ୍ଷ ଲକ୍ଷ ଶିଶୁ ବିଦ୍ୟାଳୟ ବାରଣ୍ଡା ମାଡ଼ିବାରୁ ବଞ୍ଚିତ ହେଉଛନ୍ତି ଆମ ଦେଶରେ। କିଏ ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରୁଛି ତ କିଏ ଜରି ଗୋଟାଉଛି। କିଏ ହୋଟେଲ୍‌ରେ ଅଇଁଠାବାସନ ମାଜୁଛି ତ ଆଉ କିଏ ପେଟ ବିକଳରେ ଗ୍ୟାରେଜ୍‌ରେ କାମ କରୁଛି। ହଜାର ହଜାର ଶିଶୁ ଭିକ୍ଷାବୃତ୍ତି କରୁଥିବାର ଦୁଃଖଦ ଦୃଶ୍ୟ ଦୃଷ୍ଟିଗୋଚର ହେଉଛି। ଏମାନେ କେବେ ସ୍ୱାଧୀନତାର ସ୍ୱାଦ ବାରି ପାରନ୍ତି ନାହିଁ। ତ୍ରିରଙ୍ଗା ତଳେ ସମବେତ ହେବାର ସୁଯୋଗ ଏମାନଙ୍କ ଭାଗ୍ୟରେ ଜୁଟେ ନାହିଁ।

ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ପ୍ରାଣବଳି ଦେଲେ, ଅକଥନୀୟ ଅତ୍ୟାଚାର ସହିଲେ, ବର୍ଷ ବର୍ଷ ଧରି ଜେଲ ଭିତରେ କାଟିଲେ, ଫାଶିଖୁଣ୍ଟରେ ଚଢ଼ିଲେ, ସେମାନେ କ'ଣ ଏମିତି ସ୍ୱପ୍ନ ଦେଖିଥିଲେ? ସଭିଏଁ ତ ଭାବିଥିଲେ ବ୍ରିଟିଶ୍‌ମାନେ ବିତାଡ଼ିତ ହେଲା ପରେ ଆମେ ଆମକୁ ଶାସନ କରିବୁ। ଶାସନର ଖସଡ଼ା ତିଆରି ହେବ ଓ ସେହି ଖସଡ଼ା ଅନୁଯାୟୀ ଶାସନ ଚାଲିବ। ଖସଡ଼ା ପ୍ରସ୍ତୁତ ହେଲା ସତ, କିନ୍ତୁ ଖସଡ଼ାରେ ଥିବା ସମସ୍ତ ପ୍ରାବଧାନକୁ କେତେ ଗୁରୁତ୍ୱ ଦିଆଗଲା ତାହା ଜଣାପଡ଼େ ସ୍ୱାଧୀନ ଭାରତବର୍ଷର ଅବସ୍ଥାକୁ ଅନୁଶୀଳନ କଲେ। ତ୍ରିରଙ୍ଗା ତଳେ ସେଦିନର ସେହି ଦୃଶ୍ୟ ଉତ୍କଟ ଦାରିଦ୍ର୍ୟର ଅସଂଖ୍ୟ ପ୍ରତିଛବି ଭିତରୁ ମାତ୍ର ଗୋଟିଏ ଥିଲା।

ସରକାରୀ ହିସାବ ଅନୁଯାୟୀ ପାଞ୍ଚ ପ୍ରତିଶତରୁ ଉର୍ଦ୍ଧ୍ୱ ଶିଶୁ ବିଦ୍ୟାଳୟ ବାରଣ୍ଡା ମାଡ଼ିପାରୁ ନାହାନ୍ତି। ଯେତିକି ପିଲା ଯାଉଛନ୍ତି, ଷଷ୍ଠ ଶ୍ରେଣୀ ବେଳକୁ ସେଥିରୁ ପାଞ୍ଚ ପ୍ରତିଶତ ପିଲା ଅଧାରୁ ପାଠପଢ଼ା ଛାଡ଼ି ଦେଉଛନ୍ତି। କ୍ରମଶଃ ଏହି ସଂଖ୍ୟା ବଢ଼ି ବଢ଼ି ଏକାଦଶ ଶ୍ରେଣୀବେଳକୁ ଏହା ପଚାଶ ପ୍ରତିଶତ ଅତିକ୍ରମ କରିଯାଉଛି। ଅର୍ଥାତ୍ ଅର୍ଦ୍ଧାଧିକ ପିଲା ବିଭିନ୍ନ କାରଣରୁ ପାଠପଢ଼ା ଅଧାରୁ ଛାଡୁଛନ୍ତି। ଏହା କୌଣସି ରାଷ୍ଟ୍ର ସକାଶେ ଆଦୌ ଶୁଭ ସଂକେତ ନୁହେଁ। ଶିକ୍ଷାର ସ୍ରୋତରେ ସମସ୍ତଙ୍କୁ ସାମିଲ କରାଯାଇ ନ ପାରିଲେ ପ୍ରଗତିର ନୌକା ଆଗକୁ ବାହି ନେବା କଦାପି ସମ୍ଭବ ନୁହେଁ। ହଁ ବିକାଶ ହେବ, କିନ୍ତୁ ଅସୀମ। ବୈଷମ୍ୟ ବଢ଼ିବ। କିଛି ଲୋକ ବିକାଶର ପର୍ବତ ଆରୋହଣ କଲାବେଳେ ଅଧିକାଂଶ ଲୋକ ବିନାଶର ଅନ୍ଧାରି ଗହ୍ୱର ମଧ୍ୟକୁ ଠେଲି ହୋଇଯିବେ। ମୁଷ୍ଟିମେୟ ଲୋକଙ୍କ ନିକଟରେ ରାଷ୍ଟ୍ରର ସିଂହଭାଗ ସମ୍ପଦ ସଞ୍ଚିତ ହେବାବେଳେ କୋଟି କୋଟି ଲୋକ ଦାରିଦ୍ର୍ୟ ଭିତରେ ଶଢ଼ି ହୋଇ ସମସ୍ତ ମୌଳିକ ଅଧିକାରରୁ ବଞ୍ଚିତ ହେବେ। ନା ସେମାନଙ୍କର ଜୀବନ ଧାରଣର ମାନ ବୃଦ୍ଧି ହେବ, ନା ସେମାନେ ଉପଯୁକ୍ତ ଶିକ୍ଷା ଲାଭ କରିପାରିବେ। ଯେଉଁଥିପାଇଁ ଝିଅଟି ତ୍ରିରଙ୍ଗା ତଳେ ଠିଆହୋଇ ଜାତୀୟ ସଂଗୀତ ଗାନ କରିବା ପରିବର୍ତ୍ତେ ପତାକା ତଳେ ପଡ଼ିଥିବା ପ୍ଲାଷ୍ଟିକ୍ ବୋତଲ ଗୋଟାଇବା କାର୍ଯ୍ୟ କରୁଛି।

ଏହି ଚିତ୍ରର ସୁଧାର ଆଣିବା ପାଇଁ ଏବଂ ସମସ୍ତ ଶିଶୁଙ୍କ ନିକଟରେ ଶିକ୍ଷାଲାଭ ପହଞ୍ଚାଇବା ନିମନ୍ତେ ସ୍ୱାଧୀନତା ପରେ ସରକାରମାନେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ଏକଥା କହିବା ଭୁଲ୍ ହେବ। ଏକାଧିକ ଶିକ୍ଷା କମିଶନ ଗଠନ ହୋଇଛି ଶିକ୍ଷାକୁ ସାର୍ବଜନୀନ ଓ ଗୁଣାତ୍ମକ କରିବା ପାଇଁ। ଯେମିତି ରାଧାକ୍ରିଷ୍ଣନ୍ କମିଶନ(୧୯୪୮-୪୯), ମୁଦାଲିଆର କମିଶନ(୧୯୫୨-୫୩), କୋଠାରି କମିଶନ(୧୯୬୪-୬୬), ଜାତୀୟ ଶିକ୍ଷା କମିଶନ-୧୯୮୬, ଜାତୀୟ ଜ୍ଞାନ କମିଶନ-୨୦୦୫, ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଇତ୍ୟାଦି। ପୁନଶ୍ଚ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଶିକ୍ଷା ଅଧିକାର ଆଇନ-୨୦୦୯ ପାରିତ ହୋଇଛି। କଳାପଟା ଅଭିଯାନ, ପ୍ରୌଢ଼ ଶିକ୍ଷା ଅଭିଯାନ, ସର୍ବଶିକ୍ଷା ଅଭିଯାନ, ସମଗ୍ର ଶିକ୍ଷା ଅଭିଯାନ ଭଳି ବହୁ ଯୋଜନା ପ୍ରଣୟନ ହୋଇଛି। କିନ୍ତୁ ଦେଖାଯାଉଛି ଯୋଜନା ଯୋଜନା ବାଟରେ, ମାତ୍ର ପରିବର୍ତ୍ତନ ଭିନ୍ନ ରାସ୍ତାରେ। ସାମ୍ୟ, ମୈତ୍ରୀ ଓ ପ୍ରଗତିର ବାର୍ତ୍ତା ବହନ କରି ଉର୍ଦ୍ଧ୍ୱରେ ଉଡୁଥିବା ତ୍ରିରଙ୍ଗା ତଳେ ଅସମତାର କଙ୍କାଳସାର ଦୁନିଆ, ବନ୍ଧୁତାର କୁହେଳିକା ଓ ପ୍ରଗତିର ଘନ କୁହୁଡ଼ି ଭର୍ତ୍ତିଥିବା ପ୍ରତୀୟମାନ ହେଉଛି।

ସ୍ୱାଧୀନତାର ଏତେ ବର୍ଷ ପରେ ଆମ ଦେଶର ସମସ୍ତ ଶିଶୁଙ୍କୁ ବିଦ୍ୟାଳୟକୁ ଆଣିବାରେ ବ୍ୟର୍ଥ ହେବା ସଙ୍ଗେ ସଙ୍ଗେ ଯେଉଁମାନେ ଆସିଛନ୍ତି, ସେମାନଙ୍କୁ ଧରି ରଖିବାରେ ଅକ୍ଷମ ହୋଇଛୁ। ସରକାରୀ ଶିକ୍ଷା ଦୁର୍ବଳ ହୋଇଗଲେ ଏ ପ୍ରକାର ଅସଂଗତି ଯେ ଆହୁରି ବୃଦ୍ଧି ପାଇବ ଏହା ଆମେ ସଭିଏଁ ଜାଣିଛୁ। ଅଥଚ ଏହା ଭିତରେ ଆମେ ଏଭଳି କିଛି ନିଷ୍ପତ୍ତି ନେଇଛୁ, ଯଦ୍ୱାରା ଶିକ୍ଷାର ଏକ ଦାମୀ ବଜାର ତିଆରି କରିବାରେ ଆମ ନୀତି ସହାୟତା ପ୍ରଦାନ କରିଛି, ଯେଉଁଠି ଶିକ୍ଷା ଏକ ପଣ୍ୟଦ୍ରବ୍ୟ ରୂପେ ବିକ୍ରି ହେଉଛି। ଫଳରେ ଅନ୍ୟାନ୍ୟ ସମ୍ପଦ ଠୁଳ ହେବା ପରି ବଜାରଭିତ୍ତିକ 'ଜ୍ଞାନ ଭଣ୍ଡାର' ମଜଭୁତ ହେବାରେ ଲାଗିଛି ମୁଷ୍ଟିମେୟ ଲୋକଙ୍କ ନିକଟରେ। ଅନ୍ୟମାନଙ୍କ ପାଇଁ ଏହା କ୍ରମଶଃ ଅପହଞ୍ଚ ହେଉଛି। ପ୍ରତିବର୍ଷ ତ୍ରିରଙ୍ଗା ତଳେ ଆମେ କ'ଣ ଏହି ଶପଥ ନେଉଛୁ? ଧନ, ଜ୍ଞାନ, ମାନକୁ ଅଳ୍ପ କିଛି ଲୋକଙ୍କ ହାତରେ ସମର୍ପି ଦେଇ ଅବଶିଷ୍ଟ ଲୋକଙ୍କୁ ନିର୍ଦ୍ଧନ ତଥା ଅଜ୍ଞାନ କରିଦେଇ ଆମ ଦେଶକୁ ବିଶ୍ୱରେ ବିସ୍ମୟ ଭୂଖଣ୍ଡରେ କ'ଣ ପରିଣତ କରିଦେବୁ? ନା, ଏମିତି ନ ହେଉ। ଦାନ ଦେଇ ଦାରିଦ୍ର୍ୟ ଦୂରୀକରଣ କରିବାର ଲକ୍ଷ୍ୟରୁ ନିବୃତ୍ତ ହୋଇ ନିଷ୍ଠାପର ନୀତି ନିର୍ଦ୍ଧାରଣ ଯେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ, ଏଇଥିରେ ବିଶ୍ୱାସ ବଳବର ହେଉ।

**ସଭାପତି, ଓଷ୍ଟା**
**ମୋ: ୯୯୩୮୭୬୩୨୩୭**

# ସ୍ମୃତି ସାଉଁଟୁଛି ମୟୂରଭଞ୍ଜ ଷ୍ଟେଟ ବ୍ୟାଙ୍କ



ପ୍ରତାପ ଚନ୍ଦ୍ର ସାମଲ

ମୟୂରଭଞ୍ଜ ରାଜା ପ୍ରତାପ ଚନ୍ଦ୍ର ଭଞ୍ଜ ବିଭିନ୍ନ ସମୟରେ କଲିକତା ଯାଇ ଅର୍ଥ କାରବାରରେ ସମସ୍ୟାକୁ ହୃଦ୍‌ବୋଧ କରି ମୟୂରଭଞ୍ଜ ରାଜ୍ୟରେ ଏକ ବ୍ୟାଙ୍କ ପ୍ରତିଷ୍ଠା କରିବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ, ମୟୂରଭଞ୍ଜ ଷ୍ଟେଟ ବ୍ୟାଙ୍କ ପ୍ରତିଷ୍ଠା କରି ସ୍ୱପ୍ନକୁ ସାକାର କରିଥିଲେ। ମୟୂରଭଞ୍ଜ ରାଜ୍ୟରେ ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କ ନାମରେ ଏକ ବ୍ୟାଙ୍କ ରାଜା ପ୍ରତାପ ଚନ୍ଦ୍ର ଭଞ୍ଜ ତା୦୨.୦୫.୧୯୩୮ ମସିହାରେ ପ୍ରତିଷ୍ଠା କରିଥିଲେ। ମୟୂରଭଞ୍ଜର ରାଇରଙ୍ଗପୁର, ଉଦଳା, କରଞ୍ଜିଆ ଓ ସଦର ଅଞ୍ଚଳକୁ ନେଇ ବ୍ୟାଙ୍କ କାର୍ଯ୍ୟ କରୁଥିଲେ ମଧ୍ୟ ଏହାର ତିନୋଟି ଶାଖା ରାଇରଙ୍ଗପୁର, ଉଦଳା ଓ କରଞ୍ଜିଆରେ କାର୍ଯ୍ୟ କରୁଥିଲା। ମୁଖ୍ୟ ଓ ସଦର କାର୍ଯ୍ୟାଳୟ ବାରିପଦାଠାରେ ଥିଲା। ବ୍ୟାଙ୍କ ଆରମ୍ଭ ବେଳେ ମୂଳଧନ ଥିଲା ୩୪ ଲକ୍ଷ ୩୨ ହଜାର ଟଙ୍କା। ଏହାର ଗ୍ରାହକଙ୍କଠାରୁ ଜମା ଆକାରରେ ୩୧ଲକ୍ଷ ୭୪ ହଜାର ଟଙ୍କା ସଂଗ୍ରହ କରାଯାଇଥିଲା। ଯାହା ମୟୂରଭଞ୍ଜ ଗେଜେଟ୍‌ରେ ୩୧.୦୩.୧୯୪୪ରେ ପ୍ରକାଶିତ ହୋଇଛି। କର୍ମଚାରୀଙ୍କ ସଂଖ୍ୟା ୧୨ରେ ସୀମିତ ଥିଲା। ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କ ଗଠନ ହୋଇସାରିବା ପରେ ତତ୍କାଳୀନ ରାଜା ପ୍ରତାପଚନ୍ଦ୍ର ଭଞ୍ଜଙ୍କ ଅନୁରୋଧ କ୍ରମେ ତତ୍କାଳୀନ ୟୁକୋ ବ୍ୟାଙ୍କ ଯାହାକି କଲିକତାରେ କାର୍ଯ୍ୟ କରୁଥିଲା ତାହାର ଜଣେ ମ୍ୟାନେଜର ଜେ.ପି. ସେନ୍‌ଗୁପ୍ତା ମୟୂରଭଞ୍ଜରୁ ଆସି ଥିଲେ। ସେ ରାଜାଙ୍କ ପରାମର୍ଶ କ୍ରମେ ବାରିପଦାର ସୁରେଶ ଚନ୍ଦ୍ର ମିଶ୍ରଙ୍କୁ ଟ୍ରେନିଂ ଦେଇଥିଲେ ଉକ୍ତ ବ୍ୟାଙ୍କକୁ ପରିଚାଳନା କରିବା ପାଇଁ। ସୁରେଶଚନ୍ଦ୍ର ମିଶ୍ର ଟ୍ରେନିଂ ପରେ ମୟୂରଭଞ୍ଜ ଷ୍ଟେଟ୍‌ବ୍ୟାଙ୍କକୁ ପରିଚାଳନା କରିବା ପାଇଁ ଦକ୍ଷ ହେବା ପରେ ସେନଗୁପ୍ତା ରାଜାଙ୍କୁ ଜଣାଇ ୟୁକୋ ବ୍ୟାଙ୍କ କଲିକତାକୁ ଫେରିଯାଇଥିଲେ। ସୁରେଶ ଚନ୍ଦ୍ର ମିଶ୍ର ପରିଚାଳକ ବା ମ୍ୟାନେଜର ରୂପେ ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କର କାର୍ଯ୍ୟଭାର ତୁଲାଇଲେ। ତାଙ୍କ ଅଧୀନରେ ରାଇରଙ୍ଗପୁର, ଉଦଳା, କରଞ୍ଜିଆ ଓ ମୟୂରଭଞ୍ଜ ସଦର ଶାଖା କାର୍ଯ୍ୟ କରୁଥିଲା। ବ୍ୟାଙ୍କ ଆରମ୍ଭ ପାଇଁ ରାଜା ପ୍ରତାପ ଚନ୍ଦ୍ର ଭଞ୍ଜ ମୟୂରଭଞ୍ଜ ରାଜ୍ୟ ରାଜକୋଷରୁ ମୂଳଧନ ବାବଦକୁ ୩୪ ଲକ୍ଷ ୩୨ ହଜାର ଟଙ୍କା ଦେଇଥିଲେ। ତାହା ତତ୍କାଳୀନ ରେକର୍ଡ ତଥା ମୟୂରଭଞ୍ଜ ଗେଜେଟ୍‌ରେ ୩୧.୦୪.୧୯୪୪ରେ ପ୍ରକାଶିତ ହୋଇରହିଛି। ବ୍ୟାଙ୍କ ପରିଚାଳନା ପାଇଁ ତତ୍କାଳୀନ ମୟୂରଭଞ୍ଜ ରାଜ୍ୟର ଅର୍ଥ ସଚିବ କେ.ଏନ୍. ସିଂହ ଓ ଅନ୍ୟ ଜଣଙ୍କୁ ବ୍ୟାଙ୍କ ବୋର୍ଡରେ ରାଜା ନିଯୁକ୍ତି କରିଥିଲେ ଏବଂ ମୟୂରଭଞ୍ଜ ରାଜ୍ୟର ମୁଖ୍ୟ ରାଜସ୍ୱ ସଚିବଙ୍କୁ ବ୍ୟାଙ୍କର ଅଧ୍ୟକ୍ଷ ରୂପେ ନିଯୁକ୍ତି ଦେଇଥିଲେ। ବ୍ୟାଙ୍କର ମୁଖ୍ୟ ପରିଚାଳକ ସୁରେଶ ଚନ୍ଦ୍ର ମିଶ୍ର ହୋଇଥିଲେ ସ୍ଥାୟୀ ସମ୍ପାଦକ। ରାଜାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମସ୍ତଙ୍କ ସହଯୋଗରେ ବ୍ୟାଙ୍କ୍‌ର ଉନ୍ନତି କଲେ ରାଜ୍ୟର ଅର୍ଥନୈତିକ ବ୍ୟବସ୍ଥାର ଉନ୍ନତି କରିବା। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସଂସ୍ପର୍ଶରେ ଆସି ଓଡ଼ିଆଙ୍କ ଉନ୍ନତି ପାଇଁ ବ୍ୟାଙ୍କ ଶିଳ୍ପକୁ ଆଖି ଆଗରେ ରଖି ମୟୂରଭଞ୍ଜ ଷ୍ଟେଟ ବ୍ୟାଙ୍କ ଗଠନ କରିଥିଲେ। ରାଜା କୋଅପରେଟିଭ୍ ଶବ୍ଦ ପ୍ରୟୋଗ ନ କରି ମଧ୍ୟ କୋଅପରେଟିଭ୍ ବ୍ୟାଙ୍କ୍ ଢାଞ୍ଚାରେ ମୟୂରଭଞ୍ଜ ଷ୍ଟେଟ ବ୍ୟାଙ୍କ ଗଠନ କରିଥିଲେ। ଯେତେବେଳେ ସମଗ୍ର ଭାରତ ଇଂରେଜ ଶାସକଙ୍କ



ଦ୍ୱାରା ଶାସିତ ସେହି ସମୟରେ ମୟୂରଭଞ୍ଜ ରାଜାଙ୍କ ଦ୍ୱାରା ବ୍ୟାଙ୍କଟି ଗଠନ କରାଯାଇଥିଲା। ଏହି ବ୍ୟାଙ୍କ୍ ଗଠନ ମୂଳରେ ରାଜାଙ୍କ ଚିନ୍ତାଧାରା ଥିଲା ଉନ୍ନତ ଓ ଦୂରଦୃଷ୍ଟିସମ୍ପନ୍ନ। ରାଜା ସମସ୍ତ ଅର୍ଥ ରାଜକୋଷରୁ ଦେଇଥିଲେ ମଧ୍ୟ ବ୍ୟାଙ୍କ ପରିଚାଳନା ଓ ଶାସନରେ ହସ୍ତକ୍ଷେପ କରୁ ନ ଥିଲେ। ଏହି ବ୍ୟାଙ୍କ ଗଠନ ଦ୍ୱାରା ମୟୂରଭଞ୍ଜ ରାଜ୍ୟର ଜନସାଧାରଣ ସରଳ ଉପାୟରେ ବିଭିନ୍ନ କାର୍ଯ୍ୟପାଇଁ ଋଣ ନେଇ ଠିକ୍ ସମୟରେ ଶୁଝୁଥିଲେ। ଛାପାଖାନାକୁ ଲାଗି କିଛି ଜମି ଖାଲିଥିଲା। ଉକ୍ତ ଜାଗାରେ ରାଜା ଷ୍ଟେଟ୍ ବ୍ୟାଙ୍କ ପାଇଁ ମୁଖ୍ୟ କାର୍ଯ୍ୟାଳୟ ଗଢ଼ିଥିଲେ ୧୯୩୮ରେ ଏବଂ ଏହି ଘରଟି ମୂକସାକ୍ଷୀଭାବେ ଏବେ ଦଣ୍ଡାୟମାନ। ବ୍ୟାଙ୍କ ଘରଟି ବିଦେଶୀ ସ୍ଥପତିଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ଯାହା ୮୫ ବର୍ଷପରେ ମଧ୍ୟ ଅକ୍ଷୁଣ୍ଣ ଅଛି। ଓଡ଼ିଶା ୧୯୩୬ରେ ଏକ ସ୍ୱତନ୍ତ୍ର ରାଜ ମାନ୍ୟତା ପାଇଥିଲେ ମଧ୍ୟ ମୟୂରଭଞ୍ଜ ରାଜ୍ୟଟି ୧୯୪୯ ଜାନୁଆରୀ ୧ରେ ଓଡ଼ିଶା ସହିତ ମିଶ୍ରଣ ହୋଇଥିଲା। ମିଶ୍ରଣ ପରେ ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କ ଓଡ଼ିଶା ରାଜ୍ୟ ସରକାରଙ୍କର ନିଜସ୍ୱ ମାଲିକାନାରେ କାର୍ଯ୍ୟ କରୁଥିଲା। ୧୯୫୪ରେ ଇମ୍ପେରିଆଲ୍ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା। ମାତ୍ର ୧୯୬୧ରେ ସମସ୍ତ ବ୍ୟାଙ୍କ ମିଶି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନାମରେ ନାମିତ ହୋଇଥିଲା। ଏହି ସମୟରେ ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କଟି ମଧ୍ୟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ରେ ସାମିଲ ହେବା ପରେ ମୟୂରଭଞ୍ଜ ଷ୍ଟେଟ ବ୍ୟାଙ୍କର ନାମ ଲୋପ ପାଇଥିଲା।

୧୯୬୧ ମସିହାରେ ଇମ୍ପେରିଆଲ୍ ବ୍ୟାଙ୍କରେ ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କର ମିଶ୍ରଣ ଫଳରେ ପୂର୍ବ ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କର ପରିଚାଳକ ଭାବେ କାର୍ଯ୍ୟ କରୁଥିବା ସୁରଶ ଚନ୍ଦ୍ର ମିଶ୍ରଙ୍କୁ ଇମ୍ପେରିଆଲ୍ ବ୍ୟାଙ୍କ କଲିକତା କାର୍ଯ୍ୟାଳୟକୁ ମୁଖ୍ୟ ପରିଚାଳକ ରୂପେ ବଦଳି କରାଯାଇଥିଲା ଏବଂ ସେ ପାଉଥିବା ମୋଟା ଅଙ୍କର ଦରମାକୁ ମଧ୍ୟ ବ୍ୟାଙ୍କ ଗ୍ରହଣ କରିଥିଲା। ସୁରେଶଚନ୍ଦ୍ର ମିଶ୍ର ମୁଖ୍ୟ ସାଧାରଣ ପରିଚାଳକ ରୂପେ ଇମ୍ପେରିଆଲ୍ ବ୍ୟାଙ୍କରେ ଚାକିରି କରି ଅବସର ନେଇଥିଲେ।

ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧୁନା ପୃଥିବୀର ଏକ ବୃହତ୍ତମ ବ୍ୟାଙ୍କ ରୂପେ କାର୍ଯ୍ୟରତ। ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଓଡ଼ିଶାର ଅବଦାନ ଯଥେଷ୍ଟ ଥିବାରୁ ଏହାକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପରିଚାଳନା ମଣ୍ଡଳୀ ଗୁରୁତ୍ୱର ସହ ବିଚାର କରି ଓଡ଼ିଶାକୁ ଅଗ୍ରାଧିକାର ଦେବା ଉଚିତ।

ଓଡ଼ିଶା ରାଜ୍ୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ପରିଚାଳନା ଅଭାବରୁ ବନ୍ଦ ହୋଇଯାଇଛି। ରାଜ୍ୟ ସରକାରଙ୍କର ଏହା ବୃହତ୍ତମ ବ୍ୟାଙ୍କ ଯାହା ଓଡ଼ିଶାର ସମସ୍ତ ଜିଲାରେ ଶାଖାମାନ ଅଛି ଓ କେତେକ ଜିଲାରେ ନିଜ ଜମି ସହିତ ଶାଖା କାର୍ଯ୍ୟାଳୟର ଗୃହମାନ ଅଛି। ବର୍ତ୍ତମାନ ରାଜ୍ୟ ସରକାର ଓଡ଼ିଶା ସ୍ୱାଭିମାନକୁ ଆଖିଆଗରେ ରଖି ଏକ ନୂତନ ବ୍ୟାଙ୍କ ଗଠନ କରିପାରିଲେ ଲୋପ ପାଇଯାଇଥିବା ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କ ନାମର ପୁନରାବୃତ୍ତି ହୋଇପାରନ୍ତା ଓ ଓସ୍‌କାର୍ଡ ବ୍ୟାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ବ୍ୟବହାର ହେବା ସଙ୍ଗେ ସଙ୍ଗେ ପର୍ଯ୍ୟାପ୍ତ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରନ୍ତା।

**ବରିଷ୍ଠ ସମବାୟବିତ୍**
**ବଙ୍ଗାଳିସାହି, କଟକ, ମୋ: ୮୦୧୮୦୦୫୭୦୨**

## ଏଇ ଭାରତରେ

ଶ୍ୱେତା ମେନନ କମ୍ପ୍ୟୁଟର ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରି ଟିସିଏସ୍‌ରେ ଚାକିରି କରିଥିଲେ। ହେଲେ ତାହାକୁ ଛାଡ଼ି ସେ ଓ୍ୱର୍ଲି ଓ ପିଚାଓ୍ୱି ଭଳି ପାରମ୍ପରିକ ଜନଜାତି ହସ୍ତକଳାକୁ ବଞ୍ଚାଇ ରଖିବା ଲାଗି ଅଭିଯାନ ଜାରି ରଖିଛନ୍ତି। ସେ ୧୬ଟି ରାଜ୍ୟରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ହସ୍ତକଳା କରିଗରଙ୍କୁ ଏହି କାମରେ ନିଯୁକ୍ତ କରିପାରିଛନ୍ତି। ଶ୍ୱେତା ୨୦୧୫ରେ 'ଟ୍ରୁଲି ଟ୍ରାଇବାଲ' ସଂସ୍ଥା ଗଠନ କରି ତା'ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ମଧ୍ୟପ୍ରଦେଶ ଛିନ୍ଦଓ୍ୱାଡାରେ ଶ୍ୱେତାଙ୍କ ଜନ୍ମ। ଏହି ଆଦିବାସୀ ବହୁଳ ଅଞ୍ଚଳରେ ସେ ରହି ସେମାନଙ୍କ ପାରମ୍ପରିକ ହସ୍ତକଳା ଲୋପ ହୋଇଯାଉଥିବା ଅନୁଭବ କରିଥିଲେ। ଫଳରେ ତାହାକୁ ବଞ୍ଚାଇ ରଖିବା ସକାଶେ ଚାକିରି ଛାଡ଼ି ଦେଇଥିଲେ। ଆଦିବାସୀ ହସ୍ତକଳାର ସଂରକ୍ଷଣ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କ ସଂଘର୍ଷ ଅତ୍ୟନ୍ତ କଠିନ ଥିଲା। କିନ୍ତୁ କିଛି ବର୍ଷ ପରେ ସେ ସଫଳତା ପାଇଥିଲେ। ତାଙ୍କ ଉଦ୍ୟମ ଯୋଗୁ ଏବେ ଆଦିବାସୀ କରିଗରମାନେ ଅଧିକ ରୋଜଗାର କରୁଛନ୍ତି। ସେମାନେ ଓ୍ୱର୍ଲି ଓ ପିଚାଓ୍ୱି ପେଣ୍ଟିଂର ଜିନିଷ ସହିତ ଟ୍ରାଇବାଲ ଜୁଏଲେରି, ବାଉଁଶ ଜିନିଷ ଓ ଟେରାକୋଟା ଆଦି ପ୍ରସ୍ତୁତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩୦ ସେପ୍ଟେମ୍ବର ୧୯୭୬**

- ସାମ୍ବାଦିକମାନଙ୍କର ସକ୍ରିୟ ସହଯୋଗକୁ ଜାତୀୟ ସ୍ୱାର୍ଥରେ ବିନିଯୋଗ ପାଇଁ ଏକ ଜାତୀୟ ଫୋରମ ଗଠନ।
- ଭାରତ ସାହାଯ୍ୟରେ ବ୍ରହ୍ମଦେଶରେ ୧୬ଟି ପରିକଳ୍ପନା ରୂପାୟିତ ହେବ ବୋଲି ଦୁଇ ଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ନଇଁ ପାଦୁ ନିଅ ପଣତ ଖସାଇ
ରୂପର ବିପଣି ପୃଷ୍ଠେ ବସାଇ
କୋକିଳ-ଚିକଣ କଳା କବରୀରୁ
କୁରୁବକ ପଦ୍ମ ଝରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 9 | | 7 | | 4 | | | | 8 |
| | 3 | | 6 | | | | | |
| | 4 | | | 7 | 9 | | | 2 |
| 5 | | | | | 2 | | | 7 |
| | | | | 3 | | | 1 | |
| 8 | 2 | | | | | | | 5 |
| | 9 | | | | 3 | | | |
| | | 4 | | 8 | | 3 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 7 | 4 | 8 | 5 | 1 | 2 |
| 2 | 8 | 4 | 5 | 9 | 1 | 7 | 6 | 3 |
| 7 | 5 | 1 | 3 | 2 | 6 | 4 | 8 | 9 |
| 3 | 6 | 5 | 4 | 8 | 9 | 1 | 2 | 7 |
| 4 | 2 | 7 | 1 | 3 | 5 | 8 | 9 | 6 |
| 9 | 1 | 8 | 2 | 6 | 7 | 3 | 5 | 4 |
| 8 | 7 | 2 | 9 | 1 | 4 | 6 | 3 | 5 |
| 5 | 9 | 6 | 8 | 7 | 3 | 2 | 4 | 1 |
| 1 | 4 | 3 | 6 | 5 | 2 | 9 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପାତ୍ରରେ ଦାନ

ମହାଶୟ,

ବର୍ଷା ପରେ ଶୀତଦିନ ଆସିବ ଏବଂ ସେ ସମୟରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ କମ୍ବଳ ବଣ୍ଟନ କରିବେ। ଆପଣମାନଙ୍କୁ ଅନୁରୋଧ ଯେଉଁ ମାନେ ବି କମ୍ବଳ ବଣ୍ଟନ କରୁଛନ୍ତି ଦୟାକରି ଏଭଳି ଗ୍ରାମ କିମ୍ବା ବସ୍ତିରେ କରନ୍ତୁ, ଯେଉଁଠି ଅନ୍ୟ ସଂଗଠନ ପହଞ୍ଚୁ ନାହାନ୍ତି କିମ୍ବା ଯେଉଁଠି ଗରିବ ଦୁଃଖୀମାନେ କମ୍ବଳ ପାଉ ନାହାନ୍ତି। ବିଗତ ତିନି ବର୍ଷର ଆମର ଅଭିଜ୍ଞତାରୁ କହୁଛୁ, କଟକ, ଭୁବନେଶ୍ୱର ସହର ମଧ୍ୟରେ ଏତେ ପରିମାଣର କମ୍ବଳ ବଣ୍ଟାଯାଉଛି ଯେ କେତେକ ଖଳ ପ୍ରକୃତିର ଲୋକ ଜାଣି ଶୁଣି ରେଳଷ୍ଟେଶନ ବାହାରେ ଶୋଇବାର ଅଭିନୟ କରି କମ୍ବଳ ହାତେଇବା ସହ କମ୍ବଳକୁ ପରଦିନ ୫୦-୬୦ ଟଙ୍କାରେ ବିକ୍ରି ମଧ୍ୟ କରୁଛନ୍ତି। ଏହା ଅପାତ୍ରରେ ଦାନ ସଦୃଶ ଲାଗୁଛି । ଆମେମାନେ ସେ ସବୁ ସ୍ଥାନରେ ପହଞ୍ଚିବା, ଯେଉଁମାନଙ୍କୁ ସାହାଯ୍ୟ ନିହାତି ଦରକାର । ଆଶା କରୁ ସବୁ ସଂଗଠନ ଏ ଦିଗରେ ଥରେ ଚିନ୍ତା କରିବେ।

**-ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଜି ଘୂର୍ଣ୍ଣିବଳୟ, ୧ରେ ଲଘୁଚାପ

ଭୁବନେଶ୍ୱର, ୨୯।୯
(ବନ୍ଦନା ସେଠୀ)

## ନବମୀ, ଦଶମୀରେ ଅଧିକ ବର୍ଷା

ବର୍ତ୍ତମାନ ରାଜ୍ୟରେ ହାଲୁକା ବର୍ଷା ଲାଗି ରହିଥିଲେ ମଧ୍ୟ ଦୁର୍ଗାପୂଜା ପାଇଁ ପ୍ରାୟତଃ ପାଗ ଅନୁକୂଳ ରହିଛି। ହେଲେ ଆଗକୁ ପାଗରେ ପରିବର୍ତ୍ତନ ଦେଖାଦେବ। ମଙ୍ଗଳବାର ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବାବେଳେ ବୁଧବାର ଅର୍ଥାତ୍ ଅକ୍ଟୋବର ୧ ବେଳକୁ ଉତ୍ତର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ନବମୀ ଓ ଦଶମୀ ବର୍ଷାରେ ଭିଜିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ଏବଂ ଉତ୍ତର ଓଡ଼ିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହିତ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ଆଦି ଅନ୍ୟ ସମସ୍ତ ଜିଲାରେ ବିଜୁଳି ଘଡ଼ଘଡ଼ି ଓ ପବନ ସହିତ ବର୍ଷା ହେବାର ସମ୍ଭାବନା ରହିଛି। ପ୍ରାୟ ୪ ତାରିଖ ପର୍ଯ୍ୟନ୍ତ ଏଭଳି ପାଗ ଲାଗି ରହିବ ବୋଲି ଆକଳନ କରାଯାଇଛି।

ଅପରପକ୍ଷରେ ମଙ୍ଗଳବାର ମହାଷ୍ଟମୀରେ ମଧ୍ୟ ରାଜ୍ୟରେ ବର୍ଷା ହେବ। କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର କିଛି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହିତ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହ ଅନ୍ୟାନ୍ୟ ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହିତ ବର୍ଷା ହେବାର ସମ୍ଭାବନା ରହିଛି। କିଛି ସ୍ଥାନରେ ପ୍ରବଳ ବର୍ଷା ସହ ପବନର ବେଗ ଅଧିକ ରହିବା ନେଇ ଆକଳନ କରିଛି ପାଣିପାଗ କେନ୍ଦ୍ର।

# ପାଣିକୁଣ୍ଡରେ ପଡ଼ି ୪ ବର୍ଷର ଶିଶୁପୁତ୍ର ମୃତ

ଡାବୁଗାଁ, ୨୯।୯
(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଘୋଡାଖୁଣ୍ଟା ଗ୍ରାମରେ ପାଣି କୁଣ୍ଡରେ ପଡି ୪ ବର୍ଷର ଶିଶୁ ପୁତ୍ରଙ୍କ ମୃତ୍ୟୁ ହୋଇଛି। ଏ ନେଇ ସୋମବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଘୋଡାଖୁଣ୍ଟା ଗ୍ରାମର ଦୁର୍ଲ୍ଲଭ ଭତ୍ରାଙ୍କ ପୁଅ ତପନ (୪)। ରବିବାର ଅପରାହ୍ନ ପ୍ରାୟ ୪ଟାରେ ତପନ ଘର ଆଗରେ ଖେଳୁଥିଲେ। ସେହି ସମୟରେ ଘର ଆଗରେ ଥିବା ଏକ ପାଣି କୁଣ୍ଡରେ ପିଲାଟି ପିଚି ହୋଇ କୁଣ୍ଡ ଭିତରେ ପଡ଼ି ଯାଇଥିଲେ। ଫଳରେ ପିଲାଟି ପାଣି କୁଣ୍ଡରେ ବୁଡି ଯାଇଥିଲା। ସାଙ୍ଗରେ ଥିବା ଛୋଟଛୋଟ ପିଲାମାନେ ତପନଙ୍କ ଘର ଲୋକଙ୍କୁ ଡ଼ାକିଥିଲେ। ପରିବାର ଲୋକେ ପିଲାଟିକୁ କୁଣ୍ଡରୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ମୋଟରସାଇକେଲ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ସୋମବାର ସକାଳେ ମୃତ ଶିଶୁଟିର ବାପା ଦୁର୍ଲ୍ଲଭ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ସିଂସାରୀ ଫାଣ୍ଡି ଅଧିକାରୀ ହରିହର ଭତ୍ରା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ ସହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ ୩୫/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଆଜି ସରିବ ଏକୀକୃତ ପେନ୍‌ସନ ଯୋଜନା ଆବେଦନ ଅବଧି

ଭୁବନେଶ୍ୱର, ୨୯।୯
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା କ୍ୟାଡରର ସର୍ବଭାରତୀୟ ସେବା (ଏଆଇଏସ୍) ଅଧିକାରୀଙ୍କ ଲାଗି ଏକୀକୃତ ପେନ୍‌ସନ ଯୋଜନା(ୟୁପିଏସ୍)ର ଅବଧି ଆସନ୍ତାକାଲି (ମଙ୍ଗଳବାର) ଶେଷ ହେବ। ଯେଉଁ ଆଇଏଏସ୍ ଅଧିକାରୀମାନେ ୟୁପିଏସ୍ ଆବେଦନ କରିପାରି ନାହାନ୍ତି ସେମାନେ ବ୍ୟକ୍ତିଗତ ଭାବେ କ୍ଷେତ୍ରୀୟ ଅଧିକାରୀଙ୍କ ଜରିଆରେ ପଠାଇବା ଲାଗି ଅର୍ଥ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଯୁଗ୍ମ ଭାବେ କୁହାଯାଇଛି। ଏସଂକ୍ରାନ୍ତରେ ଅର୍ଥ ବିଭାଗ ଯୁଗ୍ମସଚିବ ପ୍ରଶାନ୍ତ କୁମାର ମିଶ୍ର ଚଳିତମାସ ୨୪ରେ ସାଧାରଣ ପ୍ରଶାସନ ବିଭାଗ, ଗୃହ ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଥିବାବେଳେ ୨୫ରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସବୁ ବିଭାଗକୁ ଅବଗତ କରାଯାଇଛି।

ପତ୍ରରେ ଦର୍ଶାଯାଇଛି, ଭାରତ ସରକାରଙ୍କ ପକ୍ଷରୁ ଏକୀକୃତ ପେନ୍‌ସନ ଯୋଜନା ଲାଗି ବିଜ୍ଞପ୍ତି ଜାରି ହୋଇସାରିଛି। ଚଳିତବର୍ଷ ଜାନୁଆରୀ ୨୪ରୁ ତିନୋଟି ପର୍ଯ୍ୟାୟରେ ଏହାର ଅବଧି ବୃଦ୍ଧି କରାଯାଇଥିଲେ ହେଁ ଏକାଧିକ ଅଧିକାରୀ ସେମାନଙ୍କ ଆବେଦନ ଦେଇ ନାହାନ୍ତି। ଚଳିତମାସ ୧୬ରେ ଏନେଇ ପୁନର୍ବାର ପିଏଫ୍‌ଆର୍‌ଡିଏ ପକ୍ଷରୁ ଆବେଦନ ଅବଧି ଚଳିତମାସ ୩୦କୁ ବୃଦ୍ଧି କରାଯାଇଛି। ତେଣୁ ଯେଉଁ ଅଧିକାରୀମାନେ ଏଥିପାଇଁ ଯୋଗ୍ୟ ସେମାନଙ୍କ ୟୁପିଏସ୍ ଆବେଦନ ତୁରନ୍ତ ପଠାଇବାକୁ କୁହାଯାଇଛି।

# ଅଟୋରୁ ବ୍ୟାଟେରି ଚୋରି କରି ୨ ଗିରଫ

ବାଲୁଗାଁ, ୨୯।୯
(ସଂଗ୍ରାମ ପାଇକରାୟ)

ଏକ ଅଟୋରିକ୍ସାରୁ ବ୍ୟାଟେରି ଚୋରି କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିବା ସହ ବ୍ୟାଟେରି ଜବତ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବାଲୁଗାଁ ଅଞ୍ଚଳର ବାପି ବେହେରା (୨୬) ଏବଂ ଗୁରୁପ୍ରସାଦ ନାୟକ (୩୬)। ସୂଚନା ମୁତାବକ, ବାଲୁଗାଁ ଗାନ୍ଧୀ ନଗର ଅଞ୍ଚଳର ବସନ୍ତ ବେହେରା ଅଟୋରିକ୍ସାକୁ ଘର ନିକଟରେ ରଖିଥିବା ବେଳେ ରବିବାର ରାତିରେ କେହି ଦୁର୍ବୃତ୍ତ ବ୍ୟାଟେରି ଚୋରି କରି ନେଇଥିଲେ। ଏନେଇ ବସନ୍ତ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ସୋମବାର ଜଣେ କବାଡିବାଲାଙ୍କୁ ଅଭିଯୁକ୍ତଦ୍ୱୟ ବ୍ୟାଟେରି ନେଇ ବିକ୍ରି କରୁଥିବା ବେଳେ ଖବରପାଇ ପୋଲିସ ପହଞ୍ଚି ସେମାନଙ୍କୁ ଧରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୧୯/୨୫) ରୁଜୁପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।


**MCL**
**ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5270



GOVERNMENT OF ODISHA No. C-1183
**OFFICE OF THE SUPERINTENDING ENGINEER, P.H. DIVISION, CUTTACK**
e-mail ID: eephctcii@gmail.com, sephdctc521@gmail.com
**e-procurement Notice for Bid Identification No. SEPH-DIVISION, CTC-24 of 2025-26**

| | | |
|---|---|---|
| 1. | Name of the Work | : 1 No. PH Work |
| 2. | Estimated Cost | : Rs.691.61 Lakh |
| 3. | Period of Completion | : 2 Months |
| 4. | Date & time of availability of bid document in the portal | : 04.10.2025 from 11.00 A.M. to 18.10.2025 upto 5.00 P.M. |
| 5. | Last date & time of seeking clarification | : 09.10.2025 upto 5.00 P.M. |
| 6. | Last date/time of receipt of bids in the portal | : 18.10.2025 upto 5.00 P.M. |
| 7. | Date & time of opening of bids | : 20.10.2025 at 11.00 A.M. |
| 8. | Name and address of the Officer Inviting Bid | : I/C Superintending Engineer P.H. Division, Cuttack - 753004, Odisha, Ph. (0671) 2441063 email: eephctcii@gmail.com sephdctc521@gmail.com |

Further details can be seen from e-procurement portal https://www.tendersodisha.gov.in.
Sd./- I/C Superintending Engineer
P.H. Division, Cuttack
OIPR-13225/11/0036/2526



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)
**NATIONAL COMPETITIVE BIDDING THROUGH e-Procurement**
No. O-804
Bid Identification No. Online Tender / 29-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 29-2025-26/ BPR | Road Works under MMSY-IMPROVEMENT TO EXISTING RD ROADS | 18 Nos. | From Rs.175.72 Lakhs to Rs.857.14 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 29-2025-26/BPR | 10.10.2025 at 10.00 A.M. | 24.10.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: www.tendersodisha.gov.in.
OIPR-25071/11/0135/2526 Sd./- Chief Construction Engineer, R.W. Circle, Berhampur



GOVERNMENT OF ODISHA No. O-860
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**
**e-Procurement Notice**

| | | |
|---|---|---|
| 1. | Name of Work | : Construction of H.L. Bridge over Local Nallah at 2nd Km. on RD Road to Padampur Road in the district of Bolangir under SBY for the year 2024-25 |
| 2. | No. of Work | : 1 (One) Work |
| 3. | Time for Completion | : 12 (Twelve) Calendar Months |
| 4. | Approximate estimated cost varies from | : Rs.289.72 lakhs |
| 5. | Mode of submission of tender | : Tender should be submitted online in www.tendersodisha.gov.in |
| 6. | Other details are as follow | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-19/ 2025-26 | 04.10.2025 at 11.00 A.M. | 18.10.2025 upto 5.00 P.M. | 17.10.2025 upto 5.00 P.M. | 20.10.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in.
- Any Corrigendum/Addendum will be displayed in the above e-tender website only.

OIPR-25118/11/0061/2526 Sd./- Chief Construction Engineer, R.W. Circle, Bolangir



**भारतीय रिज़र्व बैंक**
**RESERVE BANK OF INDIA**
www.rbi.org.in

**भारतीय रिज़र्व बैंक द्वारा विनियमित संस्थाओं के विरुद्ध शिकायतों का निवारण**

**रिज़र्व बैंक - एकीकृत ओम्बड्समैन योजना (आरबी-आईओएस)**

- रिज़र्व बैंक ने अपनी सभी विनियमित संस्थाओं को उनके ग्राहकों से प्राप्त शिकायतों का समाधान करने हेतु अपने स्तर पर एक व्यवस्था बनाए रखने का आदेश दिया है, जिसे विनियमित संस्थाओं का आंतरिक शिकायत निवारण तंत्र माना जाता है।
- रिज़र्व बैंक ने, रिज़र्व बैंक – एकीकृत ओम्बड्समैन योजना, 2021 (आरबी–आईओएस) के माध्यम से अपनी विनियमित संस्थाओं द्वारा प्रदान की गई सेवाओं में कमियों से संबंधित ग्राहक शिकायतों के समाधान के लिए एक त्वरित और नि:शुल्क वैकल्पिक शिकायत निवारण तंत्र भी स्थापित किया है।
- बैंकों, गैर–बैंकिंग वित्तीय कंपनियों (एनबीएफसी), भुगतान प्रणाली प्रतिभागियों (पीएसपी) और साख सूचना कंपनियों (सीआईसी) को शिकायत निवारण तंत्र के तहत विनियमित संस्थाओं के रूप में माना जाता है।
- किसी भी विनियमित संस्था के विरुद्ध सभी शिकायतों के लिए आरबी–आईओएस 'एक राष्ट्र एक ओम्बड्समैन' दृष्टिकोण अपनाता है। अत: शिकायतकर्ता के लिए अब यह जानना आवश्यक नहीं है कि उसे किस लोकपाल योजना/कार्यालय के तहत ओम्बड्समैन के पास शिकायत दर्ज करानी चाहिए।
- आरबी–आईओएस के अंतर्गत नहीं आने वाली विनियमित संस्थाओं के विरुद्ध शिकायतों का समाधान भारतीय रिज़र्व बैंक के उपभोक्ता शिक्षण और संरक्षण कक्षों (सीईपीसी) द्वारा किया जाता है।
- आरबी–आईओएस और सीईपीसी के दायरे में आने वाली संथाओं की सूची https://cms.rbi.org.in पर देखी जा सकती है।

**अगर आपको शिकायत हो तो क्या करें?**

आप विनियमित संस्थाओं के विरूद्ध उसकी शाखा में या निकायत निवारण पोर्टल पर ऑनलाइन या उसकी वेबसाइट पर बताए गए किसी अन्य तरीके से शिकायत दर्ज करा सकते हैं। शिकायत की पावती प्राप्त करें या संदर्भ संख्या सुरक्षित रखें।

**आरबीआई ओम्बड्समैन से संपर्क कब करें?**

आप निम्नलिखित मामलों में आरबीआई ओम्बड्समैन से संपर्क कर सकते हैं:
- **विनियमित संस्थाओं से 30 दिन के भीतर कोई उत्तर प्राप्त नहीं होने पर –** विनियमित संस्थाओं को की गई आपकी शिकायत की तारीख से एक वर्ष और 30 दिन के भीतर कभी भी।
- **विनियमित संस्थाओं से प्राप्त उत्तर असंतोषजनक है –** संबंधित विनियमित संस्थाओं से उत्तर प्राप्त होने के एक वर्ष के भीतर कभी भी।

**ध्यान दें:**
- आरबी–आईओएस में निर्दिष्ट शिकायत फार्म के अनुसार सभी अपेक्षित विवरण/जानकारी शिकायत में शामिल होनी चाहिए।
- शिकायत किसी अन्य मंच (जैसे न्यायालय) में निपटाई गई/लंबित नहीं होनी चाहिए या आरबीआई ओम्बड्समैन द्वारा पहले निपटाई नहीं गई हो।
- **विनियमित संस्थाओं से संपर्क किए बिना आरबीआई ओम्बड्समैन के पास सीधे शिकायत दर्ज कराने पर उसे अस्वीकार किया जा सकता है।**

**आरबीआई के पास शिकायत कैसे दर्ज करें?**

विनियमित संस्थाओं के विरूद्ध कोई भी शिकायत निम्न किसी भी माध्यम द्वारा दर्ज की जा सकती है:
- आरबीआई के शिकायत प्रबंध प्रणाली (सीएमएस) पोर्टल https://cms.rbi.org.in के माध्यम से ऑनलाइन।
- आरबी–आईओएस के अनुबंध में निर्दिष्ट फॉर्म में भौतिक शिकायत (पत्र/डाक) ''केंद्रीकृत प्राप्ति और प्रसंस्करण केंद्र, चौथी मंजिल, भारतीय रिज़र्व बैंक, सेक्टर–17, सेंट्रल विस्टा, चंडीगढ़–160017'' को प्रेषित की जा सकती है।

**आरबीआई के पास शिकायत दर्ज करने के बारे में अधिक जानकारी कैसे प्राप्त करें?**

अधिक जानकारी के लिए आप आरबीआई संपर्क केंद्र के टोल–फ्री नंबर 14448 पर संपर्क कर सकते हैं। इंटरएक्टिव वॉयस रिस्पांस सिस्टम (आईवीआरएस) युक्त संपर्क केंद्र 24X7 उपलब्ध है, जबकि संपर्क केंद्र कर्मियों से अंग्रेजी, हिंदी और दस क्षेत्रीय भाषाओं (असमिया, बंगाली, गुजराती, कन्नड़, मलयालम, मराठी, ओडिया, पंजाबी, तेलुगु और तमिल) में बात करने की सुविधा राष्ट्रीय अवकाशों को छोड़कर सोमवार से शनिवार सुबह 8:00 बजे से रात 10:00 बजे के बीच उपलब्ध है।

**अधिक जानकारी के लिए**

कृपया देखें:
भारतीय रिज़र्व बैंक – एकीकृत लोकपाल योजना, 2021 पर अक्सर पूछे जाने वाले प्रश्न -
https://www.rbi.org.in/hindi/Scripts/Faqs.aspx?did=56
या
सीएमएस पोर्टल – https://cms.rbi.org.in



**ଭାରତୀୟ ରିଜର୍ଭ ବ୍ୟାଙ୍କ**
**RESERVE BANK OF INDIA**
www.rbi.org.in

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ**

**ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମ୍ୟାନ ଯୋଜନା (ଆରବି-ଆଇଓଏସ୍)**

- ରିଜର୍ଭ ବ୍ୟାଙ୍କ ଏହାର ସମସ୍ତ ନିୟନ୍ତ୍ରିତ ସଂସ୍ଥା ମାନଙ୍କୁ ସେମାନଙ୍କ ଗ୍ରାହକ ମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ ନିଜ ସ୍ତରରେ ଏକ ବ୍ୟବସ୍ଥା ଆପଣେଇବାକୁ ନିର୍ଦ୍ଦେଶ ଦେଇଛି, ଯାହାକୁ ସଂସ୍ଥା ର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ପ୍ରଣାଳୀ ଭାବରେ ବିବେଚନା କରାଯାଏ ।
- ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସେବାରେ ଥିବା ତ୍ରୁଟି ସମ୍ବନ୍ଧୀୟ ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଓମ୍ବୁଡ୍ସମ୍ୟାନ ଯୋଜନା, 2021 (ଆରବି–ଆଇଓଏସ) ମାଧ୍ୟମରେ ଏକ ତ୍ୱରିତ ଏବଂ ନିଃଶୁଳ୍କ ବିକଳ୍ପ ଅଭିଯୋଗ ସମାଧାନ ପ୍ରଣାଳୀର ମଧ୍ୟ ବ୍ୟବସ୍ଥା ରଖିଛି ।
- ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନବିଏଫସି), ପେମେଣ୍ଟ ସିଷ୍ଟମ୍ ଅଂଶଗ୍ରହଣକାରୀ (ପିଏସପି) ଏବଂ କ୍ରେଡିଟ୍ ସୂଚନା ପ୍ରଦାନକାରୀ କମ୍ପାନୀଗୁଡିକୁ (ସିଆଇସି) ଅଭିଯୋଗ ସମାଧାନ ପ୍ରଣାଳୀ ଅଧିନରେ ନିୟନ୍ତ୍ରିତ ସଂସ୍ଥା ଭାବରେ ବିବେଚନା କରାଯାଏ ।
- ଯେକୌଣସି ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ପ୍ରାପ୍ତ ସମସ୍ତ ଅଭିଯୋଗ ଗୁଡିକ ପାଇଁ ଆରବି–ଆଇଓଏସ ''ଗୋଟିଏ ରାଷ୍ଟ୍ର ଗୋଟିଏ ଓମ୍ବୁଡ୍ସମ୍ୟାନ'' ପଦ୍ଧତି ଗ୍ରହଣ କରେ । ତେଣୁ ଜଣେ ଅଭିଯୋଗକାରୀଙ୍କୁ, କେଉଁ ଓମ୍ବୁଡ୍ସମ୍ୟାନ ଯୋଜନା/ଅଫିସ୍ ମାଧ୍ୟମରେ, ଓମ୍ବୁଡ୍ସମ୍ୟାନଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଉଚିତ୍, ତାହା ଚିହ୍ନଟ କରିବାର ଆଉ ଆବଶ୍ୟକତା ନାହିଁ ।
- ଆରବି–ଆଇଓଏସ, 2021 ଅଧୀନରେ ଆସୁନଥିବା ସଂସ୍ଥା ଗୁଡିକ ବିରୋଧରେ ଅଭିଯୋଗର ସମାଧାନ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ମାଧ୍ୟମରେ ପରିଚାଳିତ ହୋଇଥାଏ ।
- ଆରବି–ଆଇଓଏସ୍ ଏବଂ ସିଇପିସିର ଅଧୀନରେ ଆସୁଥିବା ନିୟନ୍ତ୍ରିତ ସଂସ୍ଥା ଗୁଡ଼ିକର ତାଲିକା https://cms.rbi.org.in ରୁ ପାଇପାରିବେ ।

**ଯଦି ଆପଣଙ୍କର ଅଭିଯୋଗ ଅଛି ତେବେ କଣ କରିବେ?**

ଆପଣ ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଏହାର ଶାଖାରେ, କିମ୍ବା ଅନଲାଇନ୍ ମାଧ୍ୟମରେ ଅଭିଯୋଗ ନିବାରଣ ପୋର୍ଟାଲରେ, କିମ୍ବା ଏହାର ୱେବସାଇଟରେ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ । ଅଭିଯୋଗର ସ୍ୱୀକୃତି ପ୍ରାପ୍ତ କରନ୍ତୁ କିମ୍ବା ଅଭିଯୋଗର ରେଫରେନ୍ସ ନମ୍ବରକୁ ସୁରକ୍ଷିତ ରଖନ୍ତୁ ।

**ଆରବିଆଇ ଓମ୍ବୁଡ୍ସମ୍ୟାନଙ୍କୁ କେବେ ଯୋଗାଯୋଗ କରିବେ?**

ଆପଣ ନିମ୍ନଲିଖିତ କ୍ଷେତ୍ରରେ ଆରବିଆଇ ଓମ୍ବୁଡ୍ସମ୍ୟାନଙ୍କ ସହ ଯୋଗାଯୋଗ କରିପାରିବେ:
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ 30 ଦିନ ଭିତରେ କୌଣସି ଉତ୍ତର ପ୍ରାପ୍ତ ନ ହୁଏ –** ଆପଣଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ କରାଯାଇଥିବା ଅଭିଯୋଗର ତାରିଖ ଠାରୁ ଏକ ବର୍ଷ ଏବଂ **30** ଦିନ ମଧ୍ୟରେ ଯେ କୌଣସି ସମୟରେ ।
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ ପ୍ରାପ୍ତ ଉତ୍ତର ସନ୍ତୋଷଜନକ ନୁହେଁ –** ସଂପୃକ୍ତ ନିୟନ୍ତ୍ରିତ ସଂସ୍ଥା ରୁ ଉତ୍ତର ପାଇବାର ଏକ ବର୍ଷ ମଧ୍ୟରେ ଯେ କୌଣସି ସମୟରେ ।

**ଧ୍ୟାନ ଦିଅନ୍ତୁ:**
- ଆରବି–ଆଇଓଏସ, 2021 ରେ ଧାର୍ଯ୍ୟ କରାଯାଇଥିବା ଅଭିଯୋଗ ଫର୍ମ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଅଭିଯୋଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବଶ୍ୟକ ।
- ଅଭିଯୋଗ ଅନ୍ୟ କୌଣସି ମଂଚ (ଯେପରି ନ୍ୟାୟାଳୟ) ରେ ବିଚାର ହୋଇ ନ ଥିବ/ବିଚାରାଧୀନ ନ ଥିବ କିମ୍ବା ଆରବିଆଇ ଓମ୍ବୁଡ୍ସମ୍ୟାନ ଦ୍ୱାରା ପୂର୍ବରୁ ବିଚାର ହୋଇନଥିବ ।
- **ନିୟନ୍ତ୍ରିତ ସଂସ୍ଥା ସହିତ ଯୋଗାଯୋଗ ନକରି ଆରବିଆଇ ଓମ୍ବୁଡ୍ସମ୍ୟାନଙ୍କ ପାଖରେ ସିଧାସଳଖ ଅଭିଯୋଗ ଦାଖଲ କରିଲେ ଏହାର ପ୍ରତ୍ୟାଖାନ ହୋଇପାରେ ।**

**ଆରବିଆଇ ପାଖରେ ଅଭିଯୋଗ କିପରି କରିବେ?**

ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଦାଖଲ କରାଯାଇପାରିବ:
- ଆରବିଆଇର ଅଭିଯୋଗ ପରିଚାଳନା ପ୍ରଣାଳୀ (ସିଏମଏସ) ପୋର୍ଟାଲ https://cms.rbi.org.in ମାଧ୍ୟମରେ ଅନଲାଇନରେ ଅଭିଯୋଗ ଦାଖଲ କରାଯାଇପାରିବ ।
- ଆରବି–ଆଇଓଏସ ର ଅନୁବନ୍ଧରେ ଉଲ୍ଲେଖିତ ଫର୍ମ ମାଧ୍ୟମରେ ଲିଖିତ ଅଭିଯୋଗ (ଚିଠି/ପୋଷ୍ଟ) ଦ୍ୱାରା ''କେନ୍ଦ୍ରୀଭୂତ ପ୍ରାପ୍ତି ଏବଂ ପ୍ରକ୍ରିୟାକରଣ କେନ୍ଦ୍ର (CRPC), ଚତୁର୍ଥ ମହଲା, ଭାରତୀୟ ରିଜର୍ଭ ବ୍ୟାଙ୍କ୍, ସେକ୍ଟର – 17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ – 160017 କୁ ପଠାଯାଇ ପାରିବ ।

**ଆରବିଆଇ ନିକଟରେ ଅଭିଯୋଗ ଦାଖଲ କରିବା ବିଷୟରେ ଅଧିକ ସୂଚନା କିପରି ପାଇ ପାରିବେ ?**

ଅଧିକ ସୂଚନା ପାଇଁ ଆପଣ ଆରବିଆଇର ସମ୍ପର୍କ କେନ୍ଦ୍ର ଟୋଲ୍ ଫ୍ରି ନମ୍ବର: 14448 ରେ ଯୋଗାଯୋଗ କରିପାରିବେ । ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ (IVRS) ଯୁକ୍ତ ସମ୍ପର୍କ କେନ୍ଦ୍ର 24X7 ଉପଲବ୍ଧ ଥିବାବେଳେ ସମ୍ପର୍କ କେନ୍ଦ୍ର କର୍ମଚାରୀଙ୍କ ସହିତ ଇଂରାଜୀ, ହିନ୍ଦୀ ଏବଂ ଦଶଟି ଆଞ୍ଚଳିକ ଭାଷା (ଆସାମୀୟ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମାଲାୟାଲମ୍, ମରାଠୀ, ଓଡିଆ, ପଞ୍ଜାବୀ, ତେଲୁଗୁ ଏବଂ ତାମିଲ୍) ରେ ଯୋଗାଯୋଗ କରିବାର ସୁବିଧା ଜାତୀୟ ଛୁଟିଦିନ ବ୍ୟତୀତ ସୋମବାର ଠାରୁ ଶୁକ୍ରବାର ସକାଳ 8:00 ରୁ ରାତି 10:00 ମଧ୍ୟରେ ଉପଲବ୍ଧ ଅଛି ।

**ଅଧିକ ସୂଚନା ପାଇଁ**

ଦୟାକରି ପରିଦର୍ଶନ କରନ୍ତୁ : ଭାରତୀୟ ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଓମ୍ବୁଡ୍ସମ୍ୟାନ ଯୋଜନା, 2021 ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ – https://www.rbi.org.in/scripts/FS_FAQs.aspx?fn=2745
କିମ୍ବା
ସିଏମଏସ ପୋର୍ଟାଲ – https://cms.rbi.org.in

# ସରୁନଙ୍କୁ ରୌପ୍ୟ, ରିଲେ ଦଳ ଓ ସ୍ୱାଧୀନଙ୍କୁ ବ୍ରୋଞ୍ଜ



ରିଲେ ରେସ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୯।୯ (ତପନ ସ୍ୱାଇଁ)**

ଝାଡ଼ଖଣ୍ଡର ରାଞ୍ଚିଠାରେ ଚାଲିଥିବା ୬୪ତମ ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ସୋମବାର ଓଡ଼ିଶାକୁ ୩ଟି ପଦକ ମିଳିଛି। ସରୁନ ପାୟାସିଂ ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ୭.୭୭ ମିଟର କ୍ଲିୟର କରି ରୌପ୍ୟ ପଦକ ଲାଭ କରିଛନ୍ତି। ହରିୟାଣାର ମହମ୍ମଦ ସାଜିଦ (୭.୭୮) ଓ ରେଲୱେର ଭୂପିନ୍ଦର ସିଂ (୭.୫୮) ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସ୍ୱାଧୀନ କୁମାର ମାଝି ହାଇଜମ୍ପରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ୨.୧୪ ମିଟର ଡେଇଁଛନ୍ତି। ରେଲୱେର ରୋହିତ ଓ ଆଦର୍ଶ ରାମ ୨.୧୮ ମିଟର ଡେଇଁ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ଓଡ଼ିଶା ୪x୧୦୦ ମିଟର ପୁରୁଷ ରିଲେ ଦଳ ୩୯.୮୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛି। ଡି.ଏମ. ଜୟରାମ, ସରୁନ ପାୟାସିଂ, ଅବିନାଶ ସାହୁ ଓ ଅମିୟ କୁମାର ମଲିକ ଓଡ଼ିଶା ଦଳର ସଦସ୍ୟ ଥିଲେ। ରେଲୱେ (୩୯.୪୪) ଦଳ ସ୍ୱର୍ଣ୍ଣ ଓ ସର୍ଭିସେସ (୩୯.୮୧) ଦଳ ରୌପ୍ୟ ପଦକ ଜିତିଛି। ଓଡ଼ିଶାରୁ ମୋଟ ୧୩ ଆଥ୍‌ଲେଟ ଏଥିରେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଚେୟାରମ୍ୟାନ ଆଶୀର୍ବାଦ ବେହେରା, ସଭାପତି ଜି.ଏସ. ପଟ୍ଟନାୟକ, ସମ୍ପାଦକ ଅଭିଜିତ ପାଲ ଓ ଅନ୍ୟ ସଦସ୍ୟମାନେ ରାଜ୍ୟ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନକ୍‌ଭି ନେଇଗଲେ ଏସିଆ କପ୍ ଟ୍ରଫି

**ଦୁବାଇ,୨୯।୯(ପି.ଟି.)**

ଭାରତ ଚାମ୍ପିୟନ ହେବା ସହ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଶେଷ ହୋଇଛି। ହେଲେ ଟୁର୍ନାମେଣ୍ଟ ସହ ଜଡ଼ିତ ବିବାଦର ଅନ୍ତ ହୋଇନାହିଁ। ଚାମ୍ପିୟନ ଭାରତୀୟ ଦଳ ଏସିଆନ କ୍ରିକେଟ୍ କାଉନ୍‌ସିଲ (ଏସିସି) ମୁଖ୍ୟ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକଭିଙ୍କଠାରୁ ଏସିଆ କପ୍ ଟ୍ରଫି ଗ୍ରହଣ କରିବ ନାହିଁ ବୋଲି ବିସିସିଆଇ ପକ୍ଷରୁ ଏସିସିକୁ ଜଣାଇ ଦିଆଯାଇଥିଲା। ଏଥିଯୋଗୁ ଦେଢ଼ ଘଣ୍ଟା ବିଳମ୍ବରେ ଟ୍ରଫି ପ୍ରଦାନ ଉତ୍ସବ ଆରମ୍ଭ ହୋଇଥିଲା। ଏହି ଦେଢ଼ ଘଣ୍ଟା ମଧ୍ୟରେ ଦୁବାଇ ଷ୍ଟାଡିୟମରେ ଖୁବ୍ ଡ୍ରାମା ଦେଖିବାକୁ ମିଳିଥିଲା।

ଭାରତୀୟ ଖେଳାଳିମାନେ ଓ ସେମାନଙ୍କ ପରିବାର ସଦସ୍ୟ ଗ୍ରାଉଣ୍ଡର ଏକ ସ୍ଥାନରେ ଏକତ୍ରିତ ହୋଇ ଛିଡ଼ା ହୋଇଥିଲେ। ଏହାଠାରୁ ପ୍ରାୟ ୨୫ ୟାର୍ଡ ଦୂରରେ ଏସିସି ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ନକ୍‌ଭିଙ୍କ ମଣ୍ଡଳୀ ଛିଡ଼ା ହୋଇଥିଲା। ମ୍ୟାଚ୍ ଶେଷ ହେବାର ପ୍ରଥମ ଏକ ଘଣ୍ଟା ପର୍ଯ୍ୟନ୍ତ କୌଣସି ପାକିସ୍ତାନୀ ଖେଳାଳି ଗ୍ରାଉଣ୍ଡକୁ ଆସି ନ ଥିଲେ। ବିସିସିଆଇ ପକ୍ଷରୁ କୁହାଯାଇଥିଲା ଯେ, ନକ୍‌ଭିଙ୍କ ଛଡ଼ା ମଞ୍ଚାସିନ ଯେକୌଣସି ଅତିଥିଙ୍କଠାରୁ ଟ୍ରଫି ନେବାରେ ଭାରତୀୟ ଦଳର କୌଣସି ଅସୁବିଧା ନାହିଁ। ମଞ୍ଚରେ ଥିବା ଦୁବାଇ ସ୍ପୋର୍ଟ୍ସ ସିଟି ଖାଲିଦ ଅଲ ଜାରୁମି ଭାରତୀୟ ଦଳକୁ ଟ୍ରଫି ଦେବେ ବୋଲି ଆଶା କରାଯାଉଥିଲା। ବିସିସିଆଇର ସ୍ପଷ୍ଟ ଆଭିମୁଖ୍ୟ ଯୋଗୁ ନକ୍‌ଭିଙ୍କ ଉପସ୍ଥିତିରେ ଭାରତୀୟ ଖେଳାଳି ମଞ୍ଚକୁ ଯିବାକୁ ମନା କରିଥିଲେ। ଅନ୍ୟପକ୍ଷରେ ପିସିବି ମୁଖ୍ୟ ନିଜ ଜିଦ୍‌ରେ ଅଟଳ ରହିଥିଲେ।


ଚାମ୍ପିୟନ ଦଳକୁ ଦିଆଯିବା ଲାଗି ଅଣା ଯାଇଥିବା ଟ୍ରଫି।


ମହସିନ ନକ୍‌ଭି

ମ୍ୟାଚ୍ ପରବର୍ତ୍ତୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପସ୍ଥାପକ ସାଇମନ ଡଲ ବ୍ୟକ୍ତିଗତ ସ୍ପନସର୍ସ ପୁରସ୍କାର ଘୋଷଣା କରିଥିଲେ। କାରଣ ଟୁର୍ନାମେଣ୍ଟର ନିବେଶକାରୀ ଓ ଅଂଶୀଦାରଙ୍କ ନାମ ପ୍ରକାଶ କରାଯିବା ବାଧ୍ୟତାମୂଳକ। ବ୍ୟକ୍ତିଗତ ପୁରସ୍କାର ଦିଆଯିବା ପରେ ପାକିସ୍ତାନ ଦଳର ଖେଳାଳିମାନେ ସେମାନଙ୍କର ମେଡାଲ ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଆମିନୁଲ ଇସଲାମ ବୁଲବୁଲଙ୍କଠାରୁ ଗ୍ରହଣ କରିଥିଲେ। ଏହାପରେ ଉପସ୍ଥାପକ ଡଲ କହିଥିଲେ, ଭାରତୀୟ ଦଳ ରବିବାର ରାତିରେ ସେମାନଙ୍କର ପୁରସ୍କାର ଗ୍ରହଣ କରିବ ନାହିଁ ବୋଲି ମୋତେ ପୂର୍ବରୁ ଏସିସି ପକ୍ଷରୁ କୁହାଯାଇଛି। ଏଥିଯୋଗୁ କାର୍ଯ୍ୟକ୍ରମ ସମାପ୍ତି ହେଲା। ନକ୍‌ଭି ମଞ୍ଚରୁ ଓହ୍ଲାଇ ଟ୍ରଫି ଧରି ସିଧା ଏକ୍‌ଜିଟ୍ ଗେଟ୍ ଆଡ଼କୁ ଚାଲି ଯାଇଥିଲେ, ଯାହାକି ସଭିଙ୍କୁ ଚକିତ କରିଥିଲା।

ପରେ ମଞ୍ଚ ନିକଟରେ ଛିଡ଼ା ହୋଇଥିବା ଭାରତୀୟ ଦଳ ଓ ସପୋର୍ଟ ଷ୍ଟାଫ ବିଜୟ ଉତ୍ସବ ପାଳନ କରିବା ସହ ବିନା ଟ୍ରଫିରେ ଫଟୋ-ସେଶନ କରିଥିଲେ।

## ନକ୍‌ଭିଙ୍କ ବିରୋଧରେ ଦୃଢ଼ ପ୍ରତିବାଦ କରାଯିବ

''ଆମେ ଏସିଆ କପ୍ ୨୦୨୫ ଟ୍ରଫି ଏସିସି ଚେୟାରମ୍ୟାନଙ୍କଠାରୁ ନେବୁ ନାହିଁ ବୋଲି ନିଷ୍ପତ୍ତି ନେଇଥିଲୁ। କାରଣ ସେ ପାକିସ୍ତାନର ଜଣେ ମୁଖ୍ୟ ନେତା। କିନ୍ତୁ ଏହାର ଅର୍ଥ ନୁହେଁ ଯେ, ସେହି ଭଦ୍ରବ୍ୟକ୍ତି ଟ୍ରଫି ଓ ପଦକ ଧରି ଚାଲିଯିବେ। ଏଣୁ ଏହା ଖୁବ୍ ଦୁର୍ଭାଗ୍ୟଜନକ ବିଷୟ। ଏହା ଆଶା କରାଯାଉ ନ ଥିଲା ଏବଂ ଏହା ପିଲାଳିଆମି। ଆମେ ଆଶା କରୁଛୁ ଯେ, ଟ୍ରଫି ଓ ମେଡାଲ ଯଥାଶୀଘ୍ର ଭାରତୀୟ ଦଳକୁ ମିଳିବ। ଆସନ୍ତା ନଭେମ୍ବରରେ ଦୁବାଇରେ ଏକ ଆଇସିସି କନ୍‌ଫରେନ୍ସ ରହିଛି। ସେଠାରେ ଭାରତୀୟ ଦଳକୁ ଟ୍ରଫି ଦେବା ପାଇଁ ଆମେ ଏସିସି ଚେୟାରମ୍ୟାନ ନକଭିଙ୍କ ବିରୋଧରେ ଖୁବ କଡ଼ା ପ୍ରତିବାଦ କରିବୁ'' ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ସୁତଭ୍ୟ କର୍ମକାର ଚାମ୍ପିୟନ

**ଭୁବନେଶ୍ୱର, ୨୯।୯ (ତପନ ସ୍ୱାଇଁ)**

ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ଏକାଡେମୀରେ ଏଆଇଟିଏ ଓଟିଏ ଏମ୍‌ଓଏସ୍‌ଏଫ୍ ସିଏସ୍-୩ ୧୮ ବର୍ଷରୁ କମ୍ ବାଳକ ଟେନିସ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟେନିସ ପ୍ରତିଭାମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନର ସୁଯୋଗ ପାଇଥିଲେ। ଫାଇନାଲରେ ଓଡ଼ିଶାର ସୁତଭ୍ୟ କର୍ମକାର ଝାଡ଼ଖଣ୍ଡର ସଫଲ ଆଗମାନଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଉଭୟ ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀ ଗୁରୁକୁଳ ଟେନିସ ଏକାଡେମୀରେ ଟ୍ରେନିଂ ନେଉଛନ୍ତି।

# ସଶସ୍ତ୍ର ବଳ ଓ ପହଲଗାମ୍ ପୀଡ଼ିତଙ୍କୁ ଏସିଆ କପ୍ ମ୍ୟାଚ୍ ଫି' ଦାନ କଲେ ସୂର୍ଯ୍ୟ

**ଦୁବାଇ,୨୯।୯(ପି.ଟି.)**

ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏସିଆ କପ୍ ଟୁର୍ନାମେଣ୍ଟରେ ତାଙ୍କୁ ମିଳିବାକୁ ଥିବା ମ୍ୟାଚ୍ ଫି'କୁ ଭାରତର ସଶସ୍ତ୍ର ବଳ ଓ ପହଲଗାମ ଆକ୍ରମଣର ପୀଡ଼ିତଙ୍କ ଲାଗି ଦାନ କରିବେ ବୋଲି ଘୋଷଣା କରିଛନ୍ତି। ରବିବାର ରାତିରେ ଭାରତ ୫ ଉଇକେଟରେ ପାକିସ୍ତାନକୁ ପରାସ୍ତ କରି ନବମ ଥର ପାଇଁ ଏସିଆ କପ୍ ଚାମ୍ପିୟନ ହୋଇଥିଲା।

''ଏହି ଟୁର୍ନାମେଣ୍ଟରୁ ମିଳିବାକୁ ଥିବା ମ୍ୟାଚ୍ ଫି'କୁ ମୁଁ ଆମର ସଶସ୍ତ୍ର ବଳ ଓ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ସମ୍ମୁଖୀନ ହୋଇଥିବା ପୀଡ଼ିତ ପରିବାରର ସମର୍ଥନ ଲାଗି ଦାନ କରିବାକୁ ନିଷ୍ପତ୍ତି ନେଇଛି। ତୁମେମାନେ ସର୍ବଦା ମୋ ଭାବନାରେ ରହିବ। ଜୟ ହିନ୍ଦ୍'' ବୋଲି ସୂର୍ଯ୍ୟକୁମାର ପାକିସ୍ତାନ ବିପକ୍ଷ ହାଇଭୋଲ୍ଟେଜ ମ୍ୟାଚ୍ ପରେ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଟି୨୦ ଫର୍ମାଟରେ ଭାରତୀୟ ଖେଳାଳିଙ୍କୁ ମୁଣ୍ଡ ପିଛା ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଏ। ଏହାର ଅର୍ଥ ଟୁର୍ନାମେଣ୍ଟରେ ୭ ମ୍ୟାଚ୍ ଖେଳିଥିବା ସୂର୍ଯ୍ୟଙ୍କୁ ୨୮ ଲକ୍ଷ ମିଳିବ। ଗତ ୧୪ ତାରିଖରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳର ବିଜୟ ପରେ ସୂର୍ଯ୍ୟକୁମାର ପହଲଗାମ ପୀଡ଼ିତ ଓ ଦେଶର ସଶସ୍ତ୍ର ବଳ ଲାଗି ବିଜୟ ଉତ୍ସର୍ଗ କରିଥିଲେ। ଏଥିଲାଗି ସୂର୍ଯ୍ୟଙ୍କ ବିରୋଧରେ ରାଜନୈତିକ ବୟାନବାଜି କରୁଥିବା ଅଭିଯୋଗ ସହ ତାଙ୍କୁ ବ୍ୟାନ କରିବା ପାଇଁ ପିସିବି ପକ୍ଷରୁ ଆଇସିସି ନିକଟରେ ଦାବି କରାଯାଇଥିଲା। ହେଲେ ଆଇସିସି ପକ୍ଷରୁ ସୂର୍ଯ୍ୟଙ୍କର ମ୍ୟାଚ୍ ଫି'ର ୩୦ ପ୍ରତିଶତ କାଟ କରିବାକୁ ନିଷ୍ପତ୍ତି ନେଇଥିଲା। ପରେ ଏହି ନିଷ୍ପତ୍ତିକୁ ବିସିସିଆଇ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା। ଗତ ସପ୍ତାହରେ ଅନୁଷ୍ଠିତ ଆଇସିସି ଶୁଣାଣିରେ ସୂର୍ଯ୍ୟକୁମାର ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଆଜି ମହାଷ୍ଟମୀ
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୩୦/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Tuesday, September 30/2025 Page 16 ₹ 7.00 | DHENKANAL
୫୧ଶ ଭାଗ ୩୦୬ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 306 ମୂଲ୍ୟ₹୭/-


କଟକ ଖାନ୍‌ନଗର ପୂଜାମଣ୍ଡପରେ ସୁନା ଅଳଙ୍କାରରେ ସଜେଇ ହୋଇ ପୂଜା ପାଉଥିବା ମା’ ଦୁର୍ଗା। **(ଫଟୋ: ରାଜକିଶୋର ମହାନ୍ତି)**

# ବିଦେଶୀ ଫିଲ୍ମ ଉପରେ ୧୦୦% ଟାରିଫ୍ ଲଗାଇବେ ଟ୍ରମ୍ପ୍

**ପ୍ରଭାବିତ ହେବ ଭାରତୀୟ ଚଳଚ୍ଚିତ୍ର ଶିଳ୍ପ**

**ୱାଶିଂଟନ,୨୯।୯**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ଟାରିଫ୍ ଲଗାଇ ଚାଲିଥିବାବେଳେ ଆଗକୁ କେତେକ ନୂଆ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆମେରିକା ବାହାରେ ନିର୍ମିତ ଚଳଚ୍ଚିତ୍ରଗୁଡ଼ିକ ଉପରେ ସେ ୧୦୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ସୋମବାର ଘୋଷଣା କରିଛନ୍ତି। ଫଳରେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ପ୍ରଭାବିତ ହେବାକୁ ଯାଉଛି। ବିଦେଶରେ ନିର୍ମିତ ଚଳଚ୍ଚିତ୍ରଗୁଡ଼ିକ ଆମେରିକାରେ ବ୍ୟବସାୟ କରୁଥିବାବେଳେ ଅନ୍ୟ ଦେଶ ତାହାର ଲାଭ ଉଠାଉଛନ୍ତି, ଯାହା ଶିଶୁଠାରୁ ଚକୋଲେଟ୍ ଛଡ଼ାଇନେବା ଭଳି। ଏଥିରେ କାଲିଫର୍ନିଆ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛି। ଏହି ଦୀର୍ଘଦିନର ସମସ୍ୟାର ସମାଧାନ ପାଇଁ ବିଦେଶୀ ଚଳଚ୍ଚିତ୍ର ଉପରେ ୧୦୦ ପ୍ରତିଶତ ଟାରିଫ୍ ଲଗାଯିବ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ସୂଚନାଯୋଗ୍ୟ, ଶାହରୁଖ ଖାନ୍ ଏବଂ ଦୀପିକା ପାଦୁକୋନ୍‌ଙ୍କ ‘ଜୱାନ’, ପ୍ରଭାସଙ୍କ ଅଭିନୀତ ବାହୁବଳୀ ସିରିଜ୍ ଏବଂ ରଣବୀର କପୁର-ତୃପ୍ତି ଡିମ୍ରିଙ୍କ ‘ଆନିମଲ’ ଚଳଚ୍ଚିତ୍ର ନିକଟରେ ଆମେରିକାରେ ଉଲ୍ଲେଖନୀୟ ବ୍ୟବସାୟ କରିଥିଲା। ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟମାନେ ସେଠାରେ ମୁକ୍ତିଲାଭ କରୁଥିବା ତେଲୁଗୁ, ହିନ୍ଦୀ, ତାମିଲ, ମାଲୟାଲମ, ପଞ୍ଜାବୀ, ବେଙ୍ଗଲୀ ଓ ଅନ୍ୟ ଭାରତୀୟ ଭାଷାର ଚଳଚ୍ଚିତ୍ର ଦେଖିବା ପାଇଁ ବର୍ଷକୁ ପ୍ରାୟ ୧୦୦ ନିୟୁତ ଡଲାର ଖର୍ଚ୍ଚ କରିଥାନ୍ତି ବୋଲି ପ୍ରଡ୍ୟୁସର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ତଥ୍ୟରୁ ଜଣାପଡ଼ିଛି। ଆମେରିକା ଜନସଂଖ୍ୟାର ୧.୬% ହେଉଛନ୍ତି ଭାରତୀୟ। ଏଥିସହିତ ସେଠାରେ ରହୁଥିବା ଦକ୍ଷିଣ ଏସୀୟ ଦେଶଗୁଡ଼ିକର ଲୋକେ ମଧ୍ୟ ଭାରତୀୟ ଭାଷାର ଚଳଚ୍ଚିତ୍ରକୁ ବେଶ୍ ପସନ୍ଦ କରିଥାନ୍ତି। ଗତ ମେ’ ମାସରେ ଆମେରିକାରେ ବକ୍ସ ଅଫିସ୍ ରାଜସ୍ୱରୁ ୫ରୁ ୭ ପ୍ରତିଶତ ଭାରତୀୟ ଚଳଚ୍ଚିତ୍ରରୁ ମିଳିଥିଲା ବୋଲି ଏଣ୍ଟରଟେନ୍‌ମେଣ୍ଟ କଣ୍ଟେଣ୍ଟର ବିତରକ ବିବେକ ଲାଠ କହିଛନ୍ତି। ଏବେବି ଚାପରେ ଥିବା ଆମେରିକା ଥିଏଟର ମାଲିକମାନେ ଟ୍ରମ୍ପ୍‌ଙ୍କ ଟାରିଫ୍‌ରେ ଖୁସି ହେବେନାହିଁ। ଅବଶିଷ୍ଟ ବିଶ୍ୱ ଯଦି ଏହାର ଅନୁରୂପ ପଦକ୍ଷେପ ନିଅନ୍ତି ତେବେ ହଲିଉଡ୍ ମଧ୍ୟ ବିପୁଳ ଅନ୍ତର୍ଜାତୀୟ ରାଜସ୍ୱ ହରାଇବ ବୋଲି କୁହାଯାଉଛି। କେବଳ ଫିଲ୍ମ ନୁହେଁ, ଆମେରିକାରେ ଆସବାବପତ୍ର ତିଆରି କରୁ ନ ଥିବା ଦେଶରୁ ଆମଦାନୀ ହେଉଥିବା ଉକ୍ତ ସାମଗ୍ରୀ ଉପରେ ମଧ୍ୟ ଅଧିକ ଟାରିଫ୍ ଲଗାଇବାକୁ ଟ୍ରମ୍ପ୍ କହିଛନ୍ତି।

# ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌କୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା କାନାଡ଼ା

**ନୂଆଦିଲ୍ଲୀ,୨୯।୯**



ଭାରତ ସମେତ ବିଦେଶରେ ହତ୍ୟା, ବଟି ଆଦାୟ, ଅସ୍ତ୍ରଶସ୍ତ୍ର ଓ ଡ୍ରଗ୍ସ କାରବାରରେ ସମ୍ପୃକ୍ତ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଗ୍ୟାଙ୍ଗ୍‌କୁ କାନାଡା ସରକାର ଆତଙ୍କବାଦୀ ସଂଗଠନ ଘୋଷଣା କରିଛନ୍ତି। କାନାଡାର ଜନସୁରକ୍ଷା ମନ୍ତ୍ରୀ ଗାରି ଆନନ୍ଦସଙ୍ଗାରି ସୋମବାର ଏହି ସୂଚନା ଦେଇଛନ୍ତି। ଫଳରେ କାନାଡାରେ ଥିବା ବିଷ୍ଣୋଇ ଗ୍ୟାଙ୍ଗର ନଗଦ ଅର୍ଥ, ଗାଡ଼ି, ସମ୍ପତ୍ତି ଆଦିକୁ ଜବତ କିମ୍ବା ବାଜ୍ୟାପ୍ତ କରାଯିବ। ଏଥିସହ ଆତଙ୍କବାଦୀ କାର୍ଯ୍ୟ ନିମନ୍ତେ ପାଣ୍ଠି ଯୋଗାଣ ସମେତ ବିଭିନ୍ନ ଅପରାଧ ପାଇଁ ଗ୍ୟାଙ୍ଗ୍ ସଦସ୍ୟଙ୍କ ବିରୋଧରେ ସେଠାର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାକୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକ କ୍ଷମତା ମିଳିବ। ସନ୍ଦିଗ୍ଧ ଗ୍ୟାଙ୍ଗ୍ ସଦସ୍ୟଙ୍କୁ କାନାଡାରେ ପ୍ରବେଶ କରିବା ପାଇଁ ଆପ୍ରବାସନ ଅଧିକାରୀମାନେ ଅନୁମତି ଦେଇ ନପାରନ୍ତି। କାନାଡାର ଜଷ୍ଟିନ୍ ଟ୍ରୁଡୋ ସରକାର ବେଳେ ଭାରତ ସହ କୂଟନୈତିକ ସମ୍ପର୍କ ଖରାପ ହୋଇଥିବାବେଳେ ନୂଆ ସରକାର ଆସିବା ପରେ ଏଥିରେ ସୁଧାର ଆସିଛି। ବିଷ୍ଣୋଇ ଗ୍ୟାଙ୍ଗ୍‌କୁ ଆତଙ୍କବାଦୀ ସଂଗଠନ ଘୋଷଣା ଭାରତ-କାନାଡା ସମ୍ପର୍କକୁ ଆଗେଇନେବା ଦିଗରେ ଆଉ ଏକ ପଦକ୍ଷେପ ବୋଲି ବିଜ୍ଞପ୍ତିରେ କୁହାଯାଇଛି।



# ସ୍ୱାମୀଙ୍କ ତଣ୍ଟି କାଟି ହତ୍ୟା କଲେ ସ୍ତ୍ରୀ

## ଚେନ୍ନାଇରୁ ପୁଅ ମୃତଦେହ ଗାଁକୁ ଆଣିବାକୁ ବାପା ଥାନାର ଦ୍ୱାରସ୍ଥ

ମହାକାଳପଡ଼ା, ୨୯।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଚେନାଇର କୁମାର ନଗର ଆର୍-୬ ଥାନା ଅନ୍ତର୍ଗତ ଏକ ଘରୋଇ ଶରିଂ କମ୍ପାନୀରେ କାର୍ଯ୍ୟ କରୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ପୁନିତି ଗ୍ରାମର ପ୍ରହ୍ଲାଦ ସର୍ଦ୍ଦାରଙ୍କୁ ତାଙ୍କ ସ୍ତ୍ରୀ ତଣ୍ଟିକାଟି ହତ୍ୟା କରିଛନ୍ତି। ରବିବାର ରାତିରେ ଏହି ଘଟଣା ଘଟିଥିବାବେଳେ ସୋମବାର ପରିବାର ଲୋକ ଜାଣିବା ପରେ ପୁଅର ମୃତଦେହ ଗ୍ରାମକୁ ଆଣିବା ସହ ନ୍ୟାୟ ପ୍ରଦାନ ପାଇଁ ବାପା ସୁକାନ୍ତ ସର୍ଦ୍ଦାର ସାମୁଦ୍ରିକ ଥାନା ଏବଂ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ପ୍ରହ୍ଲାଦଙ୍କ କିଛି ବର୍ଷପୂର୍ବେ ମୃତ୍ୟୁ ଘଟିଥିଲା।


ପ୍ରହ୍ଲାଦଙ୍କ ଫାଇଲ ଫଟୋ।

ତାଙ୍କର ୨ପୁଅ ଏବଂ ୨ଝିଅ ପୁନିତି ଗ୍ରାମରେ ରୁହନ୍ତି। ଅପରପକ୍ଷରେ ଚେନାଇରେ ଶରିଂ କମ୍ପାନୀରେ କାମ କରୁଥିବା ପ୍ରହ୍ଲାଦ ଉକ୍ତ କମ୍ପାନୀର କର୍ମଚାରୀ ପିଙ୍କି ରାୟଙ୍କୁ ପ୍ରେମ କରିବା ସହିତ ତାଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କରି ସେଠାରେ ଏକ ଭଡ଼ାଘରେ ରୁହୁଥିଲେ। ସେମାନଙ୍କ ମଧ୍ୟ ୨ଝିଅ ଥିବା ଜଣାପଡ଼ିଛି। ୬ମାସ ତଳେ ସ୍ତ୍ରୀ ପିଙ୍କି ସ୍ୱାମୀ ପ୍ରହ୍ଲାଦଙ୍କ ପୁନିତିସ୍ଥିତ ଘରକୁ ଆସି ୨ସପ୍ତାହ ରହି ଯାଇଥିଲେ। ତେବେ ରବିବାର ଉଭୟ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଉଭୟେ ମଦ୍ୟପାନ କରିଥିବାବେଳେ ପିଙ୍କି ଉତ୍କ୍ଷିପ୍ତ ହୋଇ ଏକ ଛୁରିରେ ପ୍ରହ୍ଲାଦଙ୍କ ତଣ୍ଟି କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ପ୍ରହ୍ଲାଦଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଜଣାପଡ଼ିବା ପରେ ସେଠାକାର ପୋଲିସ ପିଙ୍କିଙ୍କୁ ଅଟକ ରଖି ପଚରାଉଚରା କରିବା ସହ ମୃତଦେହ ଜବତ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ପ୍ରହ୍ଲାଦଙ୍କ ମୃତ୍ୟୁ ଖବର ସୋମବାର ପାଇବା ପରେ ବାପା ସୁକାନ୍ତ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଚେନାଇରୁ ପୁଅର ମୃତଦେହ ଆଣିଦେବା ସହ ନ୍ୟାୟ ଦାବିରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏନେଇ ସାମୁଦ୍ରିକ ଥାନା ଅଧିକାରୀ କିଶୋର କୁମାର ତରାଇଙ୍କ ମତାମତ ନେବାରେ ସମ୍ଭବ ହୋଇ ନ ଥିଲା।

# ଠକେଇ ଘଟଣାରେ ଯୁବକ ଗିରଫ

ଗୋପାଳପୁର, ୨୯।୯ (ନବୀନରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳରେ ଟଙ୍କା, ସୁନା ଓ ଜମି ଠକେଇ ମାମଲାରେ ସୋମବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନରେନ୍ଦ୍ରପୁର ଗ୍ରାମର ରଞ୍ଜନ ବେହେରା। ସୂଚନା ପ୍ରକାରେ, ଏହି ଥାନା ଅଧୀନସ୍ଥ ସିନ୍ଧିଗାଁ ଟାଟା କଲୋନିର ବାସନ୍ତୀ ବେହେରାଙ୍କ ସାନ ଭଉଣୀଙ୍କ ପୁଅ ରଞ୍ଜନ ପ୍ରଲୋଭନ ଦେଖାଇ ବାସନ୍ତୀଙ୍କଠାରୁ ପ୍ରଥମେ ୩ ଲକ୍ଷ ଟଙ୍କା, ୩ ତୋଳାରୁ ଅଧିକ ସୁନା ଗହଣା ଓ ଜୋରଜବରଦସ୍ତ ଦସ୍ତଖତ ନେଇ ନରେନ୍ଦ୍ରପୁର ଗ୍ରାମର ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଖାତାରୁ ଗତବର୍ଷ ଜୁନ ୫ରେ ୨ ଲକ୍ଷ ଟଙ୍କା ଓ ପୁଣି ସେହି ମାସ ୧୦ ତାରିଖରେ ୪ ଲକ୍ଷ ୫୦ ହଜାର ଟଙ୍କା ପ୍ରାୟ ୯ ଲକ୍ଷ ୫୦ ହଜାର ଟଙ୍କା ନେଇଯାଇଥିଲେ। ଗତବର୍ଷ ଡିସେମ୍ବର ୧୮ରେ ଫେରାଇ ଦେବି ବୋଲି କହିଥିଲେ। ହେଲେ ଟଙ୍କା ନ ଫେରାଇବାରୁ ବାସନ୍ତୀ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ସ୍ୱାମୀଙ୍କ ଉପରେ ଗରମ ପାଣି ଢାଳି ସ୍ତ୍ରୀ ଗିରଫ

ବ୍ରହ୍ମପୁର, ୨୯।୯ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱାମୀଙ୍କ ଉପରେ ଗରମ ପାଣି ଢାଳି ହତ୍ୟା ଉଦ୍ୟମ ଅଭିଯୋଗରେ ସ୍ତ୍ରୀଙ୍କୁ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଗିରଫ କରିଛି। ସେ ହେଲେ ମନୀଷା ସେଠୀ(୨୭)। ମାମଲା ନଂ. ୪୯୨/୨୫ରେ ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ପ୍ରସନ୍ନ କୁମାର ସେଠୀ ଓ ତାଙ୍କ ସ୍ତ୍ରୀ ମନୀଷା ୨ ସନ୍ତାନଙ୍କ ସହ ଜଗନ୍ନାଥ ବିହାର ୭ମ ଲାଇନରେ ରୁହନ୍ତି। ସ୍ୱାମୀଙ୍କର ଅନ୍ୟତ୍ର ଜଣେ ମହିଳାଙ୍କ ସହ ସମ୍ପର୍କ ରହିଥିବା ମନୀଷା ସନ୍ଦେହ କରୁଥିଲେ। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଅଶାନ୍ତି ଲାଗି ରହୁଥିଲା। ଗତ ୨୭ ତାରିଖ ସକାଳେ ପ୍ରସନ୍ନ ଫୋନରେ କାହା ସହ କଥା ହେଉଥିବା ବେଳେ ମନୀଷା ସନ୍ଦେହ କରି ତାଙ୍କ ଉପରେ ଗରମ ପାଣି ଢାଳି


ମନୀଷା ସେଠୀ

ଦେଇଥିଲେ, ଯାହାଫଳରେ ପ୍ରସନ୍ନ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ମନୀଷାଙ୍କୁ ଗିରଫ କରିଥିଲା।

# ୩୦୦ ଟଙ୍କା ଉଧାର ନ ଦେବାରୁ ଛୁରାମାଡ଼

ରସୁଲପୁର, ୨୯।୯ (ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ହରିପୁରସ୍ଥିତ ଉମାଦେଇ ପାଟଣା ଗ୍ରାମରେ ରବିବାର ମଧ୍ୟାହ୍ନରେ ଟଙ୍କା ଉଧାର ଦେବାକୁ ନେଇ ଗଣ୍ଡଗୋଳ ହୋଇଛି। ଦାଦାପୁଅ ଭାଇ ୩୦୦ଟଙ୍କା ଉଧାର ନ ଦେବାରୁ ତାଙ୍କୁ ଅଭିଯୁକ୍ତ ଛୁରାମାଡ଼ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଅଭିଯୁକ୍ତ ମହେନ୍ଦ୍ର ସାହୁ(୨୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମହେନ୍ଦ୍ର ସାହୁ ତାଙ୍କ ଦାଦାପୁଅ ଭାଇ ଚନ୍ଦନଙ୍କୁ ୩୦୦ଟଙ୍କା ଉଧାର ମାଗିଥିଲେ। ମହେନ୍ଦ୍ର ନିଶା ସେବନ କରୁଥିବାରୁ ଚନ୍ଦନ ତାଙ୍କୁ ଟଙ୍କା ଦେବାକୁ ମନା କରିଦେଇଥିଲେ। ଏହା ସତ୍ତ୍ୱେ ଅଭିଯୁକ୍ତ ସଂପର୍କୀୟ ଭାଇଙ୍କୁ ଟଙ୍କା ଉଧାର ଦେବାକୁ ବାଧ କରିଥିଲେ। ଏ ସମ୍ପର୍କରେ ଚନ୍ଦନ ଅଭିଯୁକ୍ତଙ୍କ ବାପା ସୁଚିତ୍ରଙ୍କୁ ଜଣାଇଥିଲେ। ଏଥିରେ ମହେନ୍ଦ୍ର ରାଗିଯାଇ ଚନ୍ଦନଙ୍କୁ ଏକ କାଚବୋତଲରେ ଆକ୍ରମଣ କରିବାକୁ ପ୍ରୟାସ କରିଥିଲେ। ଚନ୍ଦନ କୌଶଳକ୍ରମେ ଅଭିଯୁକ୍ତଙ୍କ ହାତରୁ ବୋତଲକୁ ଛଡାଇ ନେଇଥିଲେ। ପରେ ମହେନ୍ଦ୍ର ପାଖରେ ଥିବା ଏକ ଧାରୁଆ ଛୁରିରେ ଚନ୍ଦନଙ୍କ ହାତ ଓ ଜଙ୍ଘକୁ ଆକ୍ରମଣ କରିଥିଲେ। ଫଳରେ ଚନ୍ଦନ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରିବା ପରେ ଚନ୍ଦନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ.୩୮୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଭୁବନେଶ୍ୱରରେ ୩୮, କଟକରେ ୫୯ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର, ୨୯।୯ (ସତ୍ୟଜିତ ରାଉତ)

- ଦୁର୍ଗାପୂଜା ପାଇଁ ପୋଲିସ ପ୍ରସ୍ତୁତି
- ଭୁବନେଶ୍ୱର ୭ ସ୍ଥାନରେ ରାବଣ ପୋଡ଼ି ଉତ୍ସବ

ଦ୍ୱୈତନଗରୀ ଭୁବନେଶ୍ୱର ଓ କଟକରେ ଚଳିତବର୍ଷ ଶାନ୍ତି ଶୃଙ୍ଖଳାର ସହ ସୁରକ୍ଷିତ ଦୁର୍ଗାପୂଜା ଆୟୋଜନ କରିବାକୁ କମିଶନରେଟ୍ ପୋଲିସ ବ୍ୟାପକ ପ୍ରସ୍ତୁତି କରିଛି। ସିସିଟିଭି ଦ୍ୱାରା ତଦାରଖରେ ଦୁଇ ସହରରେ ଦୁର୍ଗାପୂଜା, ରାବଣପୋଡ଼ି ଓ ଭସାଣି ଉତ୍ସବକୁ ସୁରକ୍ଷିତ ଭାବେ ପାଳିବାକୁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ଭୁବନେଶ୍ୱରରେ ୧୯୩ ମେଢ଼ ଓ କଟକରେ ୧୬୦ ମେଢ଼ ହୋଇଛି। ପୂଜା ସ୍ଥଳୀଗୁଡ଼ିକରେ ଜନଗହଳି ଏବଂ ଦୁଇ ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଭୁବନେଶ୍ୱର ୩୮ ପ୍ଲାଟୁନ ଫୋର୍ସ ଓ କଟକରେ ୫୯ ପ୍ଲାଟୁନ ଫୋର୍ସ ବ୍ୟବସ୍ଥା କରାଯାଇଛି। ମେଢ଼ଗୁଡ଼ିକୁ ୩ଟି ଶ୍ରେଣୀଭୁକ୍ତ କରାଯାଇଛି। ଭୁବନେଶ୍ୱରରେ 'ଏ' ଶ୍ରେଣୀରେ ୪୮ ମେଢ଼, 'ବି' ରେ ୭୧ ଓ 'ସି' ରେ ୬୮ ମେଢ଼ ରହିଛି। ସେହିପରି କଟକରେ 'ଏ' ଶ୍ରେଣୀରେ ୬୮ ମେଢ଼, 'ବି' ରେ ୩୭ ଓ 'ସି' ରେ ୫୫ ମେଢ଼ ରହିଛି। ଭୁବନେଶ୍ୱର ସୁରକ୍ଷା ଦାୟିତ୍ୱରେ ୩ଜଣ ଡିସିପି ର୍ୟାଙ୍କ ଅଫିସର ରହିବେ। ଏଥିସହ ୬ଜଣ ଅତିରିକ୍ତ ଡିସିପି, ୧୨ ଏସିପି, ୩୩ଜଣ ଇନ୍ସପେକ୍ଟର, ୧୭୨ ଜଣ ଏସ୍ଆଇ/ଏଏସଆଇ, ୨୦ ପ୍ଲାଟୁନ ହୋମଗାର୍ଡ, ୭୯ ଜଣ ମହିଳା କନ୍ଷ୍ଟେବଲ, ଗୋଟିଏ କମ୍ପାନୀ ସିଏପିଏଫ୍, ଗୋଟିଏ ୟୁନିଟ ସ୍ପେଶାଲ ଟାକ୍ଟିକାଲ୍ ୟୁନିଟ (ଏସ୍‌ଟିୟୁ) ଏବଂ ବୋମା ନିଷ୍କ୍ରିୟକାରୀ ଦଳକୁ ନିୟୋଜିତ କରାଯାଇଛି। କୌଣସି ଜରୁରିକାଳୀନ ସ୍ଥିତି ପାଇଁ ଟ୍ରାଫିକ୍ ଥାନା-୧ରେ ପ୍ରାଥମିକ ଉପଚାର ବ୍ୟବସ୍ଥା ସହ ଏକ ମେଡିକାଲ୍ ୟୁନିଟ କାର୍ଯ୍ୟ କରିବ। ପୋଲିସ କଣ୍ଟ୍ରୋଲ ରୁମ୍‌ରେ ଫଟୋଗ୍ରାଫର/ଭିଡିଓଗ୍ରାଫି ବ୍ୟବସ୍ଥା କରାଯାଇଛି। ସେହିପରି କଟକରେ ୨ଜଣ ଡିସିପିଙ୍କ ଦାୟିତ୍ୱରେ ସୁରକ୍ଷା ପରିଚାଳନା ହେବାକୁ ଥିବାବେଳେ ୧୧ଜଣ ଅତିରିକ୍ତ ଡିସିପି, ୪୮ଏସିପି, ୬୯ ଇନ୍ସପେକ୍ଟର, ୪୭୦ ଏସ୍ଆଇ/ଏଏସ୍ଆଇ, ୧୨୫ ହାବିଲଦାର, ୧୧୩୨ କନ୍ଷ୍ଟେବଲ, ୮୩୧ ହୋମଗାର୍ଡ, ୭୦ ଜଣ ମହିଳା କନ୍ଷ୍ଟେବଲ, ୩ କମ୍ପାନୀ ସିଏପିଏଫ୍, ଗୋଟିଏ ୟୁନିଟ ସ୍ପେଶାଲ ଟାକ୍ଟିକାଲ ୟୁନିଟ ଓ ବୋମା ନିଷ୍କ୍ରିୟକାରୀ ଦଳ ବ୍ୟବସ୍ଥା କରାଯାଇଛି। ଭିଡ଼ ବେଳେ କମିଶନରେଟ ପୋଲିସ ପକ୍ଷରୁ ଛୋଟ ଛୋଟ ଟିମ୍ ସାଦା ପୋଷାକରେ ଘୂରିବୁଲିବେ। ବିଶେଷ କରି ଭୁବନେଶ୍ୱରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଲୁଟ, ଚୋରି ଓ ଅସାମାଜିକ ତତ୍ତ୍ୱଙ୍କ ଉପରେ ନଜର ରଖିବା ସହ ଆଇନ ଶୃଙ୍ଖଳା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଭୁବନେଶ୍ୱରରେ ୨୪ ସୁନା, ରୁପା ଓ ମୁକ୍ତା ମେଢ଼ ହୋଇଥିବାବେଳେ ୭ଟି ସ୍ଥାନରେ ମୀନାବଜାର, ୭ଟି ସ୍ଥାନରେ ରାବଣ ପୋଡ଼ି ଏବଂ ୫ଟି ସ୍ଥାନରେ ଭଷାଣି ଉତ୍ସବ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

# ଦଶହରା ପାଇଁ ବୈଠକ ବେଳେ ଆକ୍ରମଣ

ନୟାଗଡ଼, ୨୯।୯ (ଲୋକନାଥ ମିଶ୍ର)

- ଠେଙ୍ଗା, ଗୋଇଠା ମାଡ଼ରେ ଭାଜପା ନେତା ଗୁରୁତର
- ଇଟାମାଟିରେ ଉତ୍ତେଜନା, ଜେଲ ଗଲେ ୨



ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଖଟିଆସାହି ନାରାୟଣୀ ମନ୍ଦିରରେ ରବିବାର ରାତିରେ ଦଶହରା ପର୍ବ ଉପଲକ୍ଷେ ପ୍ରସ୍ତୁତି ବୈଠକ ଚାଲିଥିଲା। ଏହି ସମୟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଇଟାମାଟି ଜୋନ୍ ଭାଜପା ମଣ୍ଡଳ ସଭାପତି ତଥା ଇଟାମାଟି ତେଲୀସାହିର ବିଷ୍ଣୁ ପ୍ରସାଦ ସାହୁ (୩୮)ଙ୍କୁ ମାରପିଟ୍ କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଆକ୍ରମଣ ପରେ ଇଟାମାଟିରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମ୍ୟ ବିବାଦ ଧୀରେ ଧୀରେ ଗୋଷ୍ଠୀ ସଂଘର୍ଷର ରୂପ ନେବାକୁ ଯାଉଥିବାବେଳେ ଆକ୍ରମଣକାରୀ ଗୋଷ୍ଠୀ ମାରପିଟ୍ କରି ପଳାଇ ଯାଇଥିଲେ। ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଅନ୍ୟପକ୍ଷେ ମାରପିଟ୍ ଘଟଣାରେ ପୋଲିସ ଗଉଡ଼ସାହିର ରାଜେଶ ବେହେରା ଓ ଜଗନ୍ନାଥସାହିର ଶ୍ରୀଧର ସାହୁଙ୍କୁ ଗିରଫ କରି ସୋମବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ନୟାଗଡ଼ ଜିଲ୍ଲା ଜେଲକୁ ପଠାଇ ଦିଆଯାଇଛି।

ଆହତ ବିଷ୍ଣୁଙ୍କ ଭାଇ ବିଭୂତି ଭୂଷଣ ସାହୁଙ୍କ ଅଭିଯୋଗ କ୍ରମେ ପରମାନନ୍ଦ ବେହେରା, ବିଶ୍ୱଜିତ ଯାଦବ, ନଣ୍ଡା ବେହେରା, କିରଣ କୁମାର ବେହେରା, ରାମଚନ୍ଦ୍ର ସାହୁ, ଜିତେନ୍ଦ୍ର ବେହେରା, ବୀରେନ୍ଦ୍ର ନାୟକ, ଚନ୍ଦନ ଦାସ, କାଳିଆ ବେହେରା ଓ ଶ୍ରୀଧର ସାହୁ ପ୍ରମୁଖ ୧୦ ଜଣଙ୍କ ସମେତ ଆଉ କେତେ ଲୋକଙ୍କ ନାଁରେ ନଂ.୩୫୯/୨୫ରେ ମାମଲା ହୋଇଛି। ପୋଲିସକୁ ଦେଖି ଭୟରେ ଡେଇଁପଡି ଜିତୁ ବେହେରା ଆହତ ହୋଇଛନ୍ତି।

ଅଭିଯୋଗ ଅନୁସାରେ ଇଟାମାଟି ଥାନା ଖଟିଆସାହିସ୍ଥିତ ନାରାୟଣୀ ମନ୍ଦିର ପରିସରରେ ରବିବାର ରାତି ପ୍ରାୟ ୮ଟାରେ ଦଶହରା ପର୍ବ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ବସିଥିଲା। ବୈଠକ ଚାଲୁ ଥିବାବେଳେ ପରମାନନ୍ଦ ବେହେରା, ବିଶ୍ୱଜିତ ଯାଦବ, ନଣ୍ଡା ବେହେରା, ଖଟିଆସାହିର କିରଣ କୁମାର ବେହେରା, ଜଗତିପାଟଣାର ରାମଚନ୍ଦ୍ର ସାହୁ ଓ ଜିତେନ୍ଦ୍ର ବେହେରା, ପ୍ରଧାନସାହିର ବୀରେନ୍ଦ୍ର ନାୟକ, ଗଉଡ଼ସାହିର ଚନ୍ଦନ ଦାସ ଓ କାଳିଆ ବେହେରା, ଜଗନ୍ନାଥସାହିର ଶ୍ରୀଧର ସାହୁ ପ୍ରମୁଖ କେତେକ ସହଯୋଗୀଙ୍କ ସହାୟତାରେ ଠେଙ୍ଗା, ଖଣ୍ଡା ଓ ବନ୍ଧୁକ ଧରି ସଭାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବିଷ୍ଣୁ ଓ ଅନ୍ୟମାନେ ଏହାର ପ୍ରତିବାଦ କରିଥିଲେ ହେଁ ସେଠାରୁ ବିଷ୍ଣୁଙ୍କୁ ଉଠାଇ ନେଇ ବିଧା ଓ ଗୋଇଠାମାରି ମାରପିଟ୍ କରିଥିଲେ। ବିଷ୍ଣୁ ପାଟି କରିବାରୁ ସଭାରୁ କେତେକ ଲୋକ ଉଠି ଆସିବାରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ।

ଏନେଇ ଇଟାମାଟିର କେତେକ ଲୋକଙ୍କ ସୂଚନା ଅନୁସାରେ ଗୋଟିଏ ରାଜନୈତିକ ଗୋଷ୍ଠୀର ଲୋକ ଟାର୍ଗେଟ କରି ବିଷ୍ଣୁଙ୍କୁ ଆକ୍ରମଣ କରିଥିଲେ। ବିଷ୍ଣୁ ଭାଜପା ନେତା ଥିବାରୁ ତାଙ୍କ ପତିଆରାକୁ କ୍ଷୁଣ୍ଣ କରିବାକୁ ଗୋଟିଚାଳନା କରାଯାଇଥିଲା। ତେବେ ଏ ନେଇ ବିଷ୍ଣୁ ଜାଣି ପାରି ନ ଥିଲେ। ଇଟାମାଟି ଆଇଆଇସି ପ୍ରିୟବ୍ରତ ରାଉତ କୁହନ୍ତି, ରବିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଇଟାମାଟି ମନ୍ଦିରରେ ସଭା ଚାଲିଥିବା ବେଳେ ବିଷ୍ଣୁଙ୍କୁ ମିଳିତ ଭାବେ ଆକ୍ରମଣ କରାଯାଇଥିଲା।

# ସୋର ଥାନାଧିକାରୀଙ୍କୁ ମାଡ଼ମାରି ୪ ଗିରଫ

ସୋର, ୨୯।୯ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲ୍ଲା ସୋର ଥାନାଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ ପରେ ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଣ୍ଡାସାହି ଗ୍ରାମର ଚନ୍ଦନ ଧଡ଼ା, ପ୍ରମୋଦ ଧଡ଼ା, ଦୀନବନ୍ଧୁ କାହାଳି ଏବଂ ଶିବ ବେହେରା। ଏନେଇ ଥାନାରେ ଏକ ମାମଲା(ନଂ.୭୯୧/୨୫) ରୁଜୁ ହୋଇଛି। ପ୍ରତିବାଦରେ ସ୍ଥାନୀୟ ଲୋକେ ଥାନା ଗେଟ୍ ସମ୍ମୁଖରେ ପହଞ୍ଚି ହୋହଲ୍ଲା କରିଥିଲେ। ସୂଚନା ଅନୁଯାୟୀ, ରବିବାର ଏସିଆ କପ୍ ଫାଇନାଲ ମ୍ୟାଚ ଚାଲିଥିବା ବେଳେ କୋର୍ଟ ନିକଟ ତାରିଣୀ ମନ୍ଦିର ସମ୍ମୁଖରେ ରାସ୍ତା ଅବରୋଧ କରି କେତେଜଣ ଯୁବକ ଏଲ୍ଇଡି ସ୍କ୍ରିନ୍ ଲଗାଇ ମ୍ୟାଚ ଦେଖୁଥିଲେ। ଏହି ସମୟରେ ସୋର ଥାନାଧିକାରୀ ସୁଦୀପ୍ତ କୁମାର ସାହୁ ପାଟ୍ରୋଲିଂ କରୁଥିବା ବେଳେ ସେଠାରେ ପହଞ୍ଚି ରାସ୍ତା ଅବରୋଧ କରିଥିବା ସମ୍ପୃକ୍ତ ଯୁବକମାନଙ୍କୁ ପଚାରିଥିଲେ। ଥାନାଧିକାରୀ ନିଜ ମୋବାଇଲରେ ଘଟଣାର ରେକର୍ଡିଂ କରିଥିଲେ। ଏହି ସମୟରେ ଜଣେ ଯୁବକ ତାଙ୍କ ମୋବାଇଲକୁ ଆଣି ଥାନାଧିକାରୀଙ୍କ ମୁହଁ ନିକଟରେ ଦେଖାଇବାରୁ ଥାନାଧିକାରୀ ସାହୁ ତାଙ୍କ ହାତକୁ ଠେଲି ଦେବା ଫଳରେ ଯୁବକଙ୍କ ହାତରୁ ମୋବାଇଲଟି ଖସି ପଡ଼ିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକ ଜଣଙ୍କ ଥାନାଧିକାରୀଙ୍କୁ ମାଡ଼ ମାରିବା ପରେ ଉପସ୍ଥିତ ଥିବା ଅନ୍ୟ ଯୁବକମାନେ ମଧ୍ୟ ଥାନାଧିକାରୀ ଏବଂ ଏଏସ୍ଆଇ ସମୀର ବେହେରାଙ୍କୁ ଆକ୍ରମଣ କରିଥିଲେ। ପରେ ପୋଲିସ ଆକ୍ରମଣକାରୀ ଯୁବକମାନଙ୍କୁ ବିଳମ୍ବିତ ରାତିରେ ଥାନାକୁ ଉଠାଇ ଆଣିଥିଲା।

## ବଡ଼ଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଘଟଣା

# ଜଙ୍ଗଲରୁ ଅଭିଯୁକ୍ତଙ୍କୁ ଧରିଲା ପୋଲିସ



ବଉଣ୍ଡା, ୨୯।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ବ୍ରାହ୍ମଣୀପାଲି ଗ୍ରାମରେ ରବିବାର ସନ୍ଧ୍ୟାରେ ବଡ଼ ଭାଇ କଛି ପ୍ରଧାନଙ୍କୁ ହତ୍ୟା କରିଥିବା ସାନ ଭାଇ ହଜାରି ପ୍ରଧାନଙ୍କୁ ରବିବାର ରାତିରେ ନିକଟସ୍ଥ ଜଙ୍ଗଲରୁ ପୋଲିସ ଗିରଫ କରିଛି। ଏଥିସହ ନମ୍ବର ୨୮୭/୨୫ରେ ତାଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ହଜାରି ଅବିବାହିତ ଥିବାବେଳେ କଛି ତାଙ୍କୁ ବିବାହ କରାଇ ଦେଉ ନ ଥିଲେ। ତାଙ୍କ ପୈତୃକ ସମ୍ପତିକୁ ଏକଲା ହଡ଼ପ କରିବା ପାଇ ଯୋଜନା କରୁଥିବାବେଳେ କୌଣସି ଭାଗ ମଧ୍ୟ ଦେଉ ନ ଥିଲେ। ଏ ନେଇ ଅନେକ ସମୟରେ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ରବିବାର ସନ୍ଧ୍ୟାରେ ପୈତୃକ ସମ୍ପତ୍ତି ଭାଗ ପାଇଁ ହଜାରି କଛିଙ୍କୁ କହିଥିଲେ। ହେଲେ କଛି ତାଙ୍କୁ ମନା କରିବା ସହ ହଜାରୀଙ୍କୁ ଏକ ଚାପୁଡ଼ା ମାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ହଜାରି ଘରେ ଥିବା ଏକ ଟାଙ୍ଗିଆ ଆଣି କଛିଙ୍କୁ ହାଣି ପକାଇ ଫେରାର ହୋଇଯାଇଥିଲେ।

# ୨୮ ପେଟି କଫ ଶିରପ ଜବତ

## ମା', ପୁଅ ଗିରଫ

ପବିତ୍ରନଗର, ୨୯।୯ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲ୍ଲା ଏନ୍‌ଟିପିସି ଥାନା ପିଟିଏସ୍ ଫାଟକ ପାଖ ଗଦାଶିଳା ଛକରେ ଥିବା ଏକ ସ୍ନାକ୍ସ ଦୋକାନରେ ପୋଲିସ ଚଢ଼ାଉ କରି ୨୮ ପେଟି କଫ୍ ଶିରପ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ମା' ମୀନା ବାରିକ(୫୦) ଓ ପୁଅ ଶିପୁନ ବାରିକ(୩୦)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ଘର ସମଲ ଥାନା ବାରୁଆଁ ଗ୍ରାମରେ ହୋଇଥିବା ବେଳେ ଗଦାଶିଳା ଗାଁ ଛକରେ ଦୀର୍ଘ ବର୍ଷ ହେଲା ରହିଆସୁଛନ୍ତି। ଏହି କଫ୍ ଶିରପ ସହ ସେମାନଙ୍କ ଠାରୁ ଏକ ଭ୍ୟାନ୍, ବାଇକ୍, ମାବାଇଲ ଫୋନ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଶିପୁନ ନାମରେ ପୂର୍ବରୁ ବେଆଇନ


ଜବତ ହୋଇଥିବା କଫ୍ ଶିରପ।

କଫ୍ ଶିରପ ବିକ୍ରି କରିବା ନେଇ ମାମଲା ରହିଥିଲା ବୋଲି ଆଇଆଇସି ସନ୍ତୋଷ କୁମାର ସେଠୀ ପ୍ରକାଶ କରିଛନ୍ତି।

**OFFICE OF THE**
**DIVISIONAL FOREST OFFICER, ATHMALLIK FOREST DIVISION**
AT/PO : ATHMALLIK, DIST : ANGUL-759125
E-mail : dfoathmallikt@gmail.com Mob : 9437004236
Tender Notice No. 4506/2025 Date : 26.09.2025
**No.MM- : Short Tender Notice for Construction of Staff Barrack at Madhapur Range Office Campus under Madhapur Range of Athmallik Forest Division.** Sealed Tender is hereby invited by the undersigned on behalf of the Governor of Odisha, invites Tender for following works from the eligible contractor as detail below.
1. **Name of the work : Construction of Staff Barrack at Range Office Campus under Madhapur Range of Athmallik**

| Sl. No. | Name of Work | Tender Notice No. | Estimated Cost |
|---|---|---|---|
| 1 | **Construction of Staff Barrack at Madhapur Range Office Campus under Madhapur Range of Athmallik Forest Division** | **4506** | **17.75 Lakh** |

2. Commecement of download RFP document on website : www.odishaforest.in Dt.27.09.2025 Time : 11.00 A.M.
3. **Last Date of bid submission** (by messenger/courier/post) : Dt.10.10.2025 Time : 01.00 P.M. Office of the Divisional Forest Officer, Athmallik Division, PO/PS - Athmallik, Pin-759125, Dist. : Angul.
4. **Date of General & Technical and Financial Bid opening :** Dt.10.10.2025 Time : 04.00 P.M. Office of the Divisional Forest Officer, Athmallik Division, PO/PS - Athmallik, Pin - 759125, Dist - Angul.

Sd./- Divisional Forest Officer,
Athmallik Division
OIPR-08125/11/0020/2526

No.MM-
**FOREST DEPARTMENT**
**OFFICE OF THE DIVISIONAL FOREST OFFICER, BARIPADA FOREST DIVISION**
e-mail : dfo.baripada@odisha.gov.in
Government of Odisha "e" Procurement Notice
**Bid Identification No. : DFO-BPD-05/2025-26**
1. Number of works : **1** (One number of work)
2. Approximate estimated cost : **17.02 lakh**
3. Period of Completion : **90 (Ninety)** days
4. Date & Time of availability of bid documents in the portal : **Dt.03.10.2025 to 15.10.2025**
5. Last Date / Time of receipt of bid in the portal : **Dt.15.10.2025 up to 5.00 P.M.**
6. Date of Opening of bid : **Dt.16.10.2025 at 11.00 A.M.**
7. Name & address of the Office inviting bid : **O/o the Divisional Forest Officer, Baripada Forest Division, Baripada, Mayurbhanj, PIN-757001**

Further details can be seen from the e-procurement portal http://www.tendersodisha.gov.in
Sd./- Divisional Forest Officer
Baripada Forest Division
OIPR-08065/11/0015/2526

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, BOUDH**
GOVERNMENT OF ODISHA e-Procurement Notice
Bid Identification No. 08/BMID/2025-2026
E-mail ID : bmidbdh@gmail.com
No.A-681 Letter No.1422 / Date.25.09.2025

| | | |
|---|---|---|
| 01 | Name of work | Construction of Putakheta-II Check Dam near village Putakheta of Baragaon GP in Kantamal Block of Boudh District for the year 2025-26 |
| 02 | Numbers of Work | 01 (One) No. |
| 03 | Tender Amount | Rs.48.91 Lakh. |
| 04 | Class of Contractor | "B" |
| 05 | Tender paper Cost (Online) | Rs.6000/- |
| 06 | Period of Completion | 06 (Six) Calendar Months |
| 07 | Availability of Bid Document | From 06.10.2025 at 10.00 A.M. to 18.10.2025 up-to 05.00 P.M. in website (www.tendersorissa.gov.in) |
| 08 | Last date & Time of receipt of Bid | 18.10.2025 up-to 05.00 P.M. through online |
| 09 | Date of opening of Bid Documents | 20.10.2025 at 11.00 A.M. in the office of the SE, M.I. Division, Boudh |
| 10 | Date of Lottery | 24.10.2025 |
| 11 | Digital Signature Certificate of Bidder | The bidder must process compatible Digital Signature Certificate (DSC) |
| 12 | Name and address of the OIT | Superintending Engineer, M.I. Division, Boudh At/P.O. : Malisahi, District : Boudh, PIN-762014 |

Further details can be seen from the Government of Odisha Web-site : www.tendersorissa.gov.in
Sd./- Superintending Engineer
M.I. Division, Boudh
OIPR-32279/11/0021/2526

See Career Appointment on every Wednesday & Saturday

No.A-679
**GOVT. OF ODISHA**
**OFFICE OF THE SUPERINTENDING ENGINEER**
**MAHANADI BARRAGE DIVISION, CUTTACK**
Phone No. 0671-2440118
Email : eembarragedivnctc@gmail.com
'e'-procurement Notice No. - 13(MBD 55 to 61) / 2025-26

| | | |
|---|---|---|
| 1. | Name of work | **"FCRE, 3054 Road & Headworks"** |
| 2. | Total No. of works | **7 (Seven) Nos. of works** |
| 3. | Tender Cost | **15.09 lakhs to 76.09 lakhs** |
| 4 | Mode of Payment of EMD (Bid Security) & Bid Cost | The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha **WDOM No.17254/W dtd.05.12.2017 as mentioned in DTCN.** |
| 5. | Period of completion | **03 to 06 (Three to Six) Calendar Months** |
| 6. | Other details as follows | |
| (i) | Procurement Officer | **Superintending Engineer,** Mahanadi Barrage Division, Cuttack. |
| (ii) | Availability of Tender online for Bidding | **26.09.2025 from 10.00 A.M to 10.10.2025 up to 5.00 P.M.** |
| (iii) | Date, Time & Venue of opening of Bid through Online | **Dtd.13.10.2025 - 11.30 A.M.** in the Office of the Superintending Engineer, Mahanadi Barrage Division, Cuttack. |
| (iv) | Date of Transparent Lottery to be Conducted (if required) | **On 24.10.2025 at 11.30 P.M in the office Chamber of the Superintending Engineer, Mahanadi Barrage Division, Gandarpur, Cuttack.** (Bidders shall furnish their present e-mail id, address and Telephone No. for further correspondence) |

Further details can be seen from the Govt. website www.tendersodisha.gov.in.
Sd./- Superintending Engineer,
Mahanadi Barrage Division,
Cuttack
OIPR-32477/11/0026/2526

**OFFICE OF THE PURI MUNICIPALITY, PURI**
No. 9099 Dt. 25.09.2025
**QUOTATION CALL NOTICE BREAKDOWN/TOWING SERVICE UNDER PURI MUNICIPALITY 2025-26**
**No.C-1197** : Sealed quotation is invited from the intending persons/firms/agencies to provide Breakdown/Towing Service under Puri Municipality. The intending persons/agencies are required to visit the website: **www.purimunicipality.nic.in** & **www.puri.nic.in** and download the auction papers along with the terms and conditions between from **26.09.2025 10 A.M. to 08.10.2025 up to 5 P.M.** The quotation must reach the office of the undersigned by registered post/speed post on or **before 08.10.2025** by 5 P.M. and will be opened on **09.10.2025 at 11 A.M.** in presence of the Executive Officer & quotationers or their authorized representatives. Puri Municipality will in no way be responsible for delay in reaching of the quotations.
Sd./- Executive Officer
Puri Municipality, Puri
OIPR-13159/11/0070/2526

# ପ୍ରସିଦ୍ଧ ଲକ୍ଷ୍ମୀପୂଜାର ପ୍ରଚାର ପ୍ରସାର ବିଶ୍ୱସ୍ତରରେ କରାଯିବ

## ଆର୍ଟ୍ ଆଣ୍ଡ୍ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷାଳୟ ଉଦ୍‌ଘାଟିତ

ଢେଙ୍କାନାଳ,୨୯।୯(ରତନ ନାୟାର)



କପିଳାସ ପୁସ୍ତକକୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଏମ୍‌ପି ରୁଦ୍ର ନାରାୟଣ ପାଣି ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ ସହର ନୂଆ ପୋଖରୀ ଭାଗିରଥୀ ସାଗର ଠାରେ ଥିବା ଆର୍ଟ୍ ଆଣ୍ଡ୍ କ୍ରାଫ୍ଟ ସେଣ୍ଟରର ନବ ନିର୍ମିତ ପ୍ରେକ୍ଷାଳୟ ସୋମବାର ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦଘାଟନ କରି କହିଲେ ଯେ, ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜାର ପ୍ରଚାର ପ୍ରସାର ବିଶ୍ୱସ୍ତରରେ କରାଯିବ । ଐତିହ୍ୟ, ପରମ୍ପରା, ଭାଇଚାରା, ସଂସ୍କୃତିର ବାର୍ତ୍ତା ବହନ କରୁଥିବା ଢେଙ୍କାନାଳର ଲକ୍ଷ୍ମୀପୂଜା କେବଳ ରାଜ୍ୟ କାହିଁକି ସମଗ୍ର ଦେଶରେ ମଧ୍ୟ ନିଜର ଅନନ୍ୟ ପରିଚୟ ସୃଷ୍ଟି କରିଛି । ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟର ପରିସରରେ ଥିବା ପ୍ରେକ୍ଷାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ପକ୍ଷରୁ ଦାବି ହୋଇ ଆସୁଥିଲା । ଏହା ଆଜି ଉଦଘାଟିତ ହୋଇ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଜିଲାର ସବୁଠୁ ବଡ ପ୍ରେକ୍ଷାଳୟ ଏହା ହେବ । ଅନ୍ୟପଟରେ ଢେଙ୍କାନାଳବାସୀଙ୍କ ବହୁ ଦିନର ପ୍ରତୀକ୍ଷାର ଅନ୍ତ ହୋଇଛି । ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ ରାଜ୍ୟ ସରକାର ମାନ୍ୟତା ପ୍ରଦାନ କରି ଅନୁଦାନ ମଞ୍ଜୁର କରିଛନ୍ତି । ଏହି ଦୁଇଟି ଢେଙ୍କାନାଳବାସୀଙ୍କ ପାଇଁ ଖୁସିର ଖବର। ଆଗକୁ ବିକାଶର ଧାରା ଜାରି ରହିବ । ଢେଙ୍କାନାଳରେ ମେଡିକାଲ କଲେଜ ପାଇଁ ଜାଗା ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେଲାଣି ମୁଖ୍ୟମନ୍ତ୍ରୀ ଆସି ଏହାର ଭୂମୀ ପୂଜନ କରିବେ । ୧୦୦ଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ରହିବେ । ଲୋକମାନଙ୍କୁ ଆଉ କଟକ, ଭୁବନେଶ୍ୱର ଯିବାକୁ ପଡିବନି । ରାଜ୍ୟ ସରକାରଙ୍କ ପ୍ରସ୍ତାବିତ କ୍ୟାପିଟାଲ ରିଙ୍ଗ୍‌ରୋଡ୍ ଢେଙ୍କାନାଳ ଜିଲା ଦେଇ ଯିବା ୬ ଟିକିଆ ରାସ୍ତା ହେବ । ସେହିପରି ଢେଙ୍କାନାଳ ସହର ଚତୁଃପାର୍ଶ୍ୱରେ ରିଙ୍ଗ୍‌ରୋଡ ପାଇଁ ସର୍ଭେ କାର୍ଯ୍ୟ ଚାଲିଛି। ଢେଙ୍କାନାଳକୁ ଆଇନକ୍ସ, ୱାରୀ ଓ କଲ୍ୟାଣୀ ବ୍ୟତିତ ବେଦାନ୍ତର ଏକ ପ୍ରକଳ୍ପ ଆସିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏଥିପାଇଁ ୨୨୦୦ଏକର ଜାଗା ଚିହ୍ନଟ କରାଯିବ । ଗଁଦିଆକୁ ଏନ୍‌ଏସି ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଶ୍ୱ ପ୍ରସିଦ୍ଧ ମହିମାଗାଦୀର ବିକାଶ ପାଇଁ ୧୭୧କୋଟି ଟଙ୍କା ମଞ୍ଜୁର ହୋଇ କାମ ଆରମ୍ଭ ହେଲାଣି। ତେଣୁ ଆଗାମୀ ଦିନରେ ଢେଙ୍କାନାଳର ବିକାଶ ପାଇଁ ସମସ୍ତ ସ୍ତରରେ ପ୍ରୟାସ ଜାରି ରହିବ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ରୁଦ୍ର ନାରାୟଣ ପାଣି କହିଲେ ଯେ, ସରକାରଙ୍କର ଚିନ୍ତା ଭିତରେ ଢେଙ୍କାନାଳର ସର୍ବାଙ୍ଗିନ ବିକାଶ ରହିଛି। ଆଗକୁ ଢେଙ୍କାନାଳ କିପରି ଅଧିକ ପ୍ରଗତି କରିବ, ତାହା ହିଁ ସମସ୍ତଙ୍କର ସଂକଳ୍ପ ହେବ । ଢେଙ୍କାନାଳ ଜିଲାର ବିଭିନ୍ନ ଅଞ୍ଚଳ ଦେଇ ରେଳ ଚଳାଚଳ କରିବା ନିମନ୍ତେ ରେଳବାଇ ମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା ହୋଇଛି ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାପାଳ ଆଶିଷ ଈଶ୍ୱର ପାଟିଲ କହିଲେ ଯେ, ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବକୁ ମହାସମାରୋହରେ ପାଳନ କରାଯିବ । ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ରହିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ମୀ ପୂଜାକୁ ମାନ୍ୟତା ପ୍ରଦାନ କରାଯିବା ସହ ପୂଜା ମଣ୍ଡପକୁ ଅନୁଦାନ ମଞ୍ଜୁର ହୋଇଛିବ ବୋଲି ଜିଲାପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭିନବ ସୋନକର କହିଲେ ଯେ, ଲକ୍ଷ୍ମୀପୂଜା ଉତ୍ସବ ଢେଙ୍କାନାଳର ଏକ ସ୍ୱତନ୍ତ୍ର ପରିଚୟ । ଏହି ଉତ୍ସବକୁ ରାଜ୍ୟ ମାନ୍ୟତା ପ୍ରଦାନ ଏକ ବଡ ପଦକ୍ଷେପ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଶିଷ୍ଟ ଗବେଷକ ଓ ଲେଖକ ପଣ୍ଡିତ ପ୍ରମୋଦ ମିଶ୍ରଙ୍କ ରଚିତ ଏବଂ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସଙ୍କ ଦ୍ୱାରା ପ୍ରକାଶିତ 'କପିଳାସ' ପୁସ୍ତକ ଉନ୍ମୋଚିତ ହୋଇଥିଲା । ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ମାନ୍ୟତାପ୍ରାପ୍ତ ହୋଇଥିବାରୁ ବିଭିନ୍ନ ପୂଜା ପ୍ରତିଷ୍ଠାନ ଓ ସଂଗଠନ ଏବଂ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମିଳିତ ବଜାର ପୂଜା କମିଟି ସମ୍ପାଦକ ପୀତବାସ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସତ୍ୟନାରାୟଣ କର ସଂଯୋଜନା କରିଥିଲେ।

# ସୁରଙ୍ଗନା କଳା ନିକେତନ ପକ୍ଷରୁ ପାର୍ବଣ ଉତ୍ସବ



ଢେଙ୍କାନାଳ,୨୯।୯(ରତନ ନାୟାର)

ଢେଙ୍କାନାଳ ଜିଲା ଲେଖକ ସଂସଦ ଭବନ ସଭାଗୃହରେ ସାଂସ୍କୃତିକ ଅନୁଷ୍ଠାନ ସୁରଙ୍ଗନା କଳା ନିକେତନ ପକ୍ଷରୁ ନବରାତ୍ରି ଉପଲକ୍ଷେ ପାର୍ବଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଉଦଘାଟନ କାର୍ଯ୍ୟକ୍ରମରେ ଜିଲା ଲେଖକ ସଂସଦର ସଭାପତି ବସନ୍ତ ପଟ୍ଟନାୟକ, ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର, ସଂସ୍କୃତ ଶିକ୍ଷୟିତ୍ରୀ ଡ.ଅନୁପମା ମିଶ୍ର, ପ୍ରଜ୍ଞାପ୍ରିୟା ନନ୍ଦ, ଜିତେନ୍ଦ୍ର ବେହେରା, ଅଜୟ କୁମାର ନନ୍ଦ, ପ୍ରମୀତା ହୋତା, ଜ୍ୟୋତି ପ୍ରକାଶ ସାହୁ ଓ ଶିକ୍ଷାବିତ୍ ଶ୍ରୀବତ୍ସ ଗୁରୁଙ୍ଗୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଅପରାହ୍ନରେ ଉଦଯାପନୀ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୌଦାମିନୀ ସାହୁ, ସମ୍ମାନିତ ଅତିଥି ରୂପେ ବ୍ରହ୍ମାକୁମାରୀ ଉଷା ଓ ମୁଖ୍ୟବକ୍ତା ଭାବରେ ଡିଆଇଇଟି ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍ରାଙ୍କନ, ରଙ୍ଗଭରା, ପତ୍ରଲିଖନ ଓ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଶୁ କଳାକାର ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ପ୍ରଦର୍ଶନ ଦ୍ୱାରା ହିଁ ବିଶ୍ୱରେ ଆମ କଳା,ସଂସ୍କୃତି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅତିଥି କଳାକାର ଜ୍ୟୋତି ପ୍ରକାଶ ମହାପାତ୍ର, ପ୍ରମୀତା ହୋତା, ରାଜେନ୍ଦ୍ର ଭଞ୍ଜ ପ୍ରମୁଖଙ୍କ ଦ୍ୱାରା ପାରମ୍ପରିକ ଓ ଆଧୁନିକ ସଙ୍ଗୀତ ପରିବେଷଣ, ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ସଂଚାଳିକା ସୁଶ୍ରୀ ପ୍ରଜ୍ଞା ପ୍ରିୟା ନନ୍ଦ ଓ ସଂଚାଳକ ଜିତେନ୍ଦ୍ର କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଢେଙ୍କାନାଳ,୨୯।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ତରଭା ଫାଣ୍ଡି ନୂଆଗାଁ ଅଞ୍ଚଳରେ ବିଶ୍ୱଜିତ ବେହେରା ନାମକ ଜଣେ ଯୁବକଙ୍କର ରବିବାର ରାତିରେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି । ଘଟଣାରୁ ଜଣାପଡିଛି ଯେ, ଢେଙ୍କାନାଳ ପୌରାଞ୍ଚଳ ସିମିଳିଆ ଅଞ୍ଚଳର ଯୁବକ ବିଶ୍ୱଜିତ୍ ନୂଆଗାଁ ଗ୍ରାମରେ ନିଜର ଜଣେ ସମ୍ପର୍କୀୟଙ୍କୁ ଭେଟିବା ପାଇଁ ଏକ ଧାନ ବିଲ ଦେଇ ଯାଉଥିଲେ । ଧାନ ବିଲରେ ସୋଲାର ବିଦ୍ୟୁତ ତାର ବିଛାଯାଇଥିଲା । ଏହି ତାର ସଂସ୍ପର୍ଷରେ ଆସି ବିଶ୍ୱଜିତ୍ ତଳେ ଖସିପଡିଥିଲେ । ଖବରପାଇ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଯୁବକଙ୍କ ପରିବାର ପକ୍ଷରୁ ତାଙ୍କ ପୁଅକୁ ମାରିଦେବା ପାଇଁ ଯୋଜନା କରାଯାଇଥିଲା ବୋଲି ଥାନାରେ ଅଭିଯୋଗ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ । ଏହି ଅଭିଯୋଗକୁ ଭିତ୍ତିକରି ସଦର ଥାନାରେ କେସ୍ ନଂ. ୮୦୩/୨୫ରେ ଏକ ମାମଲା ରୁଜୁ କରାଯିବା ସହିତ କିଛି ଲୋକଙ୍କୁ ଡାକି ପଚରାଉଚାର ଜାରି ରହିଛି।

# ଥାନାରେ ମାମଲା, ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଫେରାର

## ବିଦ୍ୟାଳୟରେ ଛାତ୍ରୀଙ୍କୁ ଅସଦାଚରଣ

ଢେଙ୍କାନାଳ,୨୯।୯(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଖଡଗପ୍ରସାଦ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟ ପରିସରରେ ୪ର୍ଥ ଓ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ସୋମବାର ଅଭିଯୋଗ ହୋଇଛି। ଅଭିଭାବକମାନେ ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ଅଭିଯୋଗ କରିବା ପରେ ଥାନାରେ କେସ୍ ନଂ. ୩୬୬/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଦେବରାଜ ସାହୁ ଫେରାର ଥିବା ଥାନା ଅଧିକାରୀ ଦୀପକ ଲେଙ୍କାଙ୍କ ସୂତ୍ରରୁ ପ୍ରକାଶ । ଅଭିଯୁକ୍ତ ପ୍ରଧାନ ଶିକ୍ଷକ ୫ମ ଓ ୪ର୍ଥ ଶ୍ରେଣୀର ଦୁଇଜଣ ଲେଖାଏଁ ଛାତ୍ରୀଙ୍କୁ ଦୀର୍ଘଦିନ ହେଲା ଅସଦାଚରଣ କରୁଥିଲେ । ଏଥିରେ ଅତିଷ୍ଠ ହୋଇ ସମ୍ପୃକ୍ତ ଛାତ୍ରୀ ଓ ତାଙ୍କର ଅଭିଭାବକମାନେ ମୋଟଙ୍ଗା ଥାନାକୁ ଯାଇ ଏ ସମ୍ପର୍କରେ ଅଭିଯୋଗ କରିଥିବା ଜଣାପଡିଛି ।

# ଆରଏସ୍‌ଏସ୍ ପକ୍ଷରୁ ଛେଣ୍ଡିପଦାରେ ଶତାବ୍ଦୀ ପାଳିତ

ଛେଣ୍ଡିପଦା,୨୯।୯(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ସଦର ମହକୁମାରେ ଆରଏସ୍‌ଏସ୍ ଛେଣ୍ଡିପଦା ଖଣ୍ଡ ପକ୍ଷରୁ ରବିବାର ବୈଠକ ସହ ଭବ୍ୟ ପଥ ସଞ୍ଚଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକୀ ପୂର୍ତ୍ତି ଅବସରରେ ଏହି ଆୟୋଜନ କରାଯାଇଥିଲା । ପ୍ରାରମ୍ଭରେ ସମସ୍ତ ସ୍ୱୟଂ ସେବକ ସଂଘ କର୍ମକର୍ତ୍ତାଙ୍କ ଦ୍ୱାରା ଛେଣ୍ଡିପଦା ଶିଶୁ ବିଦ୍ୟାମନ୍ଦିରଠାରୁ ଭବ୍ୟ ପଥ ସଞ୍ଚାଳନ କରାଯାଇ ଛେଣ୍ଡିପଦା ବଜାର ମୁଖ୍ୟ ରାସ୍ତାରେ ବୈଠକ କରାଯାଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ସନ୍ତରାବନ୍ଧ ଗ୍ରାମର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଲମ୍ବୋଦର ପ୍ରଧାନ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଅନୁଗୋଳ ଜିଲା ଶାରିରୀକ ପ୍ରମୁଖ ସଞ୍ଜୀବ ସନ୍ତୋଷ ରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସଂଘର ଶହେ ବର୍ଷର ଯାତ୍ରା ବିଷୟରେ ଆଲୋକପାତ କରିଥିଲେ। ଛେଣ୍ଡିପଦା ଖଣ୍ଡର ଖଣ୍ଡ କାର୍ଯ୍ୟବାହ ଜିତେନ୍ଦ୍ର ସାହୁଙ୍କ ପରିଚାଳନାରେ ଛେଣ୍ଡିପଦା ମଣ୍ଡଳର ୯ଟି ପଞ୍ଚାୟତର ସମସ୍ତ ସ୍ୱୟଂ ସେବକ ଓ ଖଣ୍ଡ ସଂଘ ଚାଳକ ଡାକ୍ତର ବିରଞ୍ଚି ନାରାୟଣ ନାୟକ, ଢେଙ୍କାନାଳ ବିଭାଗ ସେବା ପ୍ରମୁଖ ନାରାୟଣ ନାୟକ, ଜିଲା ମୁଖ୍ୟ ମାର୍ଗ ପ୍ରମୁଖ ଜଗନ୍ନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

# କପିଳାସ ତପୋବନ ବାର୍ଷିକ ମେଳା ପାଇଁ ପ୍ରସ୍ତୁତି



ଢେଙ୍କାନାଳ,୨୯।୯(ରତନ ନାୟାର)

ଢେଙ୍କାନାଳ କପିଳାସ ମହିମା ତପୋବନ ଆଶ୍ରମର ବାର୍ଷିକ ତପୋବନ ମେଳା ଅକ୍ଟୋବର ୩୧ ଶୁକ୍ରବାର ଅହୋରାତ୍ର ଅନୁଷ୍ଠିତ ହେବ । ପ୍ରତିବର୍ଷ ସ୍ୱତନ୍ତ୍ର ମେଳା ଆୟୋଜିତ ହେବା ସହ ବାର୍ଷିକ 'ତପୋବନ' ପତ୍ରିକାର ଶୁଭ ଉନ୍ମୋଚନ କରାଯିବ । ଅହୋରାତ୍ର ବ୍ରହ୍ମଧୂନୀ ଓ ଅଖଣ୍ଡ ଜ୍ୟୋତିରେ ଘୃତାହୁତି ଦିଆଯାଇ ଅଖଣ୍ଡ ନାମ ସଂକୀର୍ତ୍ତନ ସହ ଆଗନ୍ତୁକ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଯଜ୍ଞ ଅନୁଷ୍ଠିତ ହେବ। ଏହି ମେଳା ପୂର୍ବରୁ ରାସ୍ତା ମରାମତି, ଝରଣା ପୁନରୁଦ୍ଧାର, ଅସ୍ଥାୟୀ ଆଲୋକୀକରଣ ଓ ପୀଠକୁ ଶ୍ରଦ୍ଧାଳୁଙ୍କ ସୁଗମ ଯାତାୟତ ବ୍ୟବସ୍ଥା କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା । ବିଶେଷକରି ଅନ୍ନଯଜ୍ଞର ସୁବନ୍ଦୋବସ୍ତ ଦିଗରେ ସଭ୍ୟମାନେ ମତାମତ ଉପସ୍ଥାପନ କରିଥିଲେ । ଅନ୍ନ ଯଜ୍ଞର ରନ୍ଧନ, ଯୋଗାଣ ଓ ବିତରଣ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଶନିବାର ଦିନ ମଧ୍ୟାହ୍ନରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ପୀଠର ମୁଖ୍ୟ ତଥା କୌପିନଧାରୀ ମହିମା ସମାଜର ଧର୍ମାଧକ୍ଷ ଶ୍ରୀମଦ୍ ରଘୁନାଥ ବାବା ଅଧକ୍ଷତା କରି ମହିମା ଧର୍ମର ମହାନତା ଉପରେ ମତବ୍ୟକ୍ତ କରିବା ସହ ଶୃଙ୍ଖଳିତ ମେଳା ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ମହିମା ଜ୍ୟୋତିଯାତ୍ରାର ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ, ତପୋବନ ବାର୍ଷିକ ପତ୍ରିକାର ସଂପାଦକ ଭକ୍ତ ପ୍ରଶାନ୍ତ ମହାପାତ୍ର, କରୁଣାକର ବାବା, ଜ୍ଞାନି ବାବା, ବିନୋଦ ବାବା, ସନକ ବାବା, ନିରାକାର ବାବା, ସଦାନନ୍ଦ ବାବା, କନ୍ଦର୍ପ ବାବା, ନିବାରଣ ବାବା, ଭକ୍ତ ଧର୍ମାନନ୍ଦ ପୃଷ୍ଟି, ଚନ୍ଦ୍ରମଣି ସ୍ୱାଇଁ, କୈଳାସ ବେହେରା, ମୁରଲୀଧର ମହାରଣା, ଶିବପ୍ରସାଦ କର ଓ ଦଣ୍ଡ ଦେହୁରୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ଝିଲ୍ଲି ଅନନ୍ତ ଆଶ୍ରମରେ ମା'ଙ୍କ ନବରାତ୍ରି ପୂଜା

ଢେଙ୍କାନାଳ,୨୯।୯(ରତନ ନାୟାର)

ଢେଙ୍କାନାଳ ଗଁଦିଆ ବ୍ଲକ୍ ଝିଲ୍ଲିସ୍ଥିତ ଶ୍ରୀଅନନ୍ତ ଆଶ୍ରମରେ ମା' ଉଗ୍ରତାରାଙ୍କ ନବରାତ୍ରୀ ପୂଜା ଅନୁଷ୍ଠିତ ହେଉଛି । ସତ୍ୟ ଚୈତନ୍ୟ ଜୀ ଆଶ୍ରମର ମୁଖ୍ୟ ପୂଜକ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି । ନବରାତ୍ର ଉପଲକ୍ଷେ ପ୍ରତ୍ୟହ ହୋମ ଓ ଚଣ୍ଡୀପାଠ ଅନୁଷ୍ଠିତ ହେଉଛି । ମା' ଉଗ୍ରତାରାଙ୍କୁ ସ୍ୱତନ୍ତ୍ର ମଣ୍ଡପରେ ବିଜେ କରାଯାଇ ଦୈନନ୍ଦିନ ନବରାତ୍ର ପୂଜା କରାଯାଉଛି। ମା'ଙ୍କ ଦକ୍ଷିଣ ପାର୍ଶ୍ୱରେ ନାଗେଶ୍ୱର ମହାଦେବ, ମଝିରେ ଶୁଭ କଳସ ଓ ବାମ ପାର୍ଶ୍ୱରେ ଦେବୀ ପାର୍ବତୀ ବିଦ୍ୟମାନ ରହିଛନ୍ତି । ପ୍ରତ୍ୟହ ଶତାଧିକ ଲୋକ ମା'ଙ୍କ ଦର୍ଶନ ଲାଭ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି । ଏହି ପୂଜାରେ ଶ୍ରୀ ସତ୍ୟ ଚୈତନ୍ୟ ମିଶ୍ରଙ୍କୁ ଭୂଷଣ୍ଡପୁରର ସଂଗ୍ରାମ କେଶରୀ ଦାସ ଓ ପତ୍ନୀ ସଙ୍ଗୀତା ଦାସ, ଦୀପକ କୁମାର ଦାସ ଓ ପତ୍ନୀ ବର୍ଷା ଦାସ, ପ୍ରମୋଦ ନାୟକ, ମଧୁସୂଦନ ସାହୁ, କାମଦେବ ବେହେରା ଓ ଶିବ ପ୍ରସାଦ କର ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି । ଷଷ୍ଠୀ ପୂଜା ଦିନ ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ମା'ଙ୍କ ଦର୍ଶନ କରିଥିଲେ ।

# ଇନ୍ଦିପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ର ସମାବେଶ

ଢେଙ୍କାନାଳ,୨୯।୯(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଇନ୍ଦିପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ପୂର୍ବ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ବିକାଶ ସମିତି ଓଡିଶା ମଧ୍ୟ ସମ୍ଭାଗର ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଡାପଡା ସଂକୁଳର ପ୍ରମୁଖ ଅଶୋକ କୁମାର ମହାରଣା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶେଷଦେବ ସାହୁ, ସମ୍ପାଦକ ମହେଶ୍ୱର ନାୟକ, ଯୁଗ୍ମ ସମ୍ପାଦକ ନିରଞ୍ଜନ ପୃଷ୍ଟି, ପତ୍ରିକା ଓ ପ୍ରଚାର ପ୍ରସାର ବିଭାଗ ସଭାପତି କାମାକ୍ଷା ପ୍ରସାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମୁଦାୟ ୧୧୦ଜଣ ପୂର୍ବତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଛାତ୍ରୀଛାତ୍ର ମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ ।

# ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

ପାଟଣା,୨୯।୯(ବର୍ କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟରୁ ମାଟିଆ ଗୁନିକୁ ସଂଲଗ୍ନ ସାହାରପଡ଼ା କଲେଜ ସମ୍ମୁଖ ରାସ୍ତାକଡ଼ ବିଲରୁ ଜଣେ ଯୁବକଙ୍କୁ ମୃତଦେହ ଜବତ ହୋଇଛି। ମୃତକ ଠାକୁରମୁଣ୍ଡା ଥାନା ଜର୍ଡ଼ିବିଲର ଜଗନ୍ନାଥ ମହାନ୍ତଙ୍କ ପୁଅ ବିରଞ୍ଚି ନାରାୟଣ ମହାନ୍ତ(୪୦)। ସୂଚନା ଅନୁଯାୟୀ, ବରଞ୍ଚି ଓ ତାଙ୍କ ସ୍ତ୍ରୀ ବର୍ଷାରାଣୀ ଭୁବନେଶ୍ୱରର ଏକ ଫାର୍ମରେ ରହୁଥିଲେ। ବର୍ଷାରାଣୀ ଦଶହରା ପାଇଁ ଆଗୁଆ ଘରକୁ ଚାଲି ଆସିଥିଲେ। ବିରଞ୍ଚି ରବିବାର ବସ ଯୋଗେ ଫେରୁଥିଲେ। ସେ ଠାକୁରମୁଣ୍ଡା ଥାନା କେନ୍ଦୁଜୁଆଣିରେ ଓହ୍ଲାଇବାର ଥିଲା।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଢେଙ୍କାନାଳ,୨୯।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା କାଇମାଟି ଗ୍ରାମରେ ବିବେକାନନ୍ଦ ବେହେରା ନାମକ ଜଣେ ଯୁବକ ରବିବାର ରାତିରେ ନିଜ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଘଟଣା ଜାଣିବା ପରେ ତାଙ୍କ ପରିବାର ଲୋକ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇଥିଲେ । ଏ ସଂକ୍ରାନ୍ତରେ ସଦର ଥାନାରେ କେଶ୍ ନଂ-୭୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

# ଓପିଏସ୍ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ଓଡ଼ାପଡ଼ା, ୨୯।୯ (ରଞ୍ଜିତ ନାୟକ)





ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସହାୟତାରେ ୭ଦିନ ବ୍ୟାପୀ ଅନୁଷ୍ଠିତ ହୋଇଆସୁଥିବା ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ଅଧ୍ୟାପକ ନୀଳକଣ୍ଠ ଦାସ ମୁଖ୍ୟ ଅତିଥି, ଅଧ୍ୟାପକ ତ୍ରିଲୋଚନ ସାହୁ ମୁଖ୍ୟବକ୍ତା ଏବଂ ଅଧ୍ୟାପକ ରବିନାରାୟଣ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସଭାପତି ଡ.ପ୍ରଧାନ 'ଯୁବଶକ୍ତି ହିଁ ସମୃଦ୍ଧ ଦେଶ ଗଠନର ମୂଳ ଉପାଦାନ' ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ଦାସ ସମାଜର ସେବା କରିବା ପାଇଁ ମନରେ ଦୃଢ ଇଚ୍ଛାଶକ୍ତି ଓ ସମର୍ପଣ ଭାବ ରହିବା ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ତ୍ରିଲୋଚନ ସାହୁ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରବିନାରାୟଣ ସାହୁ ସେଚ୍ଛାସେବୀମାନଙ୍କୁ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଅଧକ୍ଷ ସମାଜ ସେବା କରିବା ପାଇଁ ଉତ୍ସାହିତ କରିବା ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ମଙ୍ଗରାଜ ମହାପାତ୍ର ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସେଚ୍ଛାସେବୀ ଅର୍ପିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କିକ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଢେଙ୍କାନାଳକୁ ୫ ପଦକ

## କିକ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଢେଙ୍କାନାଳକୁ ୫ ପଦକ

ଢେଙ୍କାନାଳ,୨୯।୯(ରତନ ନାୟାର)



ହିମାଚଳ ପ୍ରଦେଶର ସୋଲାନ ନାଓନିର ଡ଼. ୱାଇଏସ ପର୍ମାର ୟୁନିଭରର୍ସିଟି ଜିମ୍ନାସିୟମ୍ ହଲ୍‌ରେ ସେପ୍ଟେମ୍ବର ୨୨ ରୁ ୨୬ ୱକୋ ଇଣ୍ଡିଆ ଜୁନିଅର୍ ନ୍ୟାସନାଲ କିକ୍ ବକ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏହି ଚାମ୍ପିୟନଶିପରେ ୱାକୋ ଓଡିଶା ୩୨ଟି ପଦକ ହାସଲ କରିଛି। ସେଥିମଧ୍ୟରୁ ଢ଼େଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନର ଖେଳାଳିମାନେ ୫ଟି ପଦକ ହାସଲ କରିଛନ୍ତି । ଗୋଟିଏ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ହାସଲ କରିଛନ୍ତି। ବାଳିକା ବିଭାଗରେ ରୋଜାଲିନ ସ୍ୱାଇଁ ୬୫ କେଜି କିକ୍‌ଲାଇଟ୍‌ରେ ରୌପ୍ୟ ଏବଂ ପଏଣ୍ଟ ଫାଇଟ୍‌ରେ କାଂସ୍ୟ ପଦକ, ଗାୟତ୍ରୀ ପଟ୍ଟନାୟକ ୫୫କେଜି ଲାଇଟ୍ କଣ୍ଟାକ୍ଟ ଫାଇଟ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ବାଳକ ବିଭାଗରେ ଓମ୍ ପ୍ରସାଦ ଭଞ୍ଜ ୟଙ୍ଗର ଜୁନିଆର ୬୭ କେଜି ଫୁଲ୍ କଂଟାକ୍ଟ ଫାଇଟ ରେ କାଂସ୍ୟ ପଦକ, ଶୁଭଙ୍କର ନାୟକ ଓଲ୍ଡର ଜୁନିଅର୍ ୫୪କେଜି ଫୁଲ୍ କଣ୍ଟାକ୍ଟ ଫାଇଟ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। ମିହିର କୁମାର ସାହୁ ଓଡ଼ିଶା ଟିମ୍ କୋଚ୍ ଭାବରେ ଦାୟିତ୍ୱ ତୁଲାଇଥିଲେ। ଏହି ଚାମ୍ପିଅନଶିପ ପାଇଁ ଦଳର ଖେଳାଳିମାନେ କଠିନ ଅଭ୍ୟାସ କରିଥିଲେ। ଖେଳାଳିମାନେ ଭଲ ପ୍ରଦର୍ଶନ କରି ଜିଲ୍ଲାର ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗିତାରେ ଭାଗ ନେବା ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କ୍ରୀଡା ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ବହନ କରାଯାଇଥିଲା। ଏହି ସଫଳତା ପାଇଁ ଆମେଚର୍ କିକ୍ ବକ୍ସିଂ ଓଡ଼ିଶାର ସଭାପତି କାର୍ତ୍ତିକ ଡାକୁଆ, ସମ୍ପାଦକ ବିଚିତ୍ର ନାରାୟଣ ଜେନା, ଢ଼େଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନର ସମସ୍ତ ସଦସ୍ୟ, କୋଚମାନେ ଖେଳାଳିମାନଙ୍କର ସଫଳତା ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

ଓଡ଼ାପଡ଼ା, ୨୯।୯ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଖଣଡଗପ୍ରସାଦ ଗ୍ରାମର ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଜଣେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଛାତ୍ରୀଙ୍କ ପରିବାର ପକ୍ଷରୁ ମୋଟଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଶିକ୍ଷକ ଜଣଙ୍କ ଘଟଣାର ସମାଧାନ କରିବା ପାଇଁ ଉଦ୍ୟମ କରୁଥିବା ଜଣାପଡିଛି। ଏ ସମ୍ପର୍କରେ ମୋଟଙ୍ଗା ଥାନା ଆଇଆଇସି ଦିପକ କୁମାର ଲେଙ୍କା କହିଛନ୍ତି, ଅଭିଯୋଗ ହୋଇଛି ତା'ର ତଦନ୍ତ ଚାଲିଛି।

# ହାତୀ ଘଉଡ଼ାଇବାକୁ ଚାଷୀଙ୍କ ଦାବି

## ଶଙ୍କରପ୍ରତାପପୁର ଗ୍ରାମରେ ବ୍ୟାପକ ଧାନଫସଲ ନଷ୍ଟ

ଢେଙ୍କାନାଳ,୨୯।୯(ରତନ ନାୟାର)



ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଗଦାଶିଳା ଫରେଷ୍ଟ ସେକ୍ସନ ଶଙ୍କରପ୍ରତାପପୁର ଶାସନ ଅଞ୍ଚଳରେ ହାତୀମାନଙ୍କ ଉପଦ୍ରବରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି । ତେଣୁ ହାତୀମାନଙ୍କୁ ଉକ୍ତ ଅଞ୍ଚଳରୁ ଘଉଡାଇବାକୁ ଚାଷୀମାନଙ୍କ ପକ୍ଷରୁ ଦାବୀ ହୋଇଛି । କିଛିଦିନ ହେବ ରାତି ସମୟରେ ୩ ହାତୀ ଅଞ୍ଚଳର ଧାନ ବିଲ ମାନଙ୍କରେ ପଶି ଏକର ଏକର ଧାନ ଫସଲ ନଷ୍ଟ କରିଛନ୍ତି । ଗ୍ରାମର ସନ୍ତୋଷ କୁମାର ମିଶ୍ରଙ୍କ ସମେତ ଅନ୍ୟ କେତେକ ଚାଷୀଙ୍କର ବ୍ୟାପକ ଧାନଫସଲ ନଷ୍ଟ ହୋଇଛି । ବ୍ୟାପକ ଅର୍ଥରେ ଚାଷୀମାନେ ଧାନ ଚାଷ କରିଥିବା ବେଳେ ହାତୀ ନଷ୍ଟ କରୁଥିବାରୁ କ୍ଷତି ଯୋଗୁ ଚାଷୀମାନେ ମାନସିକ ଚିନ୍ତାରେ ପଡିଯାଇଛନ୍ତି। ବନବିଭାଗ କର୍ମଚାରୀଙ୍କୁ ଖବର ଦେବାପରେ ସେମାନେ ଆସୁଥିଲେ ମଧ୍ୟ କୌଣସି ତତ୍ପରତା ପ୍ରକାଶ କରୁନାହାନ୍ତି। ଫଳରେ ହାତୀମାନଙ୍କ ଉପଦ୍ରବ ଜାରି ରହିଛି । ଚାଷୀମାନେ ସୋଲାର ବାଡ ଦେଇଥିଲେ ମଧ୍ୟ ସୋଲାର ବାଡକୁ ଭାଙ୍ଗି ଧାନ ବିଲରେ ପଶି ନଷ୍ଟ କରୁଛନ୍ତି। ବନବିଭାଗ ପକ୍ଷରୁ ହାତୀମାନଙ୍କୁ ଅନ୍ୟ ଅଞ୍ଚଳକୁ ଘଉଡାବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି । ହାତୀକୁ ଯେପରି ସୁରକ୍ଷା ଦିଆଯାଉଛି, ସେପରି ତତ୍ପର ହୋଇ ଚାଷୀମାନଙ୍କ ଧାନ ଚାଷକୁ ସୁରକ୍ଷା ଦେବାକୁ ଚାଷୀମାନେ ବନିଭାଗ ନିକଟରେ ଦାବି କରିଛନ୍ତି।

# ଐତିହାସିକ କଟକ ବାଲିଯାତ୍ରା: ଉପର ପଡ଼ିଆକୁ ଜିଲା ପ୍ରଶାସନର ସବୁଜ ସଙ୍କେତ, ହାଇକୋର୍ଟଙ୍କୁ ଅପେକ୍ଷା

**କଟକ, ୨୯।୯ (କାର୍ତ୍ତିକ ସାହୁ)**

ଚଳିତବର୍ଷ ଉପର ପଡ଼ିଆରେ ଐତିହାସିକ କଟକ ବାଲିଯାତ୍ରା ହେବ ନାହିଁ ବୋଲି ଜିଲା ପ୍ରଶାସନ ନେଇଥିବା ନିଷ୍ପତ୍ତି ପୁଣି ବଦଳିଛି। ବିଭିନ୍ନ ମହଲରୁ ଚାପ ପଡ଼ିବା ପରେ ସହରର ନେତୃବର୍ଗଙ୍କ ସହ ଆଲୋଚନା କରିଛି ଜିଲା ପ୍ରଶାସନ। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ବୈଠକରେ ଏହାର ନିର୍ଯ୍ୟାସ ବାହାରିଛି। ଫଳରେ ତଳ ଓ ଉପର ଉଭୟ ପଡ଼ିଆରେ ବାଲିଯାତ୍ରା ହେବା ନେଇ ଜିଲା ପ୍ରଶାସନ ସବୁଜ ସଙ୍କେତ ଦେଇଛି। ତେବେ ଏ ନେଇ ଆସନ୍ତା ଅକ୍ଟୋବର ୯ରେ ହେବାକୁଥିବା ଶୁଣାଣିରେ ଜିଲା ପ୍ରଶାସନ ହାଇକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଅବଗତ କରାଇବ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମିଳିବା ଯାଏ ଅପେକ୍ଷା କରିବାକୁ ହେବ ବୋଲି ସ୍ପଷ୍ଟ ହୋଇଛି।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସୂଚନା ଅନୁସାରେ, ବାଲିଯାତ୍ରା ପାଇଁ ଅନ୍ୟୂନ ୩ ମାସ ପୂର୍ବରୁ ପ୍ରସ୍ତୁତି କରାଯାଏ। ଗତବର୍ଷ ବାଲିଯାତ୍ରା ଉପର ପଡ଼ିଆରେ ନ କରିବାକୁ ହାଇକୋର୍ଟ କହିଥିଲେ। ମାତ୍ର ସେତେବେଳେ ତାହା ଅଟକାଇବା ଭଳି ସମୟ ମଧ୍ୟରେ ନ ଥିଲା। ଫଳରେ ଜିଲାପାଳ ହାଇକୋର୍ଟଙ୍କ ସତ୍ୟପାଠ ଦ୍ୱାରା ଆଗାମୀ ବର୍ଷରୁ ଉପର ପଡ଼ିଆରେ ବାଲିଯାତ୍ରା ହେବନାହିଁ ବୋଲି ଜଣାଇଥିଲେ। ତଦନୁସାରେ ଚଳିତବର୍ଷ କେବଳ ତଳପଡ଼ିଆରେ ବାଲିଯାତ୍ରା କରାଯିବାକୁ ଜିଲା ପ୍ରଶାସନ ପ୍ରସ୍ତୁତି ଚଳାଇଛି। ବାଲିଯାତ୍ରା ବ୍ୟବସାୟୀ ସଂଘ ମଧ ପ୍ରଶାସନର ନିଷ୍ପତ୍ତିକୁ ସମର୍ଥନ କରିଛି। ତେବେ ଉପର ପଡ଼ିଆରେ ବାଲିଯାତ୍ରା ଐତିହାସିକ ସ୍ମୃତି ହୋଇଥିବାରୁ ଏଠାରେ ବାଲିଯାତ୍ରା କରାଇବାକୁ ଦାବି ଉଠିଥିଲା। ସମସ୍ତ ପ୍ରସଙ୍ଗକୁ ଦୃଷ୍ଟି ଦେଇ ଉପର ପଡ଼ିଆରେ ବାଲିଯାତ୍ରା କରିବା ନିମନ୍ତେ ପୁଣି ଜିଲା ପ୍ରଶାସନ ସ୍ଥିର କରିଛି। ତେବେ ଏଠାରେ ବାଲିଯାତ୍ରାର ସାଙ୍କେତିକତା ବହନ କରୁଥିବା କେତେକ ଷ୍ଟଲ ସହ ଆଉ କ'ଣ କରାଯାଇପାରିବ ତାହା ଉପରେ ଯୋଜନା ପ୍ରସ୍ତୁତ କରାଯିବ। ଟ୍ରାଫିକ ସମସ୍ୟା, ତଳପଡ଼ିଆ-ଉପରପଡ଼ିଆ ମଧ୍ୟରେ ଯାତାୟାତ ବେଳେ ଅସ୍ୱସ୍ତିକର ପରିସ୍ଥିତିକୁ ଏଡ଼ାଇବା ଭଳି ପଦକ୍ଷେପ ନିଆଯିବ। ସର୍ବୋପରି ପୂରା ଯୋଜନା ଉପରେ ହାଇକୋର୍ଟଙ୍କୁ ଅବଗତ କରାଯିବ। ହାଇକୋର୍ଟ ଏ ନେଇ ଅନୁମତି ଦେଲେ ସିଙ୍ଗଲ ୱିଣ୍ଡୋ ଜରିଆରେ ଉପରପଡ଼ିଆ ପାଇଁ ପ୍ଲଟ ଆବଣ୍ଟନ କରାଯିବ ବୋଲି ଜିଲାପାଳ ସ୍ପଷ୍ଟ କରିଛନ୍ତି। ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ପ୍ରକାଶ ସେଠୀ, ବିଧାୟକ ସୌଭିକ ବିଶ୍ୱାଳ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ରାଜନୈତିକ ନେତୃବୃନ୍ଦ ବୈଠକରେ ଉପସ୍ଥିତ ଥିଲେ।

# ଶବବାହକ ଗାଡ଼ି ଆସିବାରେ ବିଳମ୍ବ, କାନ୍ଧରେ ବୋହିଲେ ମୃତଦେହ

## ପୋଖରୀରେ ବୁଡ଼ି ମୃତ୍ୟୁ ଘଟଣା

**ବାଉଁଶୁଣୀ, ୨୯।୯ (ଦେବାଶିଷ ନେପାକ)**



ସମ୍ପର୍କୀୟମାନେ ମୃତଦେହକୁ କାନ୍ଧରେ ନେଉଛନ୍ତି।

ବୌଦ୍ଧ ବ୍ଲକ ମନମୁଣ୍ଡା ଥାନା କରମାପଦର ଗ୍ରାମରେ ସୋମବାର ମଧ୍ୟାହ୍ନ ୧୨ଟା ୩୦ ମିନିଟ ସମୟରେ ପୋଖରୀରେ ବୁଡି ଜଣଙ୍କର ମୃତ୍ୟୁ ହୋଇଛି। ତେବେ ପୋଲିସ ଏବଂ ଶବ ବାହକ ଗାଡ଼ି ବିଳମ୍ବରେ ପହଞ୍ଚିବାରୁ ବାଉଁଶୁଣୀ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ମୃତକଙ୍କ ସମ୍ପର୍କୀୟମାନେ ମୃତଦେହକୁ କାନ୍ଧରେ ବୋହି ଘରକୁ ନେଉଥିବା ଦେଖିବାକୁ ମିଳିଥିଲା। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ସୋମବାର ସକାଳେ କରମାପଦର ଗ୍ରାମର ଠାକୁର ମେହେର (୫୦) ଗ୍ରାମ ପୋଖରୀରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଘର ମନମୁଣ୍ଡା ଥାନା ଅଞ୍ଚଳରେ ହୋଇଥିବା ବେଳେ ମନମୁଣ୍ଡା ପୋଲିସ ମୃତ୍ୟୁର ୫ ଘଣ୍ଟା ପରେ ମଧ ଡାକ୍ତରଖାନାରେ ପହଞ୍ଚି ନ ଥିଲା। ଅନ୍ୟପକ୍ଷେ ଶବ ବାହକ ଗାଡି ବିଳମ୍ବରେ ଆସିବା ଯୋଗୁ ମୃତକଙ୍କ ପରିବାର ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ସେମାନେ ମୃତଦେହକୁ କାନ୍ଧରେ ବୋହି ଘରକୁ ନେଇଯାଉଥିବା ଯାଉଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏ ସମ୍ପର୍କରେ ମନମୁଣ୍ଡା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ଏପର୍ଯ୍ୟନ୍ତ ଆମ ପାଖରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଆମେ ମୃତଦେହକୁ ଅଧବାଟରୁ ଆଣି ବ୍ୟବଚ୍ଛେଦ କରାଇଛୁ। ସେମାନେ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିବା ବିଶ୍ୱାଳ କହିଥିଲେ। ଏ ନେଇ ବାଉଁଶୁଣୀ ଥାନାଧିକାରୀ ସାରଦା ପ୍ରସନ୍ନ ଦାସଙ୍କୁ ପଚାରିବାରୁ ସେ କହିଲେ, ଆମ ପାଖରେ ଲିଖିତ ଅଭିଯୋଗ ହୋଇଥିଲା। ତେବେ ଆମେ ମାମଲା କରିବୁ ନାହିଁ, ଆମ ଶବ ଆମେ ଘରକୁ ନେଇଯିବୁ ବୋଲି ଉଲ୍ଲେଖ ଥିଲା। ଆମେ ମନମୁଣ୍ଡା ଥାନାକୁ ଖବର ଦେଇଛୁ, ସେମାନେ ବୁଝିବେ ବୋଲି ଦାସ କହିଥିଲେ।

## ବାଣ ବିସ୍ଫୋରଣ ଘଟି ଜଣେ ଗୁରୁତର

**ଯୋଗେଶ୍ୱରପୁର, ୨୯।୯ (ରଶ୍ମି ରଞ୍ଜନ ସାହୁ)**

ନୟାହାଟ ଅଞ୍ଚଳରେ ବିନା ଲାଇସେନ୍ସରେ ବାଣ ତିଆରି ହେଉଥିବା ବେଳେ ବାଣ ବିସ୍ଫୋରଣ ଘଟି ସୁଧୀର ଦାସ ନାମକ ଜଣେ ବ୍ୟକ୍ତି ଆହତ ହୋଇ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର ପାଞ୍ଚେଣା ଗ୍ରାମରେ ସୁଧୀର ଦାସ ନାମକ ଜଣେ ବ୍ୟକ୍ତି ତାଙ୍କ ଛାତ ଉପରେ ବାଣ ତିଆରି କରୁଥିବା ବେଳେ ବିସ୍ଫୋରଣ ଘଟି ଗୁରୁତର ହୋଇଛନ୍ତି। ଗୋପ ଓ ନୟାହାଟ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ବାଣ ବିସ୍ଫୋରଣ ହୋଇନି, ସେ ପଡ଼ିକି ମୁଣ୍ଡ ଫାଟିଯାଇଛି। ସେ ବାଣ ତିଆରି କରନ୍ତି, ତାଙ୍କର କେତେଜଣ ବିରୋଧୀ ଲୋକ ଅପପ୍ରଚାର କରୁଥିବା ମଲ୍ଲିକ କହିଛନ୍ତି।

# ସୁସ୍ଥ ହୃଦୟ ପାଇଁ ପହଁରିବା, ସାଇକେଲ ଚଳାଇବା, ଚାଲିବା ଦରକାର

## ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପକ୍ଷରୁ ୱାକାଥନ

**ଭୁବନେଶ୍ୱର, ୨୯।୯ (ଅନୁରାଧା ମହାରଣା)**




ବିଶ୍ୱ ହୃତପିଣ୍ଡ ଦିବସରେ ସୋମବାର ହାଇଟେକ୍ କ୍ୟାମ୍ପସ୍‌ରୁ ବାହାରିଥିବା ସଚେତନତା ପଦଯାତ୍ରା।

ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପକ୍ଷରୁ ସୋମବାର ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ୱାକାଥନ୍ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ପଦଯାତ୍ରା ହାଇଟେକ୍ କ୍ୟାମ୍ପସ୍‌ରୁ ବାହାରି ଜିଜିପି କଲୋନି ପର୍ଯ୍ୟନ୍ତ ଯାଇଥିଲା। ୱାକାଥନରେ ହୃଦ୍‌ରୋଗ ବିଭାଗର ଡା. ରିତେଶ ଆଚାର୍ଯ୍ୟ ଏବଂ ସିଟିଭିଏସ୍ ଡ. ଶ୍ୱେତାଙ୍କ ଦାସ ଯୋଗଦେଇ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ପହଁରିବା ସହ ସାଇକେଲ ଚଳାଇବା ଏବଂ ଦିନକୁ ଅତି କମ୍‌ରେ ୩୦ ମିନିଟ ପର୍ଯ୍ୟନ୍ତ ଚାଲିବା ଉପରେ ଗୁରୁତ୍ୱ ଦେବା ଦରକାର ବୋଲି କହିଥିଲେ। ଏଥିରେ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ସିଓଓ ଜ୍ୟୋତିର୍ମୟ ପଣ୍ଡା, ବିଦ୍ୟାର୍ଥୀ ଏବଂ କର୍ମଚାରୀମାନେ ସାମିଲ ହୋଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଯୋଗଦେଇ ଜନସାଧାରଣ ନୀରୋଗ ରହିବା ନିମନ୍ତେ ସଦାସର୍ବଦା ପୋଷଣ ଯୁକ୍ତ ଖାଦ୍ୟ ଖାଇବା ସହ ଆବଶ୍ୟକ ବ୍ୟାୟାମ କରି ସୁସ୍ଥ ଜୀବନ ଅତିବାହିତ କରିବା ପାଇଁ ଆହ୍ୱାନ ଦେଇଥିଲେ।

**IN THE COURT OF SRI S.K.DEO, ESTATE OFFICER UNDER THE PUBLIC PREMISES (EVICTION OF UNAUTHORISED OCCUPANTS) ACT, 1971, TOWN SERVICES BUILDING, SECTOR-2, ROURKELA-6.**
**P.P.Case No-300001/2020**

**FORM C**

**Notice under sub-section (1) of Section 6 of the Public Premises (Eviction of Unauthorised Occupants) Act, 1971**

Steel Authority of India Limited,
Rourkela Steel Plant,
Rourkela. ..........Applicant Company

-Vrs-

The General Secretary,
Adarsha Pathagara (Bhanja Bhawan),
Sector 5, P.S. Sector 7, P.O. Rourkela – 2,
Dist.: Sundargarh. ..........Opp. party

Whereas on 12.09.2025 you were evicted from the public premises described in the Schedule below which was unauthorisedly occupied by you;

Now further to the notice dated 15.09.2025, and in exercise of the powers conferred on me by sub-section (1) of Section 6 of the Act, I hereby give you notice that after fourteen days of publication of this notice in this newspaper, the property (materials) remaining on the said premises will be liable to be removed or disposed of by public auction or to be acquired by the Applicant Company to realize arrears of rent/damages/ costs due from the Opp. Party. In case you desire to take possession of your property (materials) and to remove the same from the said premises, you will be permitted to do so on written authority from the undersigned provided the arrears of rent/damages/ costs due from you are paid within the said period of fourteen days. The detailed seizure list has been sent to you by speed post to your last known postal address. Nevertheless, if you desire, you can collect the seizure list as well as arrears of rent/damages/costs due from you from office of the undersigned within the stipulated period.

**Schedule**

In the District of Sundargarh, Sub Division and Munsif: Panposh at Uditnagar in the Industrial Township of Adarsha Pathagara(Bhanja Bhawan), Sector-5, P.S. Sector-7, P.O. Rourkela-2, Dist.: Sundargarh with fittings and fixtures and along with electrical installations.

Date: 27.09.2025

Sd/- Signature and seal of the Estate Officer

## ଖେଳ ଖବର

# ଜାତୀୟ ଜୁ-ଜିତସୁ ପାଇଁ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଖେଳାଳିମାନେ ଅତିଥିଙ୍କ ସହ।

**ଭୁବନେଶ୍ୱର, ୨୯।୯ (ତପନ ସ୍ୱାଇଁ)**

ଅକ୍ଟୋବର ୯ରୁ ୧୨ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ଜୁ- ଜିତସୁ ପ୍ରତିଯୋଗିତା ନିମନ୍ତେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଗତ ରାଜ୍ୟ ପ୍ରତିଯୋଗିତାରୁ ବିବେଚିତ ହୋଇଥିବା ୪୨ ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କୁ କୋଚ ମୋହିତ ଚାୱାଲା ଏହି ଶିବିରରେ ପ୍ରଶିକ୍ଷଣ ଦେବେ। ଉତ୍କଳ କରାଟେ ସ୍କୁଲରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ବିଜେତା ପ୍ରଶିକ୍ଷଣ ନେବେ। ଆସନ୍ତା ଜାତୀୟ ପ୍ରତିଯୋଗିତାରେ ଅଧିକରୁ ଅଧିକ ପଦକ ଲାଭ କରିବା ନିମନ୍ତେ ଓଡ଼ିଶା ଜୁ- ଜିତସୁ ଆସୋସିଏଶନ ଦ୍ୱାରା ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଛି ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ଫାଇନାଲ ରାଉଣ୍ଡ ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୨୯।୯ (ତପନ ସ୍ୱାଇଁ)**



ଜାତୀୟ ସିନିୟର ମହିଳା ଫୁଟବଲ ପାଇଁ ମନୋନୀତ ଓଡ଼ିଶା ଦଳ।

ଛତିଶଗଡ଼ର ନରେନପୁରଠାରେ ୩୦ତମ ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହେବ। ରାଜମାତା ଜିଜାବାଈ ଟ୍ରଫି ନାମରେ ପରିଚିତ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ୫ ଅଫିସିଆଲଙ୍କୁ ମିଶାଇ ୨୦ ଜଣିଆ ଦଳ ମଙ୍ଗଳବାର ରାୟପୁର ଯାତ୍ରା କରିବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଗ୍ରୁପ୍ 'ଏ'ରେ ତାମିଲନାଡୁ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଗୋଆ ସହିତ ସ୍ଥାନ ପାଇଛି। ଓଡ଼ିଶା ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇବା ପାଇଁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ବିଭାଗର ଡେପୁଟି ସେକ୍ରେଟେରି ଅମିତ କୁମାର ନାୟକ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୩ରେ ପଶ୍ଚିମବଙ୍ଗ ସହିତ ଖେଳିବ। ପରେ ୫ରେ ଗୋଆ, ୭ରେ ଛତିଶଗଡ଼ ଓ ୯ରେ ତାମିଲନାଡୁ ସହିତ ଖେଳିବ।

**ଓଡ଼ିଶା ଦଳ**

ଗୋଲକିପର: ସସ୍ମିତା ପରିଡ଼ା, ସୁସ୍ମିତା ପୁନ୍, ସାକ୍ରୋ ହେମ୍ବ୍ରମ। ଡିଫେଣ୍ଡର: ଅମୃତା ନାୟକ, ଜୁଲି କିଷାନ (ଉପ-ଅଧିନାୟିକା), ଶିବାନୀ ମୁଣ୍ଡାରୀ, ପ୍ରତିମା ବାଗାଲ, ପ୍ରଜ୍ଞା କିସାନ, ସୁଲେଖା କଅଁର। ମିଡ୍ ଫିଲ୍ଡର: ଶୀଲା ସିଂ, ଈପ୍ସିତା ରାଉତ, ମୁନିକା ମିଞ୍ଜ, ଜାହ୍ନବୀ କିସାନ, ସୁମିତ୍ରା ହେମ୍ବ୍ରମ। ଫରୱାର୍ଡ: ନିବେଦିତା ନାୟକ, ମନୀଷା ନାୟକ, ପ୍ୟାରୀ ଖାଖା (ଅଧିନାୟିକା), ମାଳତୀ ମୁଣ୍ଡା, ସତ୍ୟବତୀ ଖାଡ଼ିଆ, ଯଶୋଦା ମୁଣ୍ଡା। ମୁଖ୍ୟ କୋଚ୍: ଗୀତାଞ୍ଜଳି ଖୁଣ୍ଟିଆ, ସହକାରୀ କୋଚ୍: ଗାୟତ୍ରୀ ମଲିକ, ମ୍ୟାନେଜର: ସରିତା ଜୟନ୍ତି ବେହେରା, ଗୋଲକିପିଂ କୋଚ୍: ରଞ୍ଜିତା ମହାନ୍ତି।

# ଲଳିତ, ରାଜେନ୍ଦ୍ର ଯୁଗ୍ମ ଅଗ୍ରଣୀ





ମ୍ୟାଚ ଅବସରରେ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର (ବାମ)। କର୍ମକର୍ତ୍ତାଙ୍କ ଗହଣରେ ସମ୍ବର୍ଦ୍ଧିତ ଅତିଥିବୃନ୍ଦ।

**ଭୁବନେଶ୍ୱର, ୨୯।୯ (ତପନ ସ୍ୱାଇଁ)**

## ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍

ଏସ. ଆର. ଚେସ୍ ସେଣ୍ଟର ଆନୁକୂଲ୍ୟରେ କଟକ ଫୁଲନଖରାସ୍ଥିତ ଆମ୍ରପଲ୍ଲୀ ରିସର୍ଟରେ ଚାଲିଥିବା ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍ ପ୍ରତିଯୋଗିତାର ୫ମ ଓ ୬ଷ୍ଠ ରାଉଣ୍ଡ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ୬ଷ୍ଠ ରାଉଣ୍ଡ ଶେଷରେ ଲଳିତ ରଞ୍ଜନ ସାହୁ ଓ ରାଜେନ୍ଦ୍ର କୁମାର ସାହୁ ପୂରା ୬ ପଏଣ୍ଟ ଲେଖାଏ ପାଇ ଯୁଗ୍ମ ଅଗ୍ରଣୀଲାଭ କରିଛନ୍ତି। ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଶ୍ରୀହାନ ସାବତ, ଓମ୍ ଆଦିତ୍ୟ ଖାଡେଙ୍ଗା, ଆଦିତ୍ୟ ରଞ୍ଜନ ଦାସ ଓ ସଞ୍ଜୀବନ ନାୟକ ୫.୫ ପଏଣ୍ଟ ସହିତ ମିଳିତଭାବେ ଦ୍ୱିତୀୟରେ ରହିଛନ୍ତି। ପ୍ରତିଯୋଗିତାର ତୃତୀୟ ଦିବସରେ ୫ମ ରାଉଣ୍ଡକୁ ଦାମନଯୋଡ଼ି ନାଲ୍‌କୋର ମହାପ୍ରବନ୍ଧକ ରାଜେଶ ଜି. ଭେନଗୁଲକର ପ୍ରଥମ ଚାଲ୍ ଚଳାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚେସ୍ ପ୍ରଶିକ୍ଷକ ଏସ. ସତ୍ୟକାମ, ସମୀର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ୬ଷ୍ଠ ରାଉଣ୍ଡକୁ ବିଶିଷ୍ଟ କ୍ରୀଡ଼ା ସଙ୍ଗଠକ ତଥା ପୁରୀ ଜିଲା ଚେସ୍ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ପ୍ରଥମ ଚାଲ୍ ଚଳାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରାଜ୍ୟର ଦକ୍ଷ ଚେସ୍ କୋଚ୍ ବିଶ୍ୱଜିତ ରାୟ, ଏଏସ୍‌ବିଏନ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏମ୍‌ଡି ଅଜିତ ଶ୍ରୀଚନ୍ଦନ, ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ସିନିୟର ସ୍ପୋର୍ଟ୍ସ ଜର୍ନାଲିଷ୍ଟ ସୁରେଶ ସ୍ୱାଇଁ, ଡାକ୍ତର ବ୍ରହ୍ମାନନ୍ଦ ଜେନା, ସୁରେନ୍ଦ୍ର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମଣୀ ପ୍ରଧାନ ଓ କିଟ୍‌ର ପ୍ରଫେସର କୁମାର ଦେବଦତ୍ତଙ୍କୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ମଙ୍ଗଳବାର ୪ର୍ଥ ଦିବସରେ ଆଉ ୨ ରାଉଣ୍ଡ ଖେଳ ସହ ସନ୍ଧ୍ୟା ୬ଟାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ସାଙ୍ଗଠନିକ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଶରତ କମଲ ବ୍ରାଣ୍ଡ୍ ଆମ୍ବାସାଡର

**ଭୁବନେଶ୍ୱର, ୨୯।୯ (ତପନ ସ୍ୱାଇଁ)**



ଅକ୍ଟୋବର ୧୧ରୁ ୧୫ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ହେବାକୁ ଥିବା ୨୮ତମ ଏସୀୟ ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍ ପାଇଁ ଭାରତର ଟେବୁଲ୍ ଟେନିସ୍ କିମ୍ବଦନ୍ତୀ ଅଚନ୍ତ ଶରତ କମଲଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର ମନୋନୀତ କରାଯାଇଛି। ୨୨ଟି ଶ୍ରେଷ୍ଠ ଏସୀୟ ଦଳକୁ ନେଇ ହେବାକୁ ଥିବା ଏହି ମହାଦେଶୀୟ ଟୁର୍ନାମେଣ୍ଟ ୨୦୨୬ରେ ଲଣ୍ଡନରେ ହେବାକୁ ଥିବା ବିଶ୍ୱ ଦଳଗତ ଟେବୁଲ ଟେନିସ୍ ଚାମ୍ପିୟନଶିପ୍‌ର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାଭାବେ ପରିଗଣିତ ହେଉଛି। ଶରତ କମଲ ବିଶ୍ୱ କ୍ରୀଡାରେ ଜଣେ ସମ୍ମାନିତ ଚେହେରା ଭାବେ ପରିଗଣିତ ହେବା ସହ ଆଇଟିଟିଏଫର ଆଥଲେଟ୍ସ କମିଶନର ତଥା ସହ- ଅଧ୍ୟକ୍ଷ ଏବଂ ଭାରତୀୟ ଅଲିମ୍ପିକ୍ ଆସୋସିଏଶନର ଆଥଲେଟ୍ସ କମିଶନର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି। ଏହାସହ ସେ ପଦ୍ମଶ୍ରୀ ଏବଂ ଖେଳରତ୍ନ ପୁରସ୍କାର ବିଜେତା ଏବଂ ୧୦ ଥର ଜାତୀୟ ଚାମ୍ପିୟନ୍ ମଧ୍ୟ। "ଭୁବନେଶ୍ୱରରେ ହେବାକୁ ଯାଉଥିବା ଏସୀୟ ଟେବୁଲ ଟେନିସ୍ ଚାମ୍ପିୟନଶିପ୍ ୨୦୨୫ ପାଇଁ ବ୍ରାଣ୍ଡ ଆମ୍ବାସଡର ଭାବରେ ନିଯୁକ୍ତ ହୋଇଥିବାରୁ ମୁଁ କୃତଜ୍ଞ। ଟେବୁଲ ଟେନିସ୍ ମୋ ପାଇଁ ଜୀବନବ୍ୟାପୀ ମୋର ଆଗ୍ରହ ରହିଛି। ଏହା ଏକ ପ୍ରତିଷ୍ଠିତ ପ୍ରତିଯୋଗିତା, ଯାହା ସମଗ୍ର ଏସିଆର ଶ୍ରେଷ୍ଠ ପ୍ରତିଭାଙ୍କୁ ଏକତ୍ର କରିବ। ତେଣୁ ଏହାକୁ ପ୍ରୋତ୍ସାହିତ କରିବା ସୁଯୋଗ ପାଇଥିବାରୁ ମୁଁ ଆନନ୍ଦିତ" ବୋଲି ଶରତ କମଲ ପ୍ରକାଶ କରିଛନ୍ତି। ଭାରତୀୟ ଟେବୁଲ ଟେନିସ୍ ପ୍ରତି ଶରତ କମଲଙ୍କ ଅବଦାନକୁ ଦୃଷ୍ଟିରେ ରଖି ଓଡ଼ିଶା ଟେବୁଲ ଟେନିସ ସଂଘ ତାଙ୍କୁ ଆଗାମୀ ପ୍ରତିଯୋଗିତାର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଥିଲା।

ODISHA

**STATE POLLUTION CONTROL BOARD, ODISHA**
**[DEPARTMENT OF FOREST, ENVIRONMENT AND CLIMATE CHANGE, GOVERNMENT OF ODISHA]**
Parivesh Bhawan, A/118, Nilaknatha Nagar, Bhubaneswar-751012

**APPEAL TO OBSERVE POLLUTION FREE GANESH PUJA, KHUDURUKUNI PUJA, BISWAKARMA PUJA, DURGA PUJA, KALI PUJA, GAJALAXMI PUJA AND SARASWATI PUJA**
VISC(LEM) Proj-64/24-25 No.15151 date : 11.08.2025

**Puja Committees/ Organisers**
- Use natural clay for making of idols instead of baked clay, plaster of paris etc.
- Use water soluble and nontoxic natural dyes for painting of idols instead of toxic non-biodegradable chemical dyes.
- Height of the super structure of the idol shall be limited to 40ft and of the idol shall be limited to 20ft in height.
- Immerse Idols only at the identified immersion sites constructed by the District authorities or Local bodies.
- Remove worship materials like flowers, decorating materials before immersion of idols and to be disposed of in municipal dump site and make sure that they are not burnt near the immersion site.
- Do not use single use plastic or thermocol materials for decoration purpose and Prasad sevan or distribution.

**District Authorities or Local bodies**
- Aware the public regarding water pollution caused by idol immersion.
- Aware the public to purchase eco-friendly idols made up of natural clay and coloured with natural dyes. Identify adequate number of designated immersion sites and inform the Puja Committee authorities well in advance.
- In case of immersion of idols in rivers and lakes, arrangements may be made for construction of temporary confined ponds with earthen bunds and removable synthetic liner for the purpose of immersion of idols. Identify the immersion sites at the points where the flow in stream is naturally available.
- Within 24 hours of the immersion, the left over materials from the immersion site shall be removed for disposal at designated municipal dump site and the supernatant water may be allowed to flow into the river after adding lime to clear the water.

**Individual Households**
- Individual households are encouraged to use only eco-friendly idols made of natural clay and bio-degradable materials as decorative and puja materials.
- Immersion the idols at their homes in eco-friendly manner or immerse the idols in the designated on-land temporary artificial ponds or tanks located nearby or artificial movable tanks arranged by the Local Bodies.
- Do not throw puja left overs tied in polythene bags into the river or any waterbody, rather dispose in designated immersion sites.

**Penal Provision**
- As per the **Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021**, for violation of Rule 3 by idol makers, they may be prohibited from idol making for 2 (two) years by the concerned local bodies; and deposition of the idol manufacturers towards registration fees shall be forfeited by the respective local body in addition to the prohibition of idol making for 2 (two) years.
- Further, violation of Rules 5 and 6 by the Puja Committee Organisers, the concerned local bodies may impose penalty on Puja Committee Organisers as below.
  - in case the Puja Committee is located in the area of Panchayat, Rs. 3,000/-
  - in case the Puja Committee is located in the area of Municipality or Notified Area Councils, Rs. 5,000/-
  - in case the Puja Committee is located in the area of Municipal Corporation, Rs. 7,000/-

**LET US TAKE A PLEDGE TO OBSERVE A POLLUTION FREE PUJA.**

**Sd./- MEMBER SECRETARY**


Note : The Odisha Prevention and Control of Water Pollution (Procedure for Immersion of Idol after Pujas)
Rules, 2021 in this regard can be downloaded from SPCB website.
(Weblink : http://ospcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf)



ଅନୁଗୋଳ ସହର ଦଶହରା ପଡ଼ିଆ ଦୁର୍ଗାଶଙ୍କର ପୂଜା କମିଟିର ମେଢ଼ ।



ଅମଲାପଡ଼ା ପୂଜା କମିଟି ତୋରଣ ।



ହୁଲୁରସିଂହା ଦୁର୍ଗାପୂଜା କମିଟି ମେଢ଼ ।



ଅନୁଗୋଳ ସହର କାଲଟାକ୍ସ ଛକ ଦୁର୍ଗାପୂଜା ତୋରଣ ।



ଅନୁଗୋଳ ରାଣୀଗୋଡ଼ା ପୂଜା କମିଟି ତୋରଣ ।



ହେମସୁରପଡ଼ା ଦୁର୍ଗାପୂଜା ସମିତି ମେଢ଼ । (ଫଟୋ– ବୁବୁ)



ଦୁର୍ଗାପୂଜାକୁ ନଜରରେ ରଖି ଅନୁଗୋଳ ସହରରେ ଏସ୍‌ପିଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ ।




# ମା'କନକଦୁର୍ଗାଙ୍କ ମହାଷ୍ଟମୀ ପୂଜା ସମାପନ

**ଛେଣ୍ଡିପଦା,୨୯।୯(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ତେନ୍ତୁଲୋଇ କୋଡାସାହି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'କନକଦୁର୍ଗାଙ୍କ ବାର୍ଷିକ ମହାଷ୍ଟମୀ ପୂଜା ଓ ଯାତ୍ରା ଗ୍ରାମବାସୀ ଏବଂ ପୂଜା କମିଟି କର୍ମକର୍ତ୍ତାଙ୍କ ପରିଚାଳନାରେ ସମାପନ ହୋଇଛି । ପୂଜକ ଦୁଃଶାସନ ଦେହୁରୀ ଓ ଦିଆଣୀ ବିପିନ ଦେହୁରୀଙ୍କ ଦ୍ୱାରା ପୂଜା ସମ୍ପନ୍ନ ହୋଇଥିଲା । ପ୍ରଥମେ କୋଡାସାହି ଓ ପରେ ଗାଁ ଦାଣ୍ଡରେ ପୂଜା କରାଯାଇ ମା'ଙ୍କୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା । ତେନ୍ତୁଲୋଇ ଗ୍ରାମବାସୀଙ୍କ ସହଯୋଗରେ ଭକ୍ତଙ୍କ ପାଇଁ ପ୍ରସାଦ ଓ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଥଣ୍ଡା ପାନୀୟର ବ୍ୟବସ୍ଥା କରାଯାଇଥିଲା । ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପରିବାର ସହ ଯାଇ ଦର୍ଶନ କରିଥିଲେ । ସେହିପରି ତେନ୍ତୁଲୋଇ ସରପଞ୍ଚ ପ୍ରିୟଙ୍କା ସାହୁ, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ଅକ୍ଷୟପାଦ ବେହେରା, ଜଗଦୀଶ ସାହୁ, ଗୋପବନ୍ଧୁ ଗଡ଼ନାୟକ ପ୍ରମୁଖ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଗ୍ରାମ ସଭାପତି ଗୁଣ୍ଡିଚା ସାହୁ, ସମ୍ପାଦକ ପ୍ରଶାନ୍ତ ଦେହୁରୀ, ମନ୍ଦିର ସଭାପତି ବାଲୁଙ୍କେଶ୍ୱର ସାହୁ ଓ ୯ ଜଣ ବେହେରାଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

# ବାୟାଣୀଙ୍କ ପୀଠରେ ମହାଷ୍ଟମୀ ପୂଜା

**ଛେଣ୍ଡିପଦା,୨୯।୯(ଅଜିତ୍ ଧଳ)**

ଅନୁଗାଳ ଜିଲା ଛେଣ୍ଡିପଦା ବ୍ଲକର ବାଗଡିଆ, ଛେଣ୍ଡିପଦା ଓ ଜରପଡ଼ା ଆଦି ଅଞ୍ଚଳରେ ମହା ଆଡ଼ମ୍ବରରେ ଦୁର୍ଗାପୂଜା ଆରମ୍ଭ ହୋଇଛି । ସୋମବାର ମଣ୍ଡପଗୁଡିକରେ ସପ୍ତମୀ ପୂଜା ହୋଇଥିବାବେଳେ, ଶକ୍ତିପୀଠରେ ଧୁମଧାମରେ ଅଷ୍ଟମୀ ପୂଜା କରାଯାଉଛି । ପାତ୍ରପଡ଼ାର ଅଧିଷ୍ଠାତ୍ରୀ ଦେବୀ ମା'ବାୟାଣୀଙ୍କ ପୀଠରେ ଷୋଡ଼ଶ ଉପଚାରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିଛି । ପାତ୍ରପଡ଼ା ଗ୍ରାମ ସଭାପତି ଚକ୍ରଧର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପାତ୍ରପଡ଼ା ଗ୍ରାମ ନିକଟ ଦେବୀନଗର ପାହାଡ଼ ପାଦଦେଶରେ ପୂଜା ପାଉଥିବା ମା'



ବାୟାଣୀଙ୍କ ପୀଠରେ ଷୋଡ଼ଶ ଦିନାତ୍ମକ ପୂଜା ପାଳିତ ହେଉଛି । ପୂଜକ ଲିକୁନୁ ଦେହୁରୀ ମା'ଙ୍କ ପୀଠରେ ଷୋଡ଼ଶ ଉପଚାରରେ ପୂଜା ଓ ହୋମଯଜ୍ଞ କରୁଛନ୍ତି । ଖମାର ପାଟଣା ସାହିରୁ ଆସିଥିବା ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ମହାଷ୍ଟମୀ ଅର୍ଦ୍ଧରାତ୍ରୀରେ ମା'ଙ୍କ ସନ୍ଧିପୂଜା ହେବ । ମା' ମହାସ୍ନାନ ପରେ ମହାଗୌରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ମା'ଙ୍କ ମହାଗୌରୀ ବେଶ ଦର୍ଶନ ପାଇଁ ପୀଠରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଭିଡ଼କୁ ଦୃଷ୍ଟିରେ ରଖି ପାତ୍ରପଡ଼ା ଗ୍ରାମ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ଭକ୍ତଙ୍କ ନିମନ୍ତେ ଅଷ୍ଟମୀ ପୂଜା କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ମା'ଙ୍କ ଏହି ପୂଜାରେ ଗ୍ରାମ ସମ୍ପାଦକ ବିଭୂତି କୁମାର ସାହୁ, ରତ୍ନାକର ପ୍ରଧାନ, ଅଷ୍ଟମୀ ପୂଜା ସଭାପତି ମୋହନ ଚନ୍ଦ୍ର ସାହୁ, ସମ୍ପାଦକ ଅଜିତ କୁମାର ସାହୁଙ୍କ ସମେତ ପାତ୍ରପଡ଼ାର ଯୁବଗୋଷ୍ଠୀ, ଗ୍ରାମ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।





# ଜମିବାଡ଼ି ବିବାଦକୁ ନେଇ ହଣାକଟା, ୬ ଗିରଫ

**ଛେଣ୍ଡିପଦା,୨୯।୯(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ପୋଲିସ ୨ଟି ମାମଲା ରୁଜୁ କରିବା ସହ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ସନ୍ତରାବନ୍ଧ ଗାଁର ଦୁର୍ଲଭ ବେହେରା, କଷ୍ଟୁ ବେହେରା, ମୁକେଶ ନାଏକ, ନେଙ୍କୁରୀ ନାଏକ, ବିରଞ୍ଚି ବେହେରା, ମନୋଜ କୁମାର ବେହେରା । ପୋଲିସ ସୂତ୍ରରୁ ପ୍ରକାଶ, ସନ୍ତରାବନ୍ଧ ଗ୍ରାମର ମୁକେଶ ଓ ପଡ଼ୋଶୀ କଷ୍ଟୁଙ୍କ ପରିବାର ଭିତରେ ଜମିବାଡ଼ି ବିବାଦ ଲାଗି ରହିଥିଲା । ରବିବାର ରାତିରେ ପୁଣି ଗଣ୍ଡଗୋଳ ହେବାରୁ ମୁକେଶ ଏବଂ କଷ୍ଟୁଙ୍କ ପୁଅ ଆହତ ହୋଇଥିଲେ । ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ କେସ୍ ନଂ.୪୯୪/୨୫ ଓ ୪୯୫/୨୫ରେ ମାମଲା ରୁଜୁକରି ଉଭୟପକ୍ଷର ୬ ଅଭିଯୁକ୍ତଙ୍କୁ ଗିରଫ କରିଛି ।

# ଫସଲ ନଷ୍ଟ କଲେ ହାତୀପଲ



**ବଆଁରପାଳ,୨୯।୯(ସୁବାସ ସାହୁ)**

ଅନୁଗୋଳ ବ୍ଲକ ନୂଆସାହି, କାଙ୍ଗୁଲା ଓ ଗୋପୀନାଥପୁର ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ହାତୀପଲ ପଶି ବ୍ୟାପକ ଫସଲ ନଷ୍ଟ କରିଛନ୍ତି । ବହୁ ଶହ ହେକ୍ଟର ଧାନ ଫସଲ ଦଳାଚକଟା କରି କ୍ଷୟକ୍ଷତି କରିଛନ୍ତି । ସୂଚନା ଅନୁଯାୟୀ, ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ହାତୀପଲ ଜନବସତିମୁହାଁ ହେଉଛନ୍ତି । ପ୍ରାୟ ୪୦ରୁ ଅଧିକ ହାତୀପଲ ନାଲ୍‌କୋ ସ୍ମେଲ୍ଟର ପ୍ଲାଣ୍ଟ ସୀମା ଅଞ୍ଚଳ ଗୋପୀନାଥପୁର ଓ କାଙ୍ଗୁଲା ଅଞ୍ଚଳକୁ ପ୍ରବେଶ କରିଥିଲେ । ଉକ୍ତ ହାତୀ ପଲ ଅନୁଗୋଳ ରେଞ୍ଜରୁ ଆସି କାଙ୍ଗୁଲା ଗୋପୀନାଥପୁର ଅଞ୍ଚଳ ଆଖପାଖରେ ଉପଦ୍ରବ କରୁଛନ୍ତି । ୧୫ ଦିନ ପୂର୍ବେ ଗୋଟିକିଆ ଗୋଠଛଡ଼ା ଦନ୍ତା ହାତୀଟି ୨ ଥର ଆସି ବ୍ୟାପକ ଫସଲ ନଷ୍ଟ କରିଥିଲା । ୪୦ଟିକିଆ ହାତୀ ପଲଙ୍କ ମଧ୍ୟରେ ୨ ରୁ ୩ଟି ଛୁଆ ଥିବାରୁ ହାତୀପଲ ସେଠାରୁ ଯାଉନାହାନ୍ତି । ଖବର ଲେଖାହେବା ସୁଦ୍ଧା ହାତୀପଲ ଗୋପୀନାଥପୁର, ପଦ୍ମପାଦ, ବଡ଼ପଥର, ଠାକୁର ଅଞ୍ଚଳରେ ରହିଛନ୍ତି । ଗୋପୀନାଥପୁର ଗ୍ରାମର ପୁରୁଷୋତ୍ତମ ବିଶ୍ୱାଳ, ପ୍ରକାଶ ଭୋଇ, ସନାତନ ଭୋଇ, ନିରାକାର ସାହୁ, କବି ସାହୁ, ଜାପାନୀ ସାହୁ, ଭିକାରୀ ସାହୁ, ମିଟୁ ସାହୁ, ପୁରିଆ ପ୍ରଧାନ, ତଅପୋଇ ବିଶ୍ୱାଳଙ୍କ ବହୁ ଏକର ଧାନ ଫସଲ ହାତୀପଲ ନଷ୍ଟ କରିଥିବାରୁ ଚାଷୀମାନେ ଚିନ୍ତିତ ଅଛନ୍ତି । ଖବରପାଇ ଘଟଣାସ୍ଥଳରେ ଫରେଷ୍ଟ ଗାର୍ଡ ରହି ହାତୀଙ୍କ ଗତିବିଧି ଲକ୍ଷ୍ୟ ରଖିବା ସହ ସ୍ଥାନୀୟ ଲୋକଙ୍କୁ ହାତୀ ନିକଟକୁ ଯିବାକୁ ବାରଣ କରୁଛନ୍ତି । ହାତୀପଲ ରହିଥିବା ଅଞ୍ଚଳ ଗୋପୀନାଥପୁର, ପଦ୍ମପାଦ, ବଡ଼ପଥର ମଠ ଅଞ୍ଚଳକୁ ସୋଲାର ବାଡ ଦିଆଯାଇଛି । ଏ ନେଇ ମଠ ଭିତରକୁ ଯିବା ପାଇଁ ସତର୍କ ସୂଚନା ଦିଆଯାଇଛି । ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି ।







# ଓଭରଟେକ୍ କରି ଡ୍ରେନ୍‌ରେ ପଶିଗଲା କାର୍



**ବଆଁରପାଳ, ୨୯।୯(ସୁବାସ ସାହୁ)**

ଅନୁଗୋଳ ଜିଲା ବଆଁରପାଳ ବ୍ଲକ କୁଲାଡ଼ ଗ୍ରାମ ରିଲାଏନ୍ସ ସ୍ମାର୍ଟ ପଏଣ୍ଟ ନିକଟରେ ସୋମବାର ଟ୍ରକ୍ ସହ କାର୍ ଧକ୍କା ହେବା ଫଳରେ କାର୍‌ଟି ରାସ୍ତାକଡରେ ଥିବା ଡ୍ରେନ୍‌ରେ ପଶିଯାଇଛି । ସୂଚନା ଅନୁଯାୟୀ, ଟ୍ରକ୍‌ଟି ନାଲ୍‌କୋରୁ ବଆଁରପାଳ ଅଭିମୁଖେ ଯାଉଥିବାବେଳେ ପଛରେ ଆସୁଥିବା କାର୍‌ଟି ଟ୍ରକ୍‌କୁ ଓଭର୍‌ଟେକ କରବାକୁ ଯାଇ ଟ୍ରକ୍ ପଛରେ ପିଟି ହୋଇଥିଲା । ଫଳରେ କାର୍‌ଟି ଛିଟିକି ଯାଇ ରାସ୍ତା କଡରେ ଥିବା ଡ୍ରେନ୍‌ରେ ପଶିଯାଇଥିଲା । ଦୁର୍ଘଟଣା ପରେ ୫୫ ନମ୍ବର ଜାତୀୟ ରାଜପଥରେ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା । ଖବରପାଇ ନାଲ୍‌କୋ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ଉଭୟ ଗାଡ଼ିଚାଳକଙ୍କ କୌଣସି କ୍ଷତି ହୋଇ ନ ଥିବାବେଳେ କାର୍‌ଟି ଭାଙ୍ଗି ଯାଇଥିବା ସୂଚନା ମିଳିଛି ।






# ଅନଧିକୃତ ଦୋକାନ ସିଲ୍ କଲା ପୌରପାଳିକା



## ଦ୍ୱିତୀୟ ଦିନରେ ୧୬,୫୦୦ ଟଙ୍କାର ଜରିମାନା, ବିପୁଳ ପରିମାଣର ସାମଗ୍ରୀ ଜବତ

ଅନୁଗୋଳ,୨୯।୯(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହରରେ ଦୁର୍ଗାପୂଜାକୁ ନେଇ ଯେତିକି ଭିଡ଼ ବଢ଼ିବାରେ ଲାଗିଛି, ଜବରଦଖଲକାରୀଙ୍କ ଉପରେ ପୌରପାଳିକା ସେତିକି କାର୍ଯ୍ୟାନୁଷ୍ଠାନ ନେଉଛି। ସୋମବାର ଅନୁଗୋଳ ସହର ମଧ୍ୟରେ ଦୁର୍ଗାପୂଜା ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପୂଜା ବଜାରରେ ବୁଲିବାକୁ ଆସିଥିବା ଲୋକମାନେ ବିଭିନ୍ନ ଦୋକାନରୁ ଜିନିଷପତ୍ର କିଣାକିଣି କରୁଛନ୍ତି। ଫଳରେ ଗହଳି ସହ ବେପାରକୁ ଅଧିକ କରିବା ପାଇଁ କେତେଜଣ ବ୍ୟବସାୟୀ ରାସ୍ତା ଉପରେ ଜିନିଷ ରଖି ବେପାର କରୁଥିଲେ। ଫଳରେ ଟ୍ରାଫିକ ସମସ୍ୟା ଦେଖାଦେଉଥିଲା। ପୌରପାଳିକା ପକ୍ଷରୁ ପୂର୍ବରୁ ମଧ ଏହିସବୁ ସ୍ଥାନଗୁଡ଼ିକରେ ଦୋକାନୀମାନଙ୍କୁ ସଚେତନ କରାଯାଇଥିଲା। ବାରମ୍ବାର ତାଗିଦ୍ ପରେ କେତେଜଣ ବ୍ୟବସାୟୀ ଚେତି ନ ଥିବାରୁ ପୁଣି ଥରେ ବଜାର ଛକରେ ଚଢ଼ାଉ କରାଯାଇ ପୌରପାଳିକା ପକ୍ଷରୁ ବିପୁଳ ପରିମାଣର ସାମଗ୍ରୀ ଜବତ କରାଯାଇଛି। ୧୬,୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଜଣେ ବ୍ୟବସାୟୀ ସୁପର ମାର୍କେଟ ଶିଡି ତଳେ ଅନାଧିକୃତ ଭାବେ ଦୋକାନ କରି ବ୍ୟବସାୟ କରୁଥିବା ବେଳେ ତାହାକୁ ସିଲ୍ କରାଯାଇଥିବା ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ସୂଚନା ଦେଇଛନ୍ତି।

# ସମାଜ ସେବାରେ ଅଗ୍ରସର ହେବାକୁ ପରାମର୍ଶ

ଛେଣ୍ଡିପଦା,୨୯।୯(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟ ପରିସରରେ ଶନିବାର ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଧର୍ମରାଜ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଯୋଜନାର ଗୁରୁତ୍ୱ ଏବଂ 'ନଟ୍ ମି ବଟ୍ ୟୁ' ସୂତ୍ରର ମହତ୍ତ୍ୱ ବ୍ୟାଖ୍ୟା କରି ଏନ୍‌ଏସ୍‌ଏସ୍ ସେବକଙ୍କୁ ସମାଜ ସେବାରେ ଅଗ୍ରସର ହେବାକୁ ପ୍ରେରିତ କରିଥିଲେ। ଏହି ଅବସରରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏନ୍‌ଏସ୍‌ଏସ୍‌ର ଯୋଜନା ଅଧିକାରୀ ତଥା ବାଣିଜ୍ୟ ବିଭାଗ ମୁଖ୍ୟ ମନସ୍ୱିନୀ ଦାସ ସଭା ପରିଚାଳନା କରିଥିଲେ। ବିନ୍ଦୁବାସିନୀ ଗଡ଼ନାୟକ ଏବଂ ଅଧ୍ୟାପକ ଡ.ମନୋଜ କୁମାର ବେହେରା ସମାଜ ସେବାରେ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ବନ୍ଧରେ ଜଣାଇଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଦୁର୍ଗାପୂଜା ପାଇଁ ଗାଁ ଚଳଚଞ୍ଚଳ



ବଇଣ୍ଡା ହାଇସ୍କୁଲ ରୋଡଠାରେ ହୋଇଥିବା ଦୁର୍ଗାମେଢ଼।



ମଧପୁରରେ ହୋଇଥିବା ମା'ଙ୍କ ମେଢ଼।

ବଇଣ୍ଡା, ୨୯।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲ ରୋଡ୍, ଡେବେରାପାଲି, ବାମୁର, ମଧପୁର, ଠାକୁରଗଡ଼ ଥାନା ସାନହୁଲା, ଠାକୁରଗଡ଼ ଆଦି ଅଞ୍ଚଳରେ ସୋମବାର ଠାରୁ ଦୁର୍ଗାପୂଜା ଆରମ୍ଭ ହୋଇଛି। ରବିବାର କଳସଯାତ୍ରା ପରେ ସୋମବାର ସକାଳେ ପୂଜା ଆରମ୍ଭ ହୋଇଥିଲା। ରଙ୍ଗବେରଙ୍ଗ ଆଲୋକମାଳା ସାଙ୍ଗକୁ ଚୁମ୍ବକୀୟ ଲାଇଟ ଯୋଗୁ ପୂଜା ମଣ୍ଡପଗୁଡ଼ିକ ଝଲସି ଉଠିଛି। ପୂଜକ ପ୍ରକାଶ ମିଶ୍ର ପୂଜା କାର୍ଯ୍ୟ କରୁଥିବାବେଳେ ଶ୍ରଦ୍ଧାଳୁଙ୍କ ମନରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୂଜା କମିଟିର ଅଲେଖ ରାଉ୍ଳ, ଜନ୍ମେଞ୍ଜୟ ସାହୁ, ସୁରଥ ପଣ୍ଡା, ରୁଦ୍ର କୁମାର ପ୍ରଧାନ, କୁବେର ଚନ୍ଦ୍ର ପ୍ରଧାନ, ସୁଶୀଳ ପ୍ରଧାନ, ରାଜେଶ ମିଶ୍ର, ବିକାଶ ବେହେରା, ଗିରିଶ ବେହେରା, ଲମ୍ବୋଦର ପାତ୍ରଙ୍କ ସହ କମିଟିର କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି।

# ଚରିତ୍ର ଗଠନ, ସଂସ୍କୃତି ରକ୍ଷାକୁ ଗୁରୁତ୍ୱ

ଆଠମଲ୍ଲିକ,୨୯।୯( ଉଦୀପ୍ତ ପୁରୋହିତ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଏକଶତ ବର୍ଷ ପୂର୍ତ୍ତି ଓ ବିଜୟା ଦଶମୀ ଉତ୍ସବ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆର୍‌ଏସ୍‌ଏସ୍ ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ତଥା ମୁଖ୍ୟ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ନେତୃତ୍ୱରେ ସଂଘର ସ୍ୱୟଂସେବକ ଏକତ୍ରିତ ହୋଇ ସହର ପରିକ୍ରମା କରି ସ୍ଥାନୀୟ ଖେଳ ପଡ଼ିଆରେ ପହଞ୍ଚିଥିଲେ। ଶିକ୍ଷକ ଦେହୁରୀଙ୍କ ମାର୍ଗଦର୍ଶନରେ ଶାରୀରିକ ପ୍ରଦର୍ଶନୀ ହୋଇଥିଲା। ପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ ଯୋଗଦେଇ ଆର୍‌ଏସ୍‌ଏସ୍ ସର୍ବଦା ନାଗରିକ ଚରିତ୍ର ଗଠନକୁ ଗୁରୁତ୍ୱ ଦେଇ ଭାରତୀୟ ସଂସ୍କୃତିକୁ ରକ୍ଷା କରିବା ସହିତ ରାଷ୍ଟ୍ରଭକ୍ତି ରାଷ୍ଟ୍ରୀୟ ଚେତନାକୁ ଜାଗ୍ରତ ପାଇଁ କାର୍ଯ୍ୟକରି ଆସୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସର ସଂଘ ଚାଳକ ସୁଧୀର କୁମାର ମିଶ୍ର, ଆଠମଲ୍ଲିକ ସଂଘ ଚାଳକ ଅଜିତ କୁମାର ମେଣ୍ଡୁଲି, ଢେଙ୍କାନାଳ କାର୍ଯ୍ୟବାହ ଚନ୍ଦ୍ରଶେଖର ବେହେରା ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଠନ ହେଲା ଦିନଠାରୁ ବିଶ୍ୱ କଲ୍ୟାଣରେ କାର୍ଯ୍ୟକରି ଆସୁଛି ବୋଲି ପ୍ରକାଶ କରିଥିଲେ। ସଭାରେ ବିଭିନ୍ନ କ୍ଷେତ୍ରରୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। କାର୍ଯ୍ୟବାହ ଗୋବିନ୍ଦ ଆର୍ଡି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

# ସ୍ୱଚ୍ଛତା ଉପରେ ଶପଥ ଗ୍ରହଣ



ବଇଣ୍ଡା, ୨୯।୯ (ପରିକ୍ଷିତ ସାହୁ)

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ) ଅନୁଗୋଳ ଆଞ୍ଚଳିକ କେନ୍ଦ୍ର ତରଫରୁ କିଶୋରନଗରର ବ୍ଲକ ଲୁହାମୁଣ୍ଡା ଗ୍ରାମର ବନ୍ଧସାହି ଓ ଗୁଣ୍ଡପଡ଼ାରେ ମହିଳାମାନଙ୍କୁ ନେଇ ସ୍ୱଚ୍ଛତା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଇଗ୍ନୁର ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ଡ. ଅଭିଳାଷ ନାୟକ ଓ ଉପ ନିର୍ଦ୍ଦେଶକ ଡ. ବିଜୟ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଉତ୍ତମ ପରିମଳ ଓ ପରିବେଶ ଅଭାବରୁ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା, ଆର୍ଥିକ ଓ ସାମାଜିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ନେଇ ସ୍ୱଚ୍ଛତା ଉପରେ ଶପଥ ଗ୍ରହଣ କରାଯାଇଥିଲା। ଗ୍ରାମବାସୀଙ୍କୁ ନେଇ ଏକ ହସ୍ତ ସଫେଇ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ସରପଞ୍ଚ ତିଳୋତ୍ତମା ନାୟକ, ୱାର୍ଡ ସଭ୍ୟା ବିନୀତ ବେହେରା, ବିଶ୍ୱ ଯୁବକେନ୍ଦ୍ର କର୍ମୀ ଜ୍ୟୋତିସ୍ମିତା ପ୍ରଧାନ ଓ ଅଭିଷେକ ମହାପାତ୍ର ସହଯୋଗ କରିଥିଲେ।

# ଶଶାଙ୍କଙ୍କୁ ଶୁଭେଚ୍ଛା ଜଣାଇଲା ଭାଜପା

ତାଳଚେର,୨୯।୯ (ମନୋଜ ନନ୍ଦ)

ତାଳଚେର ବ୍ଲକ କର୍ଣ୍ଣିକି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁଧାକର ସାମଲଙ୍କ ପୁଅ ଶଶାଙ୍କ ଶେଖର ସାମଲ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୧୫୧ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହାକୁ ନେଇ ତାଳଚେର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏହି ସଫଳତା ସହ ତାଳଚେର ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଦେଇଛି ଭାଜପା। ଶନିବାର ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜଗଦୀଶ ମିଶ୍ର, ଲିପୁନ କାଞ୍ଜି, ସୁଶାନ୍ତ ମହାନ୍ତି, ପାଣ୍ଡବ ମହାନ୍ତି, ସୁଧାକର ଗୁଞ୍ଜ, ସନ୍ତୋଷ କାଞ୍ଜି, ମାନସ ମହାରଣାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ।



# ବିସ୍ଥାପିତଙ୍କ ଥଇଥାନ, କ୍ଷତିପୂରଣ ସମୀକ୍ଷା

ପାଲଲହଡ଼ା,୨୯।୯(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ରେଙ୍ଗାଳି ଜଳଭଣ୍ଡାର ବହୁମୁଖୀ ଯୋଜନାରେ ବିସ୍ଥାପିତଙ୍କୁ ଥଇଥାନ ଓ କ୍ଷତିପୂରଣ ପ୍ରଦାନ ନେଇ ଅନୁଗୋଳ ଜିଲା ପାଲଲହଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲାପାଳ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ଦେବଗଡ଼ ଜିଲା ରିଆମାଳ ତହସିଲଦାର, ପାଲଲହଡ଼ା ଅତିରିକ୍ତ ତହସିଲଦାର, ଯାଜପୁର ଜିଲା ସୁକିନ୍ଦା ତହସିଲଦାର, କଣିହାଁ ତହସିଲଦାର ଓ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଶରତ କୁମାର ବାଗଙ୍କ ସମେତ ରେଙ୍ଗାଳି ଜୋନ୍ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ୧୯୭୩ ମସିହାରେ ରେଙ୍ଗାଳି ଜଳଭଣ୍ଡାର ବହୁମୁଖୀ ଯୋଜନା ଆରମ୍ଭ ହୋଇଥିଲା। ଏଥିରେ ପାଲଲହଡ଼ା, ଦେବଗଡ଼ ଓ ତାଳଚେରର ସମୁଦାୟ ୨୪୬ ଗାଁର ଗ୍ରାମବାସୀ ବିସ୍ଥାପିତ ହୋଇଥିଲେ। ପ୍ରାୟ ୫୨ ବର୍ଷ ପରେ ମଧ୍ୟ ସେମାନଙ୍କୁ ଥଇଥାନ କରାଯାଇ ନାହିଁ କିମ୍ବା ସମସ୍ତ ବିସ୍ଥାପିତଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଇ ନାହିଁ। ଏ ନେଇ ବିସ୍ଥାପିତ ପ୍ରଜା ସଂଗ୍ରାମ ସମିତି ପକ୍ଷରୁ ଦାବି ସହ ବହୁବାର ଆନ୍ଦୋଳନ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଥଇଥାନ କରିବା ପାଇଁ ସର୍ଭେ କାମ ଆରମ୍ଭ ହୋଇଥିବା ସମୀକ୍ଷା ବୈଠକରେ କୁହାଯାଇଛି। ପ୍ରାୟ ଏକ ମାସ ମଧ୍ୟରେ ସର୍ଭେ କାମ ଶେଷ ହେବ। ଏହାପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ।

# ସେବାପକ୍ଷ ଉପଲକ୍ଷେ ରକ୍ତଦାନ ଶିବିର



ଛେଣ୍ଡିପଦା,୨୯।୯(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ମଣ୍ଡଳ ପକ୍ଷରୁ କତଡ଼ା ଗୁରୁଣ୍ଡୁଗୋପାଳ ଉଚ୍ଚ ବିଦ୍ୟାଳୟଠାରେ ସେବାପକ୍ଷ ପାଳନ ଅବସରରେ ଭାଜପା ତରଫରୁ ଏକ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅନ୍ୟତମ ଅତିଥିଭାବେ ଅନୁଗୋଳ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ଉପସଭାପତି ଚୌଧୁରୀ ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦୀପ ଗଡ଼ନାୟକ, ସଂଯୋଜକ ଗୋପବନ୍ଧୁ ଗଡ଼ନାୟକ, ଅନୁଗୋଳ ଜିଲା ଆଇଟିସେଲ୍ ସଂଯୋଜକ ଅକ୍ଷୟପାଦ ବେହେରା, ଜରପଡ଼ା ମଣ୍ଡଳ ସଭାପତି ଜୀବନ ସାହୁ, ଓଗୀ ସରପଞ୍ଚ ସୁବୋଧ ପ୍ରଧାନ, ବରିଷ୍ଠ ନେତା କହ୍ନେଇ ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ଅପର୍ଣ୍ଣା ସାହୁ, ପ୍ରମୋଦ ବେହେରା, ପ୍ରତାପ ସାହୁ, ସୁଜିତ ସାହୁ, ଦିଲୀପ ପ୍ରଧାନ, ଜିତେନ୍ଦ୍ର ସାହୁ, ଝାରୁ ସାହୁ, କବିରାଜ ସାହୁ, ଦୁର୍ଯ୍ୟୋଧନ ସାହୁ, ଜିତେନ୍ଦ୍ର ପ୍ରଧାନ, ମନୁ ସାହୁ, ଶତ୍ରୁଘ୍ନ ସାହୁ, ସୁଶାନ୍ତ ସାହୁ, ନିର୍ମଳ ପ୍ରଧାନ, ସଂଗ୍ରାମ ପ୍ରଧାନ, ମନୋଜ ବେହେରା ଓ ଭାଜପା କାର୍ଯ୍ୟକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ ।

# ଘରୁ ଚିତି ସାପ ଉଦ୍ଧାର

ବଇଣ୍ଡା, ୨୯।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମର ବାସନ୍ତୀ ରାଉତଙ୍କ ଠାକୁର ଘରୁ ସୋମବାର ଏକ ଚିତି ସାପ ଉଦ୍ଧାର କରାଯାଇଛି । ବାହାରୁ ସାପଟି ଘର ଭିତରକୁ ପଶୁଥିବା ଦେଖି ବାସନ୍ତୀ ଘଉଡ଼ାଇବାରୁ ଠାକୁର ଘରକୁ ପଳାଇ ଯାଇଥିଲା। ପରେ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

# ୪୨ ୟୁନିଟ୍ ରକ୍ତ ସଂଗ୍ରହ

ସନ୍ନିଛକ,୨୯।୯(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଁଅରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଅଧିକାରୀ ଡା. ଶଙ୍କର୍ଷଣ ଗାହଣ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତରଙ୍କ ସମେତ ଅଧିକାରୀଙ୍କ ସହଯୋଗରେ ୪୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।



# ଦୁର୍ଘଟଣାରେ ଜେଜ, ନାତି ଗୁରୁତର

ବଁଅରପାଳ,୨୯।୯(ସୁବାସ ସାହୁ)

ଅନୁଗୋଳ ଜିଲା ବଁଅରପାଳ ଥାନା ଅଞ୍ଚଳ ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର ଗୋତମରା ଓଭରବ୍ରିଜ୍ ଠାରେ ସୋମବାର ଏକ ଟାଟାଏସିଇ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍‌ରେ ଥିବା ଜେଜ ଓ ନାତି ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଚାଇଁପାଳ ଖୋଲୁଆ ଗ୍ରାମର ପ୍ରହ୍ଲାଦ ଗୋଚ୍ଛାୟତ ଓ ବଜରଙ୍ଗୀ ଗୋଚ୍ଛାୟତ(୯)। ସୂଚନା ଅନୁଯାୟୀ, ପ୍ରହଲାଦ ନାତିକୁ ନେଇ ବଁଅରପାଳ ଅଭିମୁଖେ ବାଇକ୍‌ରେ ଯାଉଥିବାବେଳେ ଟାଟାଏସିଇ ସହ ମୁହାମୁହିଁ ଧକ୍କା ହୋଇଥିଲା। ଖବରପାଇ ପୋଲିସ ଗୁରୁତରଙ୍କୁ ଉଦ୍ଧାର କରି ବଁଅରପାଳ ସିଏଚ୍‌ସିରେ ଭର୍ତ୍ତି କରିଥିବାବେଳେ ସେଠାରୁ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା।

# ଅନନ୍ତ ଡିଏଭିରେ ସ୍ୱଚ୍ଛତା ଦିବସ




ତାଳଚେର,୨୯।୯ (ମନୋଜ ନନ୍ଦ)

ମହାନଦୀ କୋଲ ଫିଲ୍ଡ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତବିହାର ଦ୍ୱାରା ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ସ୍ୱଚ୍ଛତାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଛାତ୍ରୀଛାତ୍ର ସ୍କୁଲ ନିକଟସ୍ଥ ଅନନ୍ତ କଲୋନୀ ପରିକ୍ରମା ସହିତ ସ୍ୱଚ୍ଛତା ସମ୍ପର୍କିତ ପ୍ଲା କାର୍ଡ ଧରି ସଚେତନାତ୍ମକ ନାରା ଦେଇଥିଲେ। ବିଦ୍ୟାଳୟ ଚତୁଃପାର୍ଶ୍ୱକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ନଗର ଭାଜପାର ସଫେଇ କାର୍ଯ୍ୟକ୍ରମ



ଆଠମଲ୍ଲିକ,୨୯।୯(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଜଗନ୍ନାଥ ମନ୍ଦିର ପରିସରରେ ନଗର ଭାଜପା ପକ୍ଷରୁ ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟାୟଙ୍କ ଜନ୍ମ ବାର୍ଷିକୀ ପାଳନ ସହିତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ କାର୍ଯ୍ୟକ୍ରମରେ ନଗରମଣ୍ଡଳ ସଭାପତି ଶୈଳବାଳା ଅମାନ୍ତ, ନଗର ସମ୍ପାଦକ ତଥା ଯୁବନେତା ପିନା ପାଣିଗ୍ରାହୀ, ଜିଲା ଉପସଭାପତି ଅର୍ଜ୍ଜୁନ ସାହୁ, କାର୍ଯ୍ୟକର୍ତ୍ତା ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଅନି କୁମାର ପ୍ରଧାନ, ସୁଶୀଲ ମହାକୁଡ଼, ପ୍ରଦୀପ ସାହୁ, ଅନୁପମା ତ୍ରିପାଠୀ, ପ୍ରାଣବନ୍ଧୁ ମେଣ୍ଡୁଲିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ । ଏହି ଅବସରରେ ଜଗନ୍ନାଥ ମନ୍ଦିର ଚତୁଃର୍ପାଶ୍ୱରେ ଥିବା ଅଳିଆ ଆବର୍ଜନା ସଫା କରାଯାଇଥିଲା।

# ଠେକୁଆକୁ ଗୋଡ଼ାଇ ପଥରଖୋଲରେ କୁକୁର

## ୩ ଘଣ୍ଟା ପରିଶ୍ରମ କରି ଉଦ୍ଧାର କଲା ଅଗ୍ନିଶମ ବାହିନୀ

ବନ୍ତଳା,୨୯।୯(ସୁଶିତ ସାହୁ)

ଠେକୁଆ ଶିକାର କରିବାକୁ ଯାଇ ସଂକୀର୍ଣ୍ଣ ପଥରଖୋଲରେ ଫଶିଗଲା କୁକୁର। ଦୀର୍ଘ ଘଣ୍ଟା ଧରି ପଥରଖୋଲରୁ ବାହାରି ନ ପାରି ବିକଳ ରଡ଼ି ଛାଡୁଥିବା ବେଳେ ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ୩ ଘଣ୍ଟା ପରିଶ୍ରମ କରି କୁକୁରଟିକୁ ଉଦ୍ଧାର କରିଥିଲା। ସୋମବାର ଏଭଳି ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ବ୍ଲକ ବନ୍ତଳା ପଞ୍ଚାୟତ ସାହାରାଗୁଡ଼ା ଗାଁ ମୁଣ୍ଡ ଜଙ୍ଗଲରେ।

ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ସାହାରାଗୁଡ଼ା ଗାଁମୁଣ୍ଡ ଜଙ୍ଗଲରେ ଏକ ଠେକୁଆକୁ ଆକ୍ରମଣ ପାଇଁ ଦେଶୀ କୁକୁର ପିଛା କରୁଥିଲା। ପ୍ରାଣ ବଞ୍ଚାଇବାକୁ ଠେକୁଆଟି ଦ୍ରୁତଗତିରେ ଦୌଡୁଥିବାବେଳେ କୁକୁର ମଧ ପିଛା ଛାଡ଼ି ନ ଥିଲା। ଏହି ସମୟରେ ଜଙ୍ଗଲର ଏକ ପଥର ଖୋଲ ଭିତରେ ଠେକୁଆଟି ପଶିଯିବା ଦେଖି କୁକୁର ତାହା ଭିତରକୁ ପଶିଯାଇଥିଲା। ହେଲେ ସଂକୀର୍ଣ୍ଣ ପଥର ଖୋଲ ଭିତର ଦେଇ ଠେକୁଆ ବାହାରି ଚାଲିଯାଇଥିବା ବେଳେ କୁକୁର ବାହାରି ନ ପାରି ଅକଳରେ ପଡ଼ିଯାଇଥିଲା। ରାତିତମାମ କୁକୁରଟି ସେଠାରେ ଅଟକି ରହି ବିକଳରେ ବୋବାଳି ଛାଡୁଥିବା ବେଳେ ସ୍ଥାନୀୟ ଲୋକେ ଜାଣି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ସକାଳେ ସେଠାରେ ପହଞ୍ଚି ପ୍ରାୟ ୩ ଘଣ୍ଟା ପରିଶ୍ରମ କରି କୁକୁରଟିକୁ ପଥରଖୋଲ ଭିତରୁ ବାହାର କରିଥିଲେ। ଲିଡିଂ ଫାୟାର ଫାଇଟର ସତ୍ୟ ଶିବାଜୀ ସାମଲ, ହାବିଲଦାର ସୁବୋଧ ଗଡ଼ନାୟକ, ଫାୟାର ଫାଇଟର ଜଗବନ୍ଧୁ ନାୟକ, ରାଜନ କୁମାର ସାହୁ, ମନୁ ହାଁସଦା, ଅରୁଣ ନାଏକ ଏହି ଉଦ୍ଧାର କାର୍ଯ୍ୟ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।



ପଥରଖୋଲ ଭିତରୁ ଉଦ୍ଧାର ହୋଇଥିବା କୁକୁର।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:.........................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ କମ୍ପାନୀର ସଫେଇ ଅଭିଯାନ




ଭୁବନେଶ୍ୱର, ୨୯।୯(ଅନୁରାଧା ମହାରଣା)

ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ କମ୍ପାନୀର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ ଜାରି ରହିଛି। ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରତିଷ୍ଠାନ, ଅନୁଷ୍ଠାନ ଓ ପାଦ ଚଲା ରାସ୍ତାଗୁଡ଼ିକରେ ସଫେଇ କରାଯାଇଥିଲା। ଉପ-ମହାପ୍ରବନ୍ଧକ ଜେ. ଏନ୍. ସେଠୀ, କ୍ଷେତ୍ରୀୟ ପ୍ରବନ୍ଧକ ଜି. ଖାନ୍, ପ୍ରବନ୍ଧକ ସୂର୍ଯ୍ୟନାରାୟଣ ମହାନ୍ତି ଏବଂ ଅନ୍ୟାନ୍ୟ କର୍ମଚାରୀ ଏହି ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ପାରାଦୀପ ପୋର୍ଟ ଓ ଏଏମ୍‌ଏନ୍‌ଏସ୍ ପୋର୍ଟସ ମଧ୍ୟରେ ଚୁକ୍ତି

ପାରାଦୀପ, ୨୯।୯
(ଶରତ ରାଉତ)



ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ଏବଂ ଏଏମ୍/ଏନ୍ଏସ୍ ପୋର୍ଟସ ମଧ୍ୟରେ ସିକ୍ୟୁ-୩ ବର୍ଥର ଯାନ୍ତ୍ରିକୀକରଣ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହା ବନ୍ଦରର ଭିତ୍ତିଭୂମି ଓ କାର୍ଯ୍ୟ ଦକ୍ଷତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକଳ୍ପ ୩୦ ବର୍ଷର ଚୁକ୍ତି ଅବଧି ପାଇଁ ଉଦ୍ଦିଷ୍ଟ। ଏହା ଏଏମ୍/ଏନ୍ଏସ ଇଣ୍ଡିଆର ଲୌହ ଖଣି ପେଲେଟକୁ ଆଧୁନିକ ଯାନ୍ତ୍ରିକ ପରିବହନ ଓ ଶିପ୍ ଲୋଡର ସିଷ୍ଟମ ମାଧ୍ୟମରେ ପରିଚାଳନା କରିବ। ଏହି ଚୁକ୍ତିଟି ସମର୍ଥ ଓ ଦକ୍ଷ ମାଲ ପରିଚାଳନା ପାଇଁ ଦୀର୍ଘମିଆଦୀ ପ୍ରତିବଦ୍ଧତାକୁ ଜୋର ଦେଇଛି। ଚୁକ୍ତିନାମାରେ ପିପିଏର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଏବଂ ଏଏମ/ଏନଏସ ପୋର୍ଟସର ଅଧିକାରୀ ଶୁଭକାନ୍ତ ଦାଶ ସ୍ୱାକ୍ଷର କରିଥିଲେ। ଏହି ସମାରୋହରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ପି.ଏଲ. ହରନାଥ ଏବଂ ଏଏମ/ଏନଏସ ଇଣ୍ଡିଆର ଓଡ଼ିଶା ଅପରେଶନ ମୁଖ୍ୟ ସୁରେଶ ଜି ଏବଂ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ହରନାଥ କହିଛନ୍ତି ଯେ ଏହି ପ୍ରକଳ୍ପ ବର୍ଥର ଉତ୍ପାଦନକ୍ଷମତା ବୃଦ୍ଧି ଓ ପରିବେଶ ଅନୁକୂଳ ଉପକୂଳୀୟ ମାଲ ପରିଚାଳନାକୁ ପ୍ରୋତ୍ସାହନ ଦେବ। ସୁରେଶ ଜି କହିଛନ୍ତି, ଏହି ସହଭାଗିତା ବନ୍ଦର କାର୍ଯ୍ୟକୁ ଆଧୁନିକୀକରଣ ଓ ଅଞ୍ଚଳରେ ଶିଳ୍ପ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସିକ୍ୟୁ-୩ ବର୍ଥର ଯାନ୍ତ୍ରିକୀକରଣ ଆମର କାର୍ଯ୍ୟ ଦକ୍ଷତା ଓ ପରିବେଶ ସମର୍ଥତା ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରିବ। ଏହି ପ୍ରକଳ୍ପ ପାରାଦୀପ ବନ୍ଦରକୁ ବିଶ୍ୱସ୍ତରୀୟ ବନ୍ଦର ହବରେ ପରିଣତ କରିବ ଏବଂ ଏଏମ/ଏନଏସ ଇଣ୍ଡିଆର ଲଜିଷ୍ଟିକ ସାମର୍ଥ୍ୟକୁ ଶକ୍ତିଶାଳୀ କରିବ।

# ସିଏମ୍‌ପିଡିଆଇ ପକ୍ଷରୁ ୩ ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୯।୯(ଅନୁରାଧା ମହାରଣା)

ସିଏମ୍‌ପିଡିଆଇ ପକ୍ଷରୁ ୩ ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଞ୍ଚିସ୍ଥିତ ଏହି ସଂସ୍ଥାନର କନ୍‌ଫରେନ୍ସ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ନିମେଶ, ମୁଖ୍ୟ ପ୍ରବନ୍ଧକ ଅମରେଶ କୁମାର ସିଂହ ଓ ବରିଷ୍ଠ ଲିପିକ ତୁଷାର କାନ୍ତିମଣ୍ଡଳଙ୍କୁ ସିଏମ୍‌ପିଡିଆଇ ଅଧ୍ୟକ୍ଷ ମନୋଜ କୁମାର ଚାରା, ମାନପତ୍ର, ପ୍ରତୀକ ଚିହ୍ନ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସେ ସେମାନଙ୍କ କାମର ପ୍ରଶଂସା କରି ସୁଖୀ ଓ ସୁସ୍ଥ ଜୀବନ କାମନା କରିଥିଲେ। ନିର୍ଦ୍ଦେଶକ ଅଜୟ କୁମାର ମଧ୍ୟ ସେମାନଙ୍କ କାମର ପ୍ରଶଂସା କରି ସୁଖ, ସମୃଦ୍ଧି ଓ ଦୀର୍ଘ ଆୟୁ କାମନା କରିଥିଲେ। ଏହି ଅବସରରେ ଯୁଗ୍ମ ପ୍ରତିନିଧି ପ୍ରଳୟ ଭଟ୍ଟାଚାର୍ଯ୍ୟ ଓ ସିଏମ୍‌ଓଏଆଇ ପ୍ରତିନିଧି ଅମୃତାଂଶୁ ନିଜର ମତ ରଖିଥିଲେ। ଅଭୟ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସଞ୍ଜୟ କଡମ୍ବାର ଧନ୍ୟବାଦ ଦେଇଥିବା ଜନ ସମ୍ପର୍କ ଅଧିକାରୀ ତରୁଣ ପାଲିୱାଲ ସୂଚନା ଦେଇଛନ୍ତି।




ସିଏମ୍‌ପିଡିଆଇ ପକ୍ଷରୁ ଜଣେ ଅବସର ପ୍ରାପ୍ତ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ।

## (Ph.D.) ଲାଭ



ଶ୍ରୀ ଚିନ୍ମୟ ଶତପଥୀ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍ ବିଶ୍ୱବିଦ୍ୟାଳୟ)ରୁ ମେକାନିକାଲ୍ ଇଞ୍ଜିନିୟରିଂରେ ଗବେଷଣା କରି ସମ୍ମାନସୂଚକ ଡକ୍ଟରେଟ୍ (Ph.D.) ଉପାଧି ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ସନ୍ଦର୍ଭଟି ହେଲା "Performance of a Dual-Fuel Engine using post-mixed Biodiesel Blends and Induced Gaseous Fuel under variable operating conditions". ସେ ପ୍ରଫେସର ଡକ୍ଟର ସ୍ୱରୂପ କୁମାର ନାୟକ ଓ ପ୍ରଫେସର ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ। ତାଙ୍କର ସନ୍ଦର୍ଭଟି ଆଇଆଇଟି, ପାଟଣା ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଡକ୍ଟର ମାନବେନ୍ଦ୍ର ପାଠକଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶତପଥୀ ତାଙ୍କର ଏହି ସଫଳତା ପାଇଁ ସେ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ମେକାନିକାଲ୍ ଇଞ୍ଜିନିୟରିଂ (କିଟ୍)ର ସମସ୍ତ ଅଧାପକ, ବନ୍ଧୁ ଓ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ତାଙ୍କର ମାର୍ଗଦର୍ଶକ ପିତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗଣେଶ୍ୱର ଶତପଥୀ, ମାତା ଉଷା ଶତପଥୀ, ବନ୍ଧୁ, ପରିବାରବର୍ଗ, ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୨୧୬୧

# ରିଲାଏନ୍ସ ଫାଉଣ୍ଡେଶନର 'ସ୍ୱଚ୍ଛତା ହିଁ ସେବା' ଅଭିଯାନ



ଭୁବନେଶ୍ୱର, ୨୯।୯(ଅନୁରାଧା ମହାରଣା)

## ସାମିଲ ହେଲେ ସାରା ଓଡ଼ିଶାର ଜିଓ କର୍ମଚାରୀ

ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସମେତ ଓଡ଼ିଶାର ପ୍ରମୁଖ ସହରଗୁଡିକରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯାଇଥିବାବେଳେ ଏବଂ ସାରା ରାଜ୍ୟର ରିଲାଏନ୍ସ ଜିଓ ଅଫିସଗୁଡିକର କର୍ମଚାରୀମାନଙ୍କ ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଲକ୍ଷ୍ୟ ରହିଥିଲା। ସମଗ୍ର ଓଡ଼ିଶାରେ ଜିଓ କର୍ମଚାରୀମାନେ ଅଫିସ ପରିସର, ନିକଟବର୍ତ୍ତୀ ଅଞ୍ଚଳ ଏବଂ ଜନବହୁଳ ସ୍ଥାନଗୁଡ଼ିକରେ ସଫେଇ କରିଥିଲେ ଏବଂ ସ୍ୱଚ୍ଛତା ବଜାୟ ରଖିବାର ବାର୍ତ୍ତା ମଧ୍ୟ ଦେଇଥିଲେ। ସେମାନେ ଲୋକଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାକୁ ଏକ ନିୟମିତ ଅଭ୍ୟାସରେ ପରିଣତ କରିବାକୁ ପ୍ରବର୍ତ୍ତାଇଥିଲେ।

# ବଢୁଛି ମିଲେଟ୍ ଚାହିଦା

ଭୁବନେଶ୍ୱର, ୨୯।୯(ଅନୁରାଧା ମହାରଣା)

ମିଲେଟ୍‌ର ଚାହିଦା ଦିନକୁଦିନ ବଢୁଥିବାବେଳେ ପେପ୍ସିକୋ ଇଣ୍ଡିଆର ଘରୋଇ ସ୍ନାକ ବ୍ରାଣ୍ଡ, କୁର୍‌କୁରେ ମଧ୍ୟ ନିଜ ଉତ୍ପାଦରେ ମିଲେଟ୍ ପ୍ରୟୋଗ ଆରମ୍ଭ କରିଛି। ବିନା ଫ୍ରାଏ କରି ବେକ୍ ହୋଇଥିବା 'କୁର୍‌କୁରେ ଜୱାର ପଫ୍‌ସ' ଗ୍ରାହକଙ୍କୁ ଆଧୁନିକ ଫର୍ମାଟରେ ଏକ ମଜାଦାର, ସ୍ୱାଦପୂର୍ଣ୍ଣ ମାଧ୍ୟମ ପ୍ରଦାନ କରିଛି। କୁର୍‌କୁରେ ଜୱାର ପଫ୍‌ସ ଉତ୍ତର,ପଶ୍ଚିମ ଓ ପୂର୍ବ ଭାରତରେ ୧୦ ଟଙ୍କା ଓ ୨୦ ଟଙ୍କା ପ୍ୟାକରେ ଆଧୁନିକ ଓ ପାରମ୍ପରିକ ରିଟେଲ, ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମ ଓ କ୍ୱିକ୍-କମର୍ସ ଆପ୍‌ରେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ପେପ୍ସିକୋ ଇଣ୍ଡିଆର କୁର୍‌କୁରେ ଓ ଡୋରିଟେସର ମାର୍କେଟିଂ ବିଭାଗର ନିର୍ଦ୍ଦେଶକ ଆସ୍ଥା ଭାସିନ କହିଛନ୍ତି, ଭାରତର ସମୃଦ୍ଧ ଖାଦ୍ୟ ପରମ୍ପରା ସହ ଜଡ଼ିତ ରହି ବିକଶିତ ଉପଭୋକ୍ତା ସ୍ୱାଦ ଓ ଆବଶ୍ୟକତାକୁ ପୂରଣ କରିବାପାଇଁ ଏହାର ପରିକଳ୍ପନା କରାଯାଇଛି।

# ମାଲାବାରର ଦଶହରା, ଧନତେରାସ୍ ଅଫର୍



ଭୁବନେଶ୍ୱର, ୨୯।୯(ଅନୁରାଧା ମହାରଣା)

ଦଶହରା ଓ ଧନତେରାସ୍ ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ପାର୍ବଣ ଅଫର୍ ଘୋଷଣା କରାଯାଇଛି। ଭୁବନେଶ୍ୱର ସୌଭାଗ୍ୟନଗରସ୍ଥିତ ଷ୍ଟୋରରେ ଅଭିନେତ୍ରୀ ଧାରାଶ୍ରାବଣୀ ମହାପାତ୍ର ଏହି ଅଫରର୍ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଷ୍ଟୋର ପକ୍ଷରୁ ମିଳିଥିବା ସୂଚନାନୁସାରେ, ପାର୍ବଣରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ ପାଇଁ ନିଆରା ଡିଜାଇନର ଗହଣା ଉପଲବ୍ଧ କରାଯାଇଛି। ସୁନା ଗହଣା, ଦୁର୍ଲଭ ଷ୍ଟୋନ୍ ଏବଂ ଅନକଟ୍ ଡାଇମଣ୍ଡର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ହୀରା ମୂଲ୍ୟ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର୍ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୈଧ ରହିବ। ଏହି ପର୍ବରେ ଗ୍ରାହକମାନେ ସୁନ୍ଦର ଓ ମୂଲ୍ୟବାନ ଗହଣା କିଣିବାର ସୁଯୋଗ ପାଇବେ। ସେହିପରି ଧନ୍‌ତେରାସ ପାଇଁ ଗହଣା ବୁକ୍ କଲେ ମାଗଣା ରୁପା ମୁଦ୍ରା ମିଳିବ। ଗ୍ରାହକମାନେ ଗହଣାର ମୋଟ ଦାମ୍‌ର ୧୦% ଦେଇ ବୁକ କରିପାରିବେ। ବୁକିଂ ଦାମ କିମ୍ବା ବଜାର ଦାମ ମଧ୍ୟରୁ ଯେଉଁଟି କମ୍ ହେବ ସେହି ଦାମରେ ଗ୍ରାହକ ବୁକ୍ କରିଥିବା ଗହଣା କିଣିପାରିବେ। ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ.ପି. ଅହମ୍ମଦ କହିଛନ୍ତି, ଧନତେରାସ ଘରେ ସୁଖ ଓ ସମୃଦ୍ଧି ଆଣେ। ଆମେ ଗ୍ରାହକଙ୍କ ପାଇଁ ଏହାକୁ ଖାସ କରିବାକୁ ଚାହୁଁଛୁ। ଆମର ଅଫର ଗ୍ରାହକଙ୍କ ପ୍ରତି କୃତଜ୍ଞତା ଦେଖାଇବାର ଏକ ଉପାୟ। ଫେଷ୍ଟିଭ୍ ଅଫରର ଶୁଭାରମ୍ଭ ଅବସରରେ ଅନୁଷ୍ଠିତ ର୍ୟାମ୍ପ ୱାକ କାର୍ଯ୍ୟକ୍ରମ ଗ୍ରାହକ ଉପଭୋଗ କରିବା ସହ ମନପସନ୍ଦର ଗହଣା କିଣିଥିଲେ।


# Classified Everyday
0674-2580101, 9692975378



REAL ESTATE
SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। (owner)- 9090963952. D-02

Commercial cum residential plot, Gharabari with compoundwall touching to NH-316 road (Nakhara to Niali) 10 K.M. from Nakhara & 15 K.M. to Bhubaneswar 80x30= 2400sqft. highland from road level. @ 2750/- per sqft. 7809525452. D-76594

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

I, Smt. Swarnalata Nanda spouse of Sri Dillip Kumar Tripathy, Vill- Dandamukundapur, Pipili, Puri, PIN- 752104 have changed my name from Smt. Swarnalata Nanda to Smt. Swarnalata Tripathy vide- affidavit No.- 3121, dated 01.09.2025 before Executive Magistrate, Pipili, Puri. D-2162

I, Kishore Chandra Behera, resident of At/P.O.- Bonda, P.S.- Banarpal, Dist.- Angul, Odisha- 759128 declare by this affidavit No.- 69AA 952955, dtd. 27.09.2025 that now onwards I shall be known as KISHOR CHANDRA BEHERA for all future purposes. D-2163

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No.- 1740, Dtd. 12.09.25

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍.ଙ୍କ ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର

କେସ୍ ନଂ.- O.S.S.- 927/2024

ଶକୁନ୍ତଳା ସାହୁ ଓ ଅନ୍ୟମାନେ ...ବାଦୀମାନେ

ବନାମ

୩. ବାନାମ୍ବର ମହାଖୁଡ଼, ୪. ନାରଣ ମହାଖୁଡ଼ ଏମାନଙ୍କର ପିତା ସ୍ୱର୍ଗତ ଅନନ୍ତ ମହାଖୁଡ଼, ୫. ସୀତା ବେଓ୍ୱା, ସ୍ୱାମୀ- ଗିରିଧାରୀ ମହାଖୁଡ଼, ୬. ଅଛୁତି ବେହେରା, ୭. ବଛ ବେହେରା ଏମାନଙ୍କର ପିତା- ସ୍ୱର୍ଗତ ବୀର ବେହେରା, ୮. ନାଥ ବେହେରା, ପିତା- ସ୍ୱର୍ଗତ ଦାସ ବେହେରା, ୯. ଭୋବନୀ ବେହେରା, ପିତା- ସ୍ୱର୍ଗତ ବୃନ୍ଦାବନ ବେହେରା, ୧୦. ଲିଙ୍ଗରାଜ ବେହେରା, ପିତା- ସ୍ୱର୍ଗତ ଉଛବ ବେହେରା, ୧୧. ଧ୍ରୁବ ବେହେରା, ପିତା- ସ୍ୱର୍ଗତ ଗୋପୀ ବେହେରା, ୧୨. ଅଇଁଠା ଦେଇ, ସ୍ୱାମୀ- କୁବେର ବେହେରା ଏସମସ୍ତଙ୍କର ଠିକଣା ଗ୍ରାମ/ପୋଷ୍ଟ- ପଥରଗାଡ଼ିଆ, ଜିଲ୍ଲା- ଖୋର୍ଦ୍ଧା, ୧୩. ସୁରେନ୍ଦ୍ରନାଥ ମଲ୍ଲିକ, ପିତା- ସ୍ୱର୍ଗତ ଦଇତାରୀ ମଲ୍ଲିକ, ଗ୍ରାମ- ମେହେନ୍ଦିପୁର, ଥାନା- କିଶୋର ନଗର, ଜିଲ୍ଲା- କଟକ, ୧୪. ପ୍ରସନ୍ନ କୁମାର ମଲ୍ଲିକ, ପିତା- ଫକୀରଚନ୍ଦ୍ର ମଲ୍ଲିକ, ଗ୍ରାମ- ଗୋପପୁର, ଥାନା- ବଡ଼ମ୍ବା, ଜିଲ୍ଲା- କଟକ।

....ପ୍ରତିବାଦୀମାନେ

ନୋଟିସ ଅର୍ଡର-୫, ରୁଲ୍- ୨୦ ମୁତାବକ

ଏତଦ୍ୱାରା ଉକ୍ତ ପ୍ରତିବାଦୀମାନଙ୍କ ମଧ୍ୟରୁ କେତେକଙ୍କର ମୃତ୍ୟୁ ହୋଇଥିବାରୁ ଓ କେତେକଙ୍କର ଭୁଲ୍ ଠିକଣା ଥିବାରୁ ସେମାନଙ୍କ ପାଖକୁ ରେଜିଷ୍ଟ୍ରି ଡାକଦ୍ୱାରା ପଠାଯାଇଥିବା ନୋଟିସ ଫେରସ୍ତ ଆସିଥିବାରୁ ସେମାନଙ୍କର ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପରଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, କାର୍ଯ୍ୟାଳୟରେ ଆସନ୍ତା ତା ୦୬।୧୦।୨୫ରିଖ ଦିବା ୧୧.୩୦ ଘଟିକାରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା- ପଥରଗାଡ଼ିଆ, ଥାନା- ଚନ୍ଦକା (୪୦), ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ସାବକ ଖାତା ନଂ.- ୨୨୦, ପ୍ଲଟ୍ ନଂ.- ୧୩୯୩, ରକବା- ଏ୦.୦୫୫ଡି. (ଏ୨.୧୯୦ଡି ସମ୍ବନ୍ଧରୁ), ସ୍ୱତ୍ୱ- ସ୍ଥିତିବାନ୍

ସାବକ ମ୍ୟୁଟେସନ୍ ଖାତା ନଂ.- ୩୨୫/୧୦୩୭, ପ୍ଲଟ୍ ନଂ.- ମ୍ୟୁଟେସନ୍ ପ୍ଲଟ୍ ନଂ.- ୧୩୯୩/୨୭୨୬, ରକବା- ଏ୦.୦୫୫ଡି. (ଏ୦.୧୯୦ଡି ସମ୍ବନ୍ଧରୁ), ସ୍ୱତ୍ୱ- ସ୍ଥିତିବାନ୍, ହାଲ୍ ଖାତା ନଂ.- ୧୧୩୬, ପ୍ଲଟ୍ ନଂ.- ୬୩୨୮, ରକବା- ଏ୦.୦୫୫ଡି. (ଏ୦.୧୫୦ଡି. ସମ୍ବନ୍ଧରୁ), ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମାମଲା ପ୍ରତିବାଦୀଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ମାନ୍ୟବର ଅତିରିକ୍ତ କମିଶନର, ଅଦାଲତ ନଂ.- ୪ଙ୍କର ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୨୧୬୦

## ମନେ ପଡ଼ନ୍ତି

ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ



ଂ କମଳା କୁମାରୀ ନନ୍ଦ
ସ୍ୱା : ଂ ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮ (ଅନନ୍ତବ୍ରତ)
ତିରୋଧାନ: ୧୯ । ୧୦ । ୨୦୦୭ (ମହାଷ୍ଟମୀ)
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।
ପରିବାରବର୍ଗ
ଧ-୨୧୬୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରଶ୍ମିତା ଶତପଥୀ
ଆବିର୍ଭାବ: ୧୫।୦୮।୧୯୭୪
ତିରୋଧାନ: ୧୧।୧୦।୨୦୨୪
ଚାହୁଁ ଚାହୁଁ ଗୋଟେ ବର୍ଷ ବିତିଗଲା। ବୋଉ ତୋର ତ୍ୟାଗକୁ ଆମେ ପାଥେୟକରି ଚାଲିଛୁ ଓ ଆଗକୁ ଚାଲିବୁ। ଆଜି ପ୍ରଥମ ଶ୍ରାଦ୍ଧ ଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ
ତା. ୩୦।୦୯।୨୦୨୫ (ମଙ୍ଗଳବାର)
ସ୍ଥାନ- ମାଣିତିରି, ବାଲିଚନ୍ଦ୍ରପୁର, କଟକ
ଶୋକସନ୍ତପ୍ତ- ପ୍ରବୀର (ବଡ଼ପୁଅ), ଚିନ୍ମୟ (ସାନପୁଅ), ଲକ୍ଷ୍ମୀକାନ୍ତ (ସ୍ୱାମୀ), ବନ୍ଧୁ ଏବଂ ପରିବାରବର୍ଗ।
ଧ-୨୧୬୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଂଅଖିଳ କୁମାର ମହାପାତ୍ର
ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୦୭।୦୯।୧୯୪୮
ତିରୋଧାନ: ୧୦।୧୦।୨୦୨୪
(ଆଶ୍ୱିନ ମାସ, ଶୁକ୍ଳପକ୍ଷ ଅଷ୍ଟମୀ ତିଥିର)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଚିରସ୍ମରଣୀୟ ଓ ଚିର ବନ୍ଦନୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଏହା ହିଁ ଆମର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, କନ୍ୟା, ଭ୍ରାତା, ନାତି, ଜାମାତା ଓ ପରିବାରବର୍ଗ
ଧ-୨୧୪୧

୧୫ ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ମୀନାବଜାର, ଢେଙ୍କାନାଳ
ସ୍ୱର୍ଗତ ପ୍ରମୋଦ କୁମାର ଦେବତା
ଆବିର୍ଭାବ : ତା ୨୦.୧୨.୧୯୪୩
ତିରୋଧାନ : ତା ୧୫.୧୦.୨୦୧୦
ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀ ତିଥି
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମେ କେବେହେଲେ ଭୁଲିପାରିବୁ ନାହିଁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ପ୍ରଭୁ ଶ୍ରୀ ବଳରାମଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ - ମାଳତୀ, ଲୋକା, କୁନି, କୃଷ୍ଣ, ଝିନି, ଡଲି, ଝିଲି, ବୁନି, ଲିଲି, ଓମ୍, ପୁପ୍ତ, ମନୀଷା, ଖୁସି ଓ ପରିବାର ବର୍ଗ।
ମେସର୍ସ ନଟବର ଦେବତା, ଶ୍ରୀ ବଳରାମ ଫେବ୍ରିକ୍ସ ଓମ୍ ଟେକ୍ସଟାଇଲ, ମାଳତୀ ନିବାସ
ଧ-୨୧୬୭


# ଦେଶରେ ଅମୃତ ଭାରତ ଏକ୍ସପ୍ରେସ ସଂଖ୍ୟା ୩୦କୁ ବୃଦ୍ଧି

ଭୁବନେଶ୍ୱର, ୨୯।୯(ଅନୁରାଧା ମହାରଣା)

କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ବିହାରରେ ୭ଟି ନୂତନ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏଥିରେ ୩ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଏବଂ ୪ଟି ଯାତ୍ରୀବାହୀ ଟ୍ରେନ୍ ରହିଛି। ଏହି ନୂତନ ଟ୍ରେନଗୁଡ଼ିକର ଉଦଘାଟନ ସହିତ, ସାରା ଦେଶରେ କାର୍ଯ୍ୟ କରୁଥିବା ଅମୃତ ଭାରତ ଏକ୍ସପ୍ରେସ ସଂଖ୍ୟା ୩୦ରେ ପହଞ୍ଚିଛି। ଏଥିସହ ବିହାରରେ ମୋଟ ୨୬ଟି ଅମୃତ ଭାରତ ଏକ୍ସପ୍ରେସ ସେବା କାର୍ଯ୍ୟକ୍ଷମ ହୋଇଛି। ସୋମବାର ଶୁଭାରମ୍ଭ ହୋଇଥିବା ଅମୃତ ଭାରତ ଏକ୍ସପ୍ରେସଗୁଡ଼ିକ ହେଲା ଦରଭଙ୍ଗା-ଆଜମେର (ମଦର) ଅମୃତ ଭାରତ ଏକ୍ସପ୍ରେସ, ମୁଜାଫରପୁର-ହାଇଦ୍ରାବାଦ (ଚାର୍ଲାପାଲି) ଅମୃତ ଭାରତ ଏକ୍ସପ୍ରେସ ଓ ଛପ୍ରା-ଦିଲ୍ଲୀ (ଆନନ୍ଦ ବିହାର ଟର୍ମିନାଲ) ଅମୃତ ଭାରତ ଏକ୍ସପ୍ରେସ। ସେହିପରି ଶୁଭାରମ୍ଭ ହୋଇଥିବା ଯାତ୍ରୀବାହୀ ଟ୍ରେନଗୁଡ଼ିକ ହେଲା ପାଟନା-ବକ୍ସର, ଝାଝା-ଦାନପୁର, ନୱାଡା-ପାଟନା ଓ ପାଟନା-ଇସଲାମପୁର ଯା। ମୁଜାଫରପୁର-ଚାର୍ଲାପାଲି ଅମୃତ ଭାରତ ଏକ୍ସପ୍ରେସ ହେଉଛି ମୁଜାଫରପୁରରୁ ଦକ୍ଷିଣ ଭାରତକୁ ଯାଉଥିବା ପ୍ରଥମ ଅମୃତ ଭାରତ ଟ୍ରେନ, ଯେତେବେଳେ ଛାପରା-ଆନନ୍ଦ ବିହାର ଅମୃତ ଭାରତ ଏକ୍ସପ୍ରେସ ବିହାରରୁ ଦିଲ୍ଲୀକୁ ଯାଉଥିବା ୬ଷ୍ଠ ଅମୃତ ଭାରତ ଟ୍ରେନ ପାଲଟିଛି। ଏଗୁଡ଼ିକର କାର୍ଯ୍ୟ ରାଜ୍ୟରେ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ ଏବଂ ପର୍ଯ୍ୟଟନ, ବାଣିଜ୍ୟ ଏବଂ ନିଯୁକ୍ତି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ କହିଛନ୍ତି, ୨୦୧୪ ପୂର୍ବରୁ ବିହାରର ବାର୍ଷିକ ରେଳ ବଜେଟ ମାତ୍ର ପ୍ରାୟ ୧୦୦୦ କୋଟି ଟଙ୍କା ଥିଲା, ବର୍ତ୍ତମାନ ଏହା ପ୍ରାୟ ୧୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ରାଜ୍ୟର ରେଳ ନେଟୱାର୍କକୁ ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ କରାଯାଇଛି ଏବଂ ୧୮୯୯ କିଲୋମିଟର ନୂତନ ଟ୍ରାକ ବିଛାଯାଇଛି। ଭାରତୀୟ ରେଳପଥ ଦ୍ୱାରା ବିକଶିତ, ଅମୃତ ଭାରତ ଏକ୍ସପ୍ରେସ ଦେଶର ରେଳ ବ୍ୟବସ୍ଥାରେ ଆଧୁନିକୀକରଣର ପ୍ରତୀକ ପାଲଟିଛି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ୩୦ ସେପ୍ଟେମ୍ବର, ୨୦୨୫ Bhubaneswar, Tuesday, 30 September, 2025

ଫ୍ୟାଶନ

# ଫେଷ୍ଟିଭ ଡ୍ରେସ୍ ଚଏସ୍ କରୁଥିଲେ...

**ଏହି ଫେଷ୍ଟିଭାଲରେ ଆପଣ ଟ୍ରାଡିସନାଲ ଡ୍ରେସ୍ ବ୍ୟତୀତ ୱେଷ୍ଟର୍ନ ଇଣ୍ଡିଆନ୍ ଡ୍ରେସ୍‌ର ଫ୍ୟୁଜନ୍ ବି କ୍ୟାରି କରିପାରିବେ। ଏହାଦ୍ୱାରା ଆପଣଙ୍କୁ ଟ୍ରାଡିସନାଲ ଟଚ୍ ସହ ସ୍ପେଶାଲ ଲୁକ୍ ମିଳିବ। କେଉଁ ପରି ଡ୍ରେସ୍ କମ୍ବିନେଶନ ଆପଣ ଚୟନ କରିପାରିବେ ଯାହା ଆପଣଙ୍କ ଉପରେ ନିର୍ଭରକରେ ଜାଣନ୍ତୁ ଏ ସମ୍ପର୍କରେ..**



ଯେଉଁମାନେ ଫ୍ୟାଶନକୁ ନେଇ କ୍ରିଏଟିଭ୍ ହୋଇଥାନ୍ତି , ଅନ୍ୟର ଷ୍ଟାଇଲ୍‌କୁ କପିକରିବା ବଦଳରେ ନିଜର ଫ୍ୟାଶନ ଷ୍ଟେଟ୍‌ମେଣ୍ଟ କ୍ରିଏଟ୍ କରିଥାନ୍ତି। ଫଳରେ ଅନ୍ୟମାନେ ତାଙ୍କୁ କପି କରିବାକୁ ଲାଗନ୍ତି। ଯଦି କହିବା ଫେଷ୍ଟିଭ୍ ସିଜନ୍ ବିଷୟରେ ଏହି ସମୟରେ ଏଥ୍ନିକ୍ ଏବଂ ଟ୍ରାଡିସନାଲ ଡ୍ରେସେସ୍‌ର ଡିମାଣ୍ଡ ବଢ଼ିଯାଇଥାଏ। ଏପରି ଉତ୍ସବ ପରିବେଶରେ ସମସ୍ତେ ଟ୍ରାଡିସନାଲ ପ୍ରେଜେଣ୍ଟ କରିବାକୁ ଚାହିଁଥାନ୍ତି । ଏହି ସମୟରେ କ୍ରପ୍ ଟପ୍,ଟି-ଶାର୍ଟ କିମ୍ବା ଟ୍ୟୁନିକ୍ ଭଲ ମାନି ନ ଥାଏ। କିନ୍ତୁ ଏଥ୍ନିକ୍ ୱେର ସହ କମ୍ବିନେଶନ ନୂଆ ଡ୍ରେସ୍‌ଅପ୍ ଷ୍ଟାଇଲ୍ କ୍ରିଏଟ୍ କରିପାରନ୍ତି।

**ପ୍ଲାଜୋ ପ୍ୟାଣ୍ଟ**
ଆଜିକାଲି ବିଭିନ୍ନ ଡିଜାଇନର ପ୍ଲାଜୋ ମିଳୁଛି ଏହାକୁ ଆପଣ ଟି -ଶାର୍ଟ ସହ ତ ପିନ୍ଧିଥାନ୍ତି ହେଲେ ଏହା ସାଙ୍ଗକୁ କ୍ରପ୍ ଟପ୍ ପିନ୍ଧିଲେ ଆହୁରି ସୁନ୍ଦର ଦେଖାଯିବେ। ଯେତେବେଳେ ହେଭି ଜିନ୍ସ ପିନ୍ଧିବାକୁ ମନ ନ ହେଉଛି ଏହି ପ୍ଲାଜୋ ପ୍ୟାଣ୍ଟ ସହ କୌଣସି ବଡ଼ କିମ୍ବା ଛୋଟ ଟପ୍ ଟ୍ରାଏ କରିପାରିବେ। ଏହି ଫେଷ୍ଟିଭ୍ ସିଜିନ୍‌ରେ ବି ଆପଣ ଲମ୍ବା କୁର୍ତ୍ତି ସହ ଏହାକୁ ପିନ୍ଧିପାରିବେ।

**ଏ ଲାଇନ କୁର୍ତ୍ତା**
ଏ ଲାଇନ କୁର୍ତ୍ତିକୁ ଆପଣ ସାଲ୍‌ୱାର ,ପ୍ଲାଜୋ ସହ ମଧ୍ୟ ପିନ୍ଧିପାରିବେ। ଯଦି ଏହି କୁର୍ତ୍ତିକୁ ପ୍ଲାଜୋ କିମ୍ବା ସାଲ୍‌ୱାର ସହ ଟିମ୍‌ଅପ୍ କରୁଛନ୍ତି ଏହାକୁ ଏ ଲାଇନ କୁର୍ତ୍ତି ଉପରେ ପତଳା ବେଲ୍ଟ ପିନ୍ଧି ନିଜକୁ ନୂଆ ଲୁକ୍ ଦେଇପାରିବେ।

**ଶରାରା ପ୍ୟାଣ୍ଟ**
ଯେଉଁ ଯୁବତୀମାନେ ସୁଟ୍ ସହ ପରମ୍ପରାଗତ ଓଢ଼ଣି ପକାଇଥାନ୍ତି ତାଙ୍କୁ ଟିକେ ନିଜ ଷ୍ଟାଇଲ୍ ବଦଳାଇ ଅଳ୍ପ ଟିକେ ଚେଞ୍ଜ କରିବାକୁ ପଡ଼ିଥାଏ। ସେମାନଙ୍କ ପାଇଁ ଶରାରା ପ୍ୟାଣ୍ଟ ପରମ୍ପରାଗତ ପରିଧାନ, ଯାହା ଫଳରେ ଛୋଟ କୁର୍ତ୍ତା ,କ୍ରପ୍ ଟପ୍ କିମ୍ବା ସାମାନ୍ୟ ଟପ୍ ସହ ପିନ୍ଧାଯାଇପାରେ।

**ଷ୍ଟ୍ରେଟ୍ କୁର୍ତ୍ତା**
ଏମିତି ତ ଷ୍ଟ୍ରେଟ୍ କୁର୍ତ୍ତା ଲେଗିଙ୍ଗ୍ ଏବଂ ପ୍ଲାଜୋ ପ୍ୟାଣ୍ଟ ସହ ଭଲ ଲାଗିଥାଏ। କିନ୍ତୁ ଏଥିରେ କିଛି ଚେଞ୍ଜେସ୍‌କରି ଟିକେ କମ୍ ଲେନ୍ଥ ଜିନ୍ସ ସହ ପିନ୍ଧିପାରନ୍ତି। ଲେଗିଙ୍ଗ୍ ସହ ପାଦରେ ଜୋତା ଏବଂ ଲାଇଟ୍ ଜୁଏଲେରି ପିନ୍ଧିପାରିବେ।

**ଲେଗିଙ୍ଗ୍ସ**
ଲେଗିଙ୍ଗ୍ସ ଟିନ୍‌ଏଜର୍ସ ଝିଅ ଏବଂ କର୍ମଜୀବୀ ସମସ୍ତଙ୍କର ପସନ୍ଦ। ଏହାକୁ କର୍ଟନ କୁର୍ତ୍ତି ସହ କୌଣସି ବି ଅକେଜନ୍‌ରେ ପିନ୍ଧିଲେ ବହୁତ ୟଙ୍ଗ୍ ଲାଗିବେ। କିନ୍ତୁ ଆପଣ ଚାହିଁଲେ ଏହାକୁ କେବେ ବି କେଉଁଠି ବି ପିନ୍ଧିପାରିବେ। ଆପଣ ଚାହିଁଲେ ଲେଗିଙ୍ଗ୍ସକୁ ଲମ୍ବା କୁର୍ତ୍ତି ଏବଂ ଅନାରକଲି ସହ ପିନ୍ଧିପାରିବେ। ଏହା ବି ବହୁତ ପର୍‌ଫେକ୍ଟ ଲାଗିଥାଏ।

# ଦଶହରାରେ ଘରକୁ ଦିଅନ୍ତୁ ନୂଆ ରୂପ

**ବିଭିନ୍ନ ପୂଜାପାର୍ବଣରେ ନାରୀମାନେ ନିଜକୁ ସଜାଇବା ସହ ଘରକୁ ମଧ୍ୟ ସଜାଇବାକୁ ଆଗ୍ରହ ଦେଖାନ୍ତି । ତେବେ ଦଶହରାରେ ସେମାନେ ଘରକୁ କିପରି ନୂଆ ଲୁକ୍ ଦିଅନ୍ତି,ଜାଣନ୍ତୁ...**

★କୁହାଯାଏ, ଯେଉଁଠି ପରିଷ୍କାର ଥାଏ ସେଠି ଭଗବାନ୍ ବାସ କରନ୍ତି। ତେଣୁ ଘରକୁ ସଜାଇବା ପୂର୍ବରୁ ପ୍ରଥମେ ଏହାକୁ ସଫା ଏବଂ ପରିଷ୍କାର ରଖନ୍ତୁ। ଅଦରକାରୀ ବର୍ଜ୍ୟବସ୍ତୁକୁ ବାହାରେ ଫୋପାଡ଼ି ଦିଅନ୍ତୁ।

★ଏବେ ବଜାରରେ ନୂଆ ନୂଆ ଆକାର ଓ ଆକୃତିର ଦୀପାଳି ଉପଲବ୍ଧ। ଆପଣ ଏହାକୁ ନିଜ ମନ ମୁତାବକ କିଣି ଘରକୁ ସଜାଇପାରିବେ।

★ବିନା ରଙ୍ଗୋଲିରେ ଦଶହରା ଫିକା ଲାଗିଥାଏ। ଚାଉଳ ଗୁଣ୍ଡ, ରଙ୍ଗ ବାଲି, ଫୁଲଆଦିରେ ଘରର ପ୍ରବେଶ ଦ୍ୱାର ଓ ଅଗଣାକୁ ସଜାନ୍ତୁ, ଯାହା ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ।

★ଡାଏନିଂ ରୁମ୍ କିମ୍ବା ବେଡ୍ ରୁମ୍‌କୁ ଫ୍ଲୋଟିଂ କ୍ୟାଣ୍ଡେଲ ସହ ଫୁଲରେ ସଜାନ୍ତୁ। ଏହା ଆପଣଙ୍କୁ ଖୁସି ପ୍ରଦାନ କରିବ।

★ ଘରକୁ ଆଲୋକିତ କରିବା ପାଇଁ ବିଭିନ୍ନ ପ୍ରକାର ଏଲ୍‌ଇଡ଼ି ଲାଇଟ୍‌କୁ ଘରର ଯେକୌଣସି ସ୍ଥାନରେ ଆପଣ ଲଗାଇପାରିବେ।

★ଘରର ପ୍ରବେଶ ପଥକୁ ଫୁଲମାଳାରେ ସୁସଜ୍ଜିତ କରନ୍ତୁ। କାରଣ, ଘରକୁ ସୁନ୍ଦର ରଖିବା ଦ୍ୱାରା ଘରେ ଧନ ସମ୍ପତ୍ତି ବଢ଼ିଥାଏ ବୋଲି ବିଶ୍ୱାସ କରାଯାଏ। ବିଭିନ୍ନ ରଙ୍ଗିନ ପେପରରେ କ୍ରାଫ୍ଟ କରି ମଧ୍ୟ ଘରକୁ ସଜାଇପାରିବେ।

# ବ୍ରତ ସମୟରେ ଖାଦ୍ୟପେୟ

**ଆମ ହିନ୍ଦୁଧର୍ମରେ ବାରମାସରେ ତେର ବ୍ରତ ବୋଲି କଥିତ ଅଛି। ଅନେକ ମହିଳା ବିଭିନ୍ନ ପ୍ରକାର ଓଷାବ୍ରତକରି ପରିବାରର ଶୁଭ ମନାସିଥାଆନ୍ତି। ହେଲେ ଏହି ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ନିହାତି ଦରକାର। ଏବେ ତ ପାର୍ବଣଋତୁ ଆରମ୍ଭ ହୋଇଗଲାଣି । ଜଗଜ୍ଜନନୀ ମା’ ଦୁର୍ଗାଙ୍କ ପୂଜା ଅବସରରେ ବର୍ତ୍ତମାନ ନବରାତ୍ରି ଚାଲିଛି । ତେଣୁ ଏହି ସମୟରେ ଆପଣ କିପରି ନିଜ ସ୍ୱାସ୍ଥ୍ୟ ଏବଂ ଖାଦ୍ୟପେୟ ପ୍ରତି ସତର୍କ ରହିବେ ସେ ବିଷୟରେ ସୂଚନା....**







ନବରାତ୍ରି ଦିନରେ ଅଧିକାଂଶ ମହିଳା ବ୍ରତ ରଖିଥାନ୍ତି। ଏମିତିରେ ବ୍ରତ ରଖିବା ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ବୋଲି କୁହାଯାଏ। ଉପବାସ କରିବା ଦ୍ୱାରା ପାଚନ ତନ୍ତ୍ର ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ବୋଲି କେତେକଙ୍କର ଦୃଢ଼ ବିଶ୍ୱାସ ରହିଛି। କିନ୍ତୁ ବ୍ରତ କରିବାର ଅର୍ଥ ନୁହେଁ ଯେ ଆପଣ ସାରା ଦିନ ଉପବାସ ରହିବେ ଏବଂ କମ୍ ମାତ୍ରାରେ ଫଳ ଆହାର କରିବେ। ଏମିତିରେ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ଖରାପ ପ୍ରଭାବ ପକାଇପାରେ। ବିଶେଷଭାବରେ ଯଦି ଆପଣଙ୍କର ହାଇପରଟେନ୍‌ସନ , ଡାଇବେଟିସ୍ କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ରହୁଛି ତେବେ ବ୍ରତ ସମୟରେ ନିଜ ରୁଟିନ୍ ଏବଂ ଡାଏଟ୍‌କୁ ନେଇ ସଜାଗ ରହିବା ଆବଶ୍ୟକ। ଯଦି ଆପଣ ବ୍ରତ କରିବାକୁ ଚାହୁଁଛନ୍ତି ହେଲେ କେତେକ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କରିପାରୁ ନାହାନ୍ତି ତେବେ ଏହା ପୂର୍ବରୁ ନିଜ ଡାଏଟ୍ ପ୍ଲାନିଂ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଆପଣ ଯଦି ସୁସ୍ଥ ସବଳ ତେବେ ବ୍ରତ ରଖୁଥିଲେ କେତୋଟି କଥା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।



**ହାଇଡ୍ରେଟ୍ ରୁହନ୍ତୁ**
ବ୍ରତ ସମୟରେ ଶରୀରକୁ ହାଇଡ୍ରେଟ୍ ରଖିବା ବହୁ ଜରୁରୀ। କାରଣ ଯେତେବେଳେ ଆପଣ କୌଣସି ବ୍ରତ ରଖୁଛନ୍ତି ଏହି ସମୟରେ ଅନ୍ନ ନ ଖାଇବା ସହ ପାଣି ବି କମ୍ ପିଇଥାନ୍ତି। ଫଳରେ ଆପଣଙ୍କୁ ଡିହାଇଡ୍ରେଶନ ହୋଇପାରେ। ଏଥିପାଇଁ ଜରୁରୀ ହେଉଛି ଆପଣ ନିଜକୁ ଭଲଭାବେ ହାଇଡ୍ରେଟ୍ ରଖନ୍ତୁ। ବ୍ରତ ଦିନ ପ୍ରଚୁର ମାତ୍ରାରେ ପାଣି ପିଇବା ସହ ପଇଡ଼ପାଣି, ଦହି ସର୍ବତ କିମ୍ବା ଫ୍ରୁଟ୍ ଜୁସ୍ ମଧ୍ୟ ପିଇପାରିବେ।

**ବାଲାନ୍ସ ଡାଏଟ୍ ନିଅନ୍ତୁ**
ବ୍ରତ ସମୟରେ ଏହି କଥାର ଧ୍ୟାନ ରଖନ୍ତୁ ଯେ ଡାଏଟ୍‌ରେ କାର୍ବୋହାଇଡ୍ରେଟ୍ ପ୍ରୋଟିନ୍ ,ହେଲ୍‌ଦି ଫ୍ୟାଟ୍ସ, ଭିଟାମିନ୍ ଏବଂ ମିନେରାଲ ଭଳି ନ୍ୟୁଟ୍ରିଆଣ୍ଟ୍ସ ଖାଦ୍ୟରେ ରହିବା ଜରୁରୀ। ଏଥିପାଇଁ ନିଜ ଡାଏଟ୍‌ରେ ପନୀର,କ୍ଷୀର,ଦହି ଆଦି ସାମିଲ କରିପାରିବେ। ଶାଗୁ, ଗଜା ମୁଗ,ଫ୍ରୁଟ୍ସ, ଡ୍ରାଏ ଫ୍ରୁଟ୍ସ ଆଦି ଖାଇପାରିବେ।

**ହାଲ୍‌କା ବ୍ୟାୟାମ କରନ୍ତୁ**
ଯଦି ଆପଣ ହେଭି ୱାର୍କଆଉଟ୍ କରୁଥାନ୍ତି ତେବେ ବ୍ରତ ଦିନ ହାଲକା ବ୍ୟାୟାମ କରିପାରନ୍ତି। କିନ୍ତୁ ଏହାର ପ୍ରତିକୂଳ ପ୍ରଭାବ ଯେମିତି ଶରୀର ଉପରେ ନ ପଡ଼େ ସେଥିପ୍ରତି ସତର୍କ ରୁହନ୍ତୁ। ଏହାଦ୍ୱାରା ଆପଣ ଆକ୍ଟିଭ୍ ରହିବା ସହ ଆପଣଙ୍କୁ ଫ୍ରେଶ୍ ବି ଲାଗିବ। ଯଦି କୌଣସ ଶାରୀରିକ ସମସ୍ୟା ଅଛି ତେବେ ଏକ୍ସରସାଇଜ୍ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଶ୍ଚିତ ନିଅନ୍ତୁ।

**ଆଭଏଡ୍ କରନ୍ତୁ**
ବ୍ରତ ସମୟରେ ଅଧିକ ସମୟ ପର୍ଯ୍ୟନ୍ତ ଉପବାସ ରୁହନ୍ତୁ ନାହିଁ। ଚା,କଫି,ସୋଡ଼ା,ଡ୍ରିଙ୍କ୍ସ କମ୍ ପିଅନ୍ତୁ। ବାରମ୍ବାର ଚା,କଫି ପିଇବା ଦ୍ୱାରା ଗ୍ୟାସ୍ ଏବଂ ଏସିଡିଟି ସମସ୍ୟା ଦେଖାଯିବା ଆଶଙ୍କା ରହିଛି। ଅଧିକ ଲୁଣ,ତେଲଜାତୀୟ ଖାଦ୍ୟ ଏବଂ ଅତ୍ୟଧିକ ମିଠା ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। କୌଣସି ବି ଫଳ ନ ଧୋଇ ଖାଆନ୍ତୁ ନାହିଁ।

**ଧ୍ୟାନରଖନ୍ତୁ**
ଯଦି ଆପଣଙ୍କୁ କୌଣସି ସ୍ୱାସ୍ଥ୍ୟ ସମସ୍ୟା ରହିଛି କିମ୍ବା ଆପଣ ଗର୍ଭବତୀ ଅଛନ୍ତି ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଫଳରେ ବ୍ରତ ସମୟରେ ସ୍ୱାସ୍ଥ୍ୟ ଯେପରି ଖରାପ ନ ହୁଏ ସେଥିପ୍ରତି ଧ୍ୟାନଦେବା ନିହାତି ଜରୁରୀ। କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଥିଲେ ବ୍ରତ ସମୟରେ ଏଥିପାଇଁ କି ପ୍ରକାର ସାବଧାନତା ଆବଶ୍ୟକ ସେ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ଫଳରେ ଏହି ସମୟରେ ସ୍ୱାସ୍ଥ୍ୟ ଯେପରି ଖରାପ ନ ହେବ ସେଥିପ୍ରତି ଯତ୍ନବାନ୍ ହେବା ଆବଶ୍ୟକ। ଆପଣ ଯଦି କୌଣସି ମେଡିସିନ୍ ଖାଉଛନ୍ତି ତେବେ ବ୍ରତ ଦିନ ଏହାକୁ ଖାଇବାକୁ ଭୁଲନ୍ତୁ ନାହିଁ। ଏହିଦିନରେ ମୁଣ୍ଡ ବୁଲାଉଥିଲେ କିମ୍ବା ବାନ୍ତି ଲାଗୁଥିଲେ ତୁରନ୍ତ ହାଲ୍‌କା ଖାଦ୍ୟ ଖାଆନ୍ତୁ ଏବଂ ଡାକ୍ତରଙ୍କୁ ସାକ୍ଷାତ କରନ୍ତୁ। ଏଠାରେ ଦିଆଯାଇଥିବା କଥାକୁ ଧ୍ୟାନରେ ରଖିଲେ ବ୍ରତ ଦିନ କୌଣସି ପ୍ରକାର ଅସୁବିଧା ହେବନାହିଁ।

## ଏମାନେ କ’ଣ କରନ୍ତି

### ଉପବାସ କରେନି



ଅଷ୍ଟମୀଦିନ ଭବାନୀପାଟଣାର ପ୍ରତ୍ୟକ୍ଷ ଦେବୀ ମା’ ମାଣିକେଶ୍ୱରୀଙ୍କ ଛତ୍ର ଯାତ୍ରା ହୁଏ। ଏହି ଦିନରେ ମୁଁ ଘରେ ପୂଜା କରେ। ସେଦିନ ମା’ଙ୍କୁ ନୂତନ ବସ୍ତ୍ର, ଚୁଡ଼ି, ଫଳମୂଳ ଆଦି ଅର୍ପଣ କରି ପୂଜା ଅର୍ଚ୍ଚନା କରେ। ଏହାପରେ ମନ୍ଦିରରୁ ଫେରି ମଣ୍ଡପକୁ ଯାଇ ମଧ୍ୟ ପୂଜା କରେ। ସେଠାରୁ ଫେରି ମୁଁ ଉପବାସ ନ ରହି ଘରେ ଅରୁଆ ଖାଇବା ସହିତ ଫଳମୂଳ ଖାଏ।

– **ସୁସ୍ମିତା ପାଣି** (ପ୍ରାଚୀ ବିହାର, ପଳାଶୁଣୀ, ଭୁବନେଶ୍ୱର)

### ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହେ



ମୁଁ ଅନେକ ଓଷାବ୍ରତ କରିଥାଏ। ଏହି ସମୟରେ ସେଗୁଡିକର ନୀତି ନିୟମକୁ ମାନିଥାଏ। ହେଲେ ଉପାସ ରହିବା ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ବେଶ୍ ଯତ୍ନବାନ୍ ରହେ। ନିୟମ ଅନୁସାରେ ଜୁସ୍, ଫଳମୂଳ ଖାଏ। ହେଲେ ଏପରି ଉପାସ କେବେ କରେନା, ଯାହାର ପ୍ରଭାବ ଶରୀର ଉପରେ ପଡିବ। ତେଣୁ ଏହି ସମୟରେ ଆମେ ନିଜ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସତର୍କ ରହିବା ଦରକାର।

–**ପ୍ରଣତି ପାଢ଼ୀ** (କଳିଙ୍ଗନଗର, ଘାଟିକିଆ, ଭୁବନେଶ୍ୱର)





ସୌନ୍ଦର୍ଯ୍ୟ

# ଗ୍ଲୋ ଆଣ୍ଡ ସଫ୍ଟ ସ୍କିନ୍

**ସଫ୍ଟ ଆଣ୍ଡ ଗ୍ଲୋଇଂ ସ୍କିନ୍ ପାଇବାକୁ ହେଲେ ପ୍ରପର କେୟାରର ମଧ୍ୟ ଆବଶ୍ୟକତା ରହିଛି। ଏଥିପାଇଁ କିଛି ହୋମ୍‌ମେଡ୍ ରିମେଡିଜ୍‌ର ବ୍ୟବହାର କରିପାରିବେ...**






❖ପ୍ରଥମେ ନିଜ ସ୍କିନ୍ ଟୋନ୍‌କୁ ଜାଣନ୍ତୁ। ଯଦି ଆପଣଙ୍କ ସ୍କିନ୍ ଅଏଲି ଅଛି ତେବେ ପ୍ରତିଦିନ ଅତିକମ୍‌ରେ ୨ଥର ଫେସ୍‌ୱାଶ କରନ୍ତୁ। ଏହାପରେ ଟୋନର ବ୍ୟବହାର କରନ୍ତୁ। ଏହି କଥାର ଧ୍ୟାନରଖନ୍ତୁ ଆପଣଙ୍କ ସ୍କିନ୍ ସବୁବେଳେ ସଫା ରହିବା ଆବଶ୍ୟକ। ସେତେବେଳେ ଆପଣଙ୍କ ସ୍କିନ୍ ଚମକ ଦେଖାଯିବ।

❖ଯଦି ଆପଣଙ୍କ ସ୍କିନ୍ ଡ୍ରାଏ ଅଛି, ତେବେ ତାକୁ ସ୍ପେଶାଲ କେୟାରର ଆବଶ୍ୟକତା ରହିଛି। ଏଥିପାଇଁ ଆପଣଙ୍କୁ କଦଳୀକୁ ଭଲଭାବେ ଚକଟି ପାଖାପାଖି ୨୦ମିନିଟ୍ ମୁହଁରେ ଲଗାଇ ରଖନ୍ତୁ। ଏହାପରେ ମୁହଁକୁ ଭଲଭାବେ ଧୋଇନିଅନ୍ତୁ। ଫଳରେ ଆପଣଙ୍କ ସ୍କିନ୍ ସଫ୍ଟ ରହିବ।

❖ନର୍ମାଲ ସ୍କିନ୍,ଅଏଲି ସ୍କିନ୍ ଥିବା ଝିଅ ହୁଅନ୍ତୁ କିମ୍ବା ମହିଳା ସପ୍ତାହରେ ୨ ଥର ନିଶ୍ଚିତ ସ୍କ୍ରବ୍ କରିବା ଆବଶ୍ୟକ। ଏହା ସହ ଫେସ୍‌ୱାଶ୍ ମଧ୍ୟ ଦୁଇଥର ଲଗାଇବା ଦରକାର। ସ୍କ୍ରବିଂ ଦ୍ୱାରା ମୁହଁରେ ଲାଗିଥିବା ଅପରିଷ୍କାର ଭଲଭାବେ ସଫା ହୋଇଥାଏ। ଫଳରେ ଚିହ୍ନ ଦାଗ କିଛି ମୁହଁରେ ରହି ନ ଥାଏ। ଆପଣ ଚାହିଁଲେ ହୋମ୍‌ମେଡ୍ ସ୍କ୍ରବ୍ ଏଥିପାଇଁ ଶୁଖାହୋଇଥିବା କମଳାଚୋପାର ପାଉଡରରେ କ୍ଷୀର ମିଶାଇ ସ୍କ୍ରବିଂ କରିପାରିବେ।

❖ଯେତେବେଳେ ବି ବାହାରକୁ ଯାଉଛନ୍ତି ସେତେବେଳେ ସନ୍‌ସ୍କ୍ରିନ୍ ଲୋସନ୍ ଲଗାଇବାକୁ ଭୁଲନ୍ତୁ ନାହିଁ। ସନ୍‌ସ୍କ୍ରିନ୍ ଲୋଶନ ଲଗାଇବା ଦ୍ୱାରା ଅଲ୍‌ଟ୍ରା ଭାଓଲେଟ୍ ରେ ସ୍କିନ୍ ଲାଗି କ୍ଷତିକାରକ ହୋଇଥାଏ। ଏହା ବ୍ୟତୀତ ସୂର୍ଯ୍ୟ କିରଣ ସ୍କିନକୁ ଟ୍ୟାନ୍ ମଧ୍ୟ କରିପାରେ। ଆପଣ ଚାହିଁଲେ କ୍ଷୀର କିମ୍ବା ଦହି ମଧ୍ୟ ମୁହଁରେ ଲଗାଇପାରିବେ।

# ସୁଜି ସ୍ୟାଣ୍ଡୱିଚ୍

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ**
ସିଝା ଆଳୁ ୩ଟି, ସୁଜି,ଚାଟ୍ ମସଲା, ଧନିଆ ପାଉଡର, କଶ୍ମୀରୀ ଚିଲି ପାଉଡର, ଜିରା ପାଉଡର,ଧନିଆଁପତ୍ର, ହଳଦୀଗୁଣ୍ଡ ,ଲୁଣ ଏବଂ ଘିଅ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ କିଛି ସିଝା ଆଳୁ ନିଅନ୍ତୁ। ତାକୁ ଭଲଭାବେ ଚକଟି ଦିଅନ୍ତୁ। ଏବେ ସେହି ଆଳୁରେ ଚାଟ୍ ମସଲା, ଧନିଆ ପାଉଡର, ଜିରା ପାଉଡର,କଶ୍ମୀରୀ ଚିଲି ପାଉଡର,ହଳଦୀ ପାଉଡରକୁ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଚକଟା ହୋଇଥିବା ଆଳୁକୁ ଚାରିକୋଣ ସେପ୍ ଦେଇ ରଖନ୍ତୁ। ବର୍ତ୍ତମାନ ଏବେ କଡ଼େଇରେ ଘିଅ ପକାନ୍ତୁ , ଏବେ ସେଥିରେ ଜିରା ଏବଂ ଧନିଆପତ୍ର ପକାନ୍ତୁ, ସେଥିରେ ସୁଜି ଏବଂ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ସେଥିରେ ଅଳ୍ପ ପାଣି ଦେଇ ତାକୁ ଗୋଳାନ୍ତୁ। ଏବେ ଏହି ଯନ୍ତନି ହେଲାପରେ ଏହାକୁ କାଢ଼ି ଦିଅନ୍ତୁ । ସେଥିରେ ଆଉ ଟିକେ ଘିଅ ଦେଇ ତାକୁ ଚକଟି ଦିଅନ୍ତୁ। ଏହି ଯନ୍ତନିକୁ ଚାରିକୋଣ କରିବା ପରେ ସେଥିରେ ଆଗରୁ ଚାରିକୋଣ ହୋଇଥିବା ଆଳୁ ଚକଟାକୁ ମଝିରେ ଦେଇ ତାକୁ ସ୍ୟାଣ୍ଡ ୱିଚ୍ ପ୍ରସ୍ତୁତ କରନ୍ତୁ। ପ୍ରଥମେ ତାୱାରେ କିଛି ଘିଅ ଦିଅନ୍ତୁ। ସେଥିରେ ଗୋଟିଏ ଗୋଟିଏ ଭଲଭାବେ ସେକନ୍ତୁ। ବର୍ତ୍ତମାନ ଏହାକୁ ଟମାଟୋ ସସ୍ ସହ ସହଖାଇପାରିବେ।





Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ